ବର୍ଷ-୨୫, ସଂଖ୍ୟା-୧୮୫
ଭୁବନେଶ୍ୱର
୧୨, ଜୁଲାଇ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 185
Bhubaneswar
12, July, 2025 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ବୁମରାଙ୍କୁ ୫ ୱିକେଟ

# ଆଜିଠୁ ଗଡ଼ିବ ଘରୋଇ ବସ୍

ପୁରୀ, ୧୧।୭ (ମହାଭାରତ): ଡ୍ରାଇଭର ମହାସଂଘର ଧର୍ମଘଟ ଯୋଗୁ ପୂରା ରାଜ୍ୟରେ ପ୍ରଭାବିତ ହୋଇଛି। ଯାତ୍ରୀ ପରିବହନ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାକୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଯାତ୍ରୀ ।ଏମିତିରେ ଡ୍ରାଇଭର ମହାସଂଘର ଆନ୍ଦୋଳନରେ ଆଉ ସାମିଲ ନହୋଇ ଶନିବାର ଠାରୁ ବସ୍ ଚଳାଚଳ ସ୍ୱାଭାବିକ କରିବାକୁ ନିଷ୍ପତ୍ତି ନେଇଛି। ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଏନେଇ ଡ୍ରାଇଭର ମହାସଂଘକୁ ସୂଚନା ଦିଆଯାଇଛି ଏବଂ ସରକାର ମଧ୍ୟ ସୁରକ୍ଷା ଯୋଗାଇଦେବେ ବୋଲି ସୂଚନା ଦେଇଛି ଘରୋଇ ମାଲିକ ସଂଘ।

ଓଡ଼ିଶା ବସ୍ ମାଲିକ ସଂଘର ସଭାପତି ଲୋକନାଥ ପାଣି କହିଛନ୍ତି, ଡ୍ରାଇଭର ସଂଘକୁ ଏନେଇ ଅବଗତ କରିଛୁ। ଧାରଣା ଗୋଟିଏ ଦିନରୁ ଚାରି ଦିନରେ ପହଞ୍ଚିଲାଣି। ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।




ଏଥିପାଇଁ ସାଧାରଣ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ କୌଣସି ଗାଡ଼ିକୁ ନଅଟକାଇବାକୁ ଡ୍ରାଇଭର ସଂଘକୁ ଅନୁରୋଧ ।

ସେ ଆହୁରି କହିଛନ୍ତି ଆଲୋଚନା ସଫଳ ହୋଇଥିବା ମନ୍ତ୍ରୀ କହିଥିଲେବି ଡ୍ରାଇଭରମାନେ ଲିଖିତ ପ୍ରତିଶ୍ରୁତିକୁ ନେଇ ଅଡ଼ି ବସିଛନ୍ତି। ଏଥିପାଇଁ ଆମେ ସରକାରଙ୍କୁ ମଧ୍ୟ ନିବେଦନ କରୁଛୁ ସେମାନଙ୍କୁ ଲିଖିତ ପ୍ରତିଶ୍ରୁତି ଦିଅନ୍ତୁ। ଡ୍ରାଇଭର ମହାସଂଘର ଆନ୍ଦୋଳନ ଜାରି ରହିବ ବୋଲି ଆଜି ଘୋଷଣା କରିଛି। କୌଣସି ବସ ଆଜି ବି ଚାଲୁ ନାହିଁ। ଦୂର ଦୁରାନ୍ତର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବେ ବସ ଚଳାଚଳ ସ୍ୱାଭାବିକ ହେବ ତାକୁ ନେଇ ଚିନ୍ତାରେ ଲୋକେ । ସେପଟେ ଅନେକ ଡ୍ରାଇଭର ଆଜି ବି ଅସନ୍ତୋଷ ଦେଖାଇଛନ୍ତି। ଗାଡି ନ ଚାଲିଲେ ଗାଡିର କିସ୍ତି ଦେଇ ହେଉନାହିଁ। ତେଣୁ ଗାଡି ଚଳାଇବାକୁ ଅନେକ ଡ୍ରାଇଭର ଓ ମାଲିକ ନିଷ୍ପତି ନେଇଛନ୍ତି। ଡ୍ରାଇଭର ସଂଘ ଦୁଇ ଫାଳ ହେବାର ଯଥେଷ୍ଟ ସମ୍ଭାବନା ରହିଥିବାର ସ୍ପଷ୍ଟ ହେଉଛି।

ସୂଚନାଯୋଗ୍ୟ, ୬ ଦଫା ଦାବିରେ ଗତ ମଙ୍ଗଳବାରଠାରୁ ଧାରଣରେ ବସିଛି। ଓଡ଼ିଶା ଡ୍ରାଇଭର ମହାସଂଘ ମଞ୍ଚ ପକ୍ଷରୁ ହୋଇଥିବା ୬ ଦଫା ଦାବି ଗୁଡ଼ିକ ହେଲା, ଓଡିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ ୱାର୍କର୍ ଲେଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ ଜନ ସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରାଯାଉ। ବୃତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯାଉ ।

## ୨୪ ଘଣ୍ଟାରେ ଦ୍ୱିତୀୟ ଥର ଥରିଲା ଉତ୍ତର ଭାରତ

ନୂଆଦିଲ୍ଲୀ, ୧୧।୭ (ମହାଭାରତ): ଦିଲ୍ଲୀରେ ଭୂମିକମ୍ପ ଝଟ୍‌କା ଅନୁଭୂତ ହୋଇଛି। ୨୪ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଥର ପାଇଁ ରାଜଧାନୀରେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ଏହାର ତୀବ୍ରତା ୩.୭ ଥିଲା ଏବଂ ଏହାର କେନ୍ଦ୍ରସ୍ଥଳ ହରିୟାଣାର ଝାଜର ଥିଲା ଗୁରୁବାର ଦିଲ୍ଲୀ-ଏନ୍‌ସିଆରରେ ଶକ୍ତିଶାଳୀ ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା। ଏହି ଭୂକମ୍ପ ସକାଳ ୯:୦୪ ସମୟରେ ଅନୁଭୂତ ହୋଇଥିଲା। ଏହାର ତୀବ୍ରତା ୪.୧ ଥିଲା ଏବଂ ଏହାର କେନ୍ଦ୍ରସ୍ଥଳ ହରିୟାଣାର ଝାଜ୍ଜର ହିଁ ଥିଲା। ହିମାଚଳ ପ୍ରଦେଶରେ ମୌସୁମୀ ବର୍ଷା ମଧ୍ୟରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ପାହାଡ଼ିଆ ଜିଲ୍ଲା ଚମ୍ବାରେ ଶୁକ୍ରବାର ସକାଳେ ଭୂକମ୍ପର ହାଲୁକା ଝଟକା ଅନୁଭୂତ ହୋଇଛି। ଭୂକମ୍ପର ତୀବ୍ରତା ରିକ୍ଟର୍ ସ୍କେଲରେ ୩.୫ ରହିଛି। ସକାଳ ୬ଟା ୨୩ମିନିଟ୍‌ରେ କିଛିସେକେଣ୍ଡ ପର୍ଯ୍ୟନ୍ତ ଅନୁଭବ ହୋଇଥିଲା।

# ଆଜି ୫୧ ହଜାର ନିଯୁକ୍ତିପତ୍ର ପ୍ରଦାନ କରିବେ ମୋଦୀ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧।୭ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ପ୍ରାୟ ୧୧ଟାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଓ ସଙ୍ଗଠନରେ ନବନିଯୁକ୍ତ ୫୧ ହଜାରରୁ ଅଧିକ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବିତରଣ କରିବେ। ଏହି ଅବସରରେ ସେ ନବନିଯୁକ୍ତଙ୍କୁ ସମ୍ବୋଧିତ କରିବେ। ଏଥିରେ ଓଡ଼ିଶାର ୨୦୦ ଆଶାୟୀଙ୍କୁ ନିଯୁକ୍ତିପତ୍ର ମିଳିବ।

ରୋଜଗାର ମେଳା, ରୋଜଗାର ସୃଜନକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ସମ୍ପୂର୍ଣ୍ଣ କରିବା ଦିଗରେ ଏକ ପଦକ୍ଷେପ । ରୋଜଗାର ମେଳା ଯୁବପିଢ଼ିକୁ ସଶକ୍ତ କରିବା ସହ ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଭାଗିଦାରୀ ସକାଶେ ସାର୍ଥକ ଅବସର ପ୍ରଦାନ କରିବା ପାଇଁ ଏକ ମହତ୍ୱପୂର୍ଣ୍ଣ ଭୂମିକା



ଗ୍ରହଣ କରିବ। ଦେଶବ୍ୟାପୀ ରୋଜଗାର ମେଳା ମାଧ୍ୟମରେ ଏ ପର୍ଯ୍ୟନ୍ତ ୧୦ ଲକ୍ଷରୁ ଅଧିକ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଷୋଡ଼ଶ ରୋଜଗାର ମେଳା ଦେଶବ୍ୟାପୀ ୪୭ଟି ସ୍ଥାନରେ ଆୟୋଜନ କରାଯିବ। ଏହି ନିଯୁକ୍ତି କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ପ୍ରଦାନ କରାଯାଉଛି। ଦେଶବ୍ୟାପୀ ଚୟନ ହୋଇଥିବା ଏହି ନୂତନ କର୍ମଚାରୀମାନେ ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ଡାକ ବିଭାଗ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଅର୍ଥ ସେବା ବିଭାଗ, ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ ସହିତ ଅନ୍ୟ ବିଭାଗ ଏବଂ ମନ୍ତ୍ରଣାଳୟ ଗୁଡ଼ିକରେ ଯୋଗଦେବେ। ପୂର୍ବତଟ ରେଳବାଇ ଦ୍ୱାରା ଆୟୋଜିତ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମରେ ୧୬ତମ ରୋଜଗାର ମେଳାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବେ।

# ଅନୁପ୍ରବେଶକାରୀଙ୍କ ପାଇଁ ରାଜନୀତି ସରଗରମ

ଭୁବନେଶ୍ୱର, ୧୧।୭ (ମହାଭାରତ): ବାଂଲାଦେଶୀ ଚିହ୍ନଟ ନେଇ ରାଜ୍ୟରେ ରାଜନୀତି ଆରମ୍ଭ ହୋଇଛି। ଓଡ଼ିଶାରେ ବାଂଲାଦେଶୀ ଚିହ୍ନଟ କରିବା ସରକାରଙ୍କ ଦାୟିତ୍ୱ ବୋଲି ବିଜେଡି କହିଥିବାବେଳେ ଜବାବ ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ବାଂଲାଦେଶ ଦେଶରୁ ଅନେକ ଅନୁପ୍ରବେଶ କାରୀ ପଶ୍ଚିମବଙ୍ଗ ଦେଇ ଅନୁପ୍ରବେଶ କରୁଛନ୍ତି। ଗୋଟେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକ ଅନୁପ୍ରବେଶ କରୁଛନ୍ତି। ଯେଉଁ ହିନ୍ଦୁ ଶିଖ ବୌଦ୍ଧ, ପାର୍ସୀ, ଖ୍ରୀଷ୍ଟିଆନ ଯେଉଁମାନେ ବାଂଲାଦେଶ ଓ ଆଫଗାନିସ୍ତାନରେ ନିର୍ଯ୍ୟାତନାର ଶିକାର ହେଉଛନ୍ତି ସେମାନଙ୍କୁ ଆଣିବା ପାଇଁ ଆଇନ ବି କରିଛୁ। କିନ୍ତୁ ଅନ୍ୟ ସମ୍ପ୍ରଦାୟର ଲୋକ ତୁମେ କାହିଁକି ଅନୁପ୍ରବେଶ କରି କି ଆସୁଛ। ସେମାନେ ଆସୁ ନାହାନ୍ତି ବରଂ ସେମାନଙ୍କୁ ଅଣା ଯାଉଛି ବୋଲି କହିଛନ୍ତି ସୁରେଶ ପୂଜାରୀ।



ମମତା ବାନାର୍ଜୀଙ୍କ ଟିଏମସି ଦଳ ସେମାନଙ୍କୁ ଆଣୁଛି ନିଜର ଭୋଟର କାୟା ବୃଦ୍ଧି କରିବା ପାଇଁ। ସେମାନଙ୍କୁ ରାସନ କାର୍ଡ ମଧ୍ୟ ଦେଉଛନ୍ତି ଓ ଆଧାର କାର୍ଡ କରୁଛି। ହିନ୍ଦୁ ମାନଙ୍କ ବିରୁଦ୍ଧରେ ଅପରାଧ କରାଉଛନ୍ତି। ଏମିତି ନ ହେଉ ପଶ୍ଚିମବଙ୍ଗରେ ମୂଳ ଭାରତୀୟ ନାଗରିକ ସେମାନେ ସଂଖ୍ୟା ଲଘୁ ହେଇ ନ ଯାଆନ୍ତୁ। ବେଙ୍ଗଲ ରେ ଟିଏମସି ସରକାର ଯାହା କରୁଛି ତାଙ୍କୁ ଭଗବାନ କି ଇତିହାସ କେବେ ବି କ୍ଷମା ଦେବେନି। ପଶ୍ଚିମବଙ୍ଗ ରେ ଆଜି ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ । ଯଦି ଆଜି ଆପଣ ବେଙ୍ଗଲ ଯିବେ ସୁରକ୍ଷିତ ଫେରିବେ କି ନାହିଁ ଠିକ ନାହିଁ। ଟିଏମସି ପ୍ରାୟୋଜିତ ଅନୁପ୍ରବେଶ କାରୀଆଣେ ଆତଙ୍କବାଦୀ କରୁଛନ୍ତି। ଆତଙ୍କବାଦୀ ତିଆରିର ଏନ୍ତୁଡ଼ି ଶାଳ ପାଲଟିଛି ପଶ୍ଚିମବଙ୍ଗ ।

ଓଡ଼ିଶାରେ ବାଂଲାଦେଶୀ ଚିହ୍ନଟ କରିବା ସରକାରଙ୍କ ଦାୟିତ୍ୱ ବୋଲି କହିଛନ୍ତି ବିଜେଡି ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ । ବାଂଲାଦେଶୀ ଭାରତକୁ ଅନୁପ୍ରବେଶ କଲେ କେମିତି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏହା ମାନେ ଆମେ ସୀମା ସୁରକ୍ଷିତ ନୁହେଁ। ଭାରତ ସରକାର କଣ କରୁଛନ୍ତି ? ଯଦି ଜଣେ ବାଂଲାଦେଶୀ ବେଆଇନ ଭାବରେ ଆମ ସୀମା ଅତିକ୍ରମ କରି ଆସିବା ଆମ ରାଷ୍ଟ୍ରୀୟ ସୁରକ୍ଷାର ଦୁର୍ବଳତା ବୋଲି ଧରି ନିଆଯିବ । ଯେ କୌଣସି ଦଳ ସରକାରରେ ଥାଉ ନା କାହିଁକି ଦେଶର ସୁରକ୍ଷାକୁ କୌଣସିମତେ କମ୍ପ୍ରମାଇଜ କରାଯିବ ନାହିଁ । ଭାରତର ସ୍ୱାର୍ଥକୁ ଏବଂ ସୁରକ୍ଷାକୁ ସୁରକ୍ଷା ଦେବା ଦାୟିତ୍ୱ ସରକାରଙ୍କର । ଓଡିଶାର ଅନେକ ସ୍ଥାନରେ ବାଂଲାଦେଶୀ ଅଛନ୍ତି ସରକାରଙ୍କ ଦାୟିତ୍ୱ ସେମାନଙ୍କୁ ଚିହ୍ନଟ କରିବା ।

## 'ଅସ୍ତ୍ର'ର ସଫଳ ପରୀକ୍ଷଣ

ବାଲେଶ୍ୱର, ୧୧।୭ (ମହାଭାରତ): ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ବାୟୁସେନା (ଆଇଏଏଫ)ର ମିଳିତ ଉଦ୍ୟମରେ ଆଜି ଦୃଶ୍ୟମାନ ପରିଧି ଠାରୁ ବାହାରେ ଆକାଶମାର୍ଗରୁ ଆକାଶମାର୍ଗକୁ ଲକ୍ଷ୍ୟ ଭେଦ କରିପାରୁଥିବା (ବିଭିଆରଏଏମ) ଅସ୍ତ୍ର କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ଏହି କ୍ଷେପଣାସ୍ତ୍ରରେ ସ୍ୱଦେଶୀ ଭାବେ ନିର୍ମିତ ରେଡିଓ ଫ୍ରିକ୍ୱେନ୍ସି ସିକର୍ ଲାଗିଛି। ଓଡ଼ିଶା ଉପକୂଳ ଚାନ୍ଦିପୁରଠାରେ ସୁ-୩୦ ଏମକେ-ଆଇ ଯୁଦ୍ଧ ବିମାନରେ ଏହି କ୍ଷେପଣାସ୍ତ୍ରର ବିମାନ ପରୀକ୍ଷଣ କରାଯାଇଥିଲା। ପରୀକ୍ଷଣ ସମୟରେ ଭିନ୍ନ ଭିନ୍ନ ସ୍ତର, ଦିଗ, ଉତକ୍ଷେପଣ ପରିସ୍ଥିତିରେ ଥିବା ଦୁଇଟି ମାନବବିହୀନ ଆକାଶମାର୍ଗ ଲକ୍ଷ୍ୟକୁ ଭେଦ କରିବା ଲାଗି ଦୁଇଟି କ୍ଷେପଣାସ୍ତ୍ରକୁ ପ୍ରୟୋଗ କରାଯାଇଥିଲା। ଉଭୟ କ୍ଷେତ୍ରରେ, କ୍ଷେପଣାସ୍ତ୍ରଗୁଡ଼ିକ ସମ୍ପୂର୍ଣ୍ଣ ସଠିକ ଭାବେ ଲକ୍ଷ୍ୟଗୁଡ଼ିକୁ ଧ୍ୱଂସ କରିଥିଲା।

# ୮୦୩ କୋଟିର ରେଳ ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର, ୧୧।୭ (ମହାଭାରତ): ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ "୮୦୨.୯ କୋଟି ମୂଲ୍ୟରେ କଟକ-ନିର୍ଗୁଣ୍ଡି ଚତୁର୍ଥ ରେଳ ଲାଇନ (୧୫.୯୯ କିଲୋମିଟର) ଏବଂ ନିର୍ଗୁଣ୍ଡି ଠାରେ ଏକ ରେଳ ଫ୍ଲାଏଓଭରକୁ ମଞ୍ଜୁରୀ ଦେଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଲକ୍ଷ୍ୟ ହେଉଛି ହାୱଡା-ଚେନ୍ନାଇ ମୁଖ୍ୟ ଲାଇନ ସେକ୍ସନ ଏବଂ କଟକ-ପାରାଦୀପ ସେକ୍ସନରେ ଟ୍ରେନ ପରିଚାଳନାର କ୍ଷମତା ଏବଂ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା।

ଓଡିଶାକୁ ଆଉ ଏକ ଭିତ୍ତିଭୂମି ପ୍ରୋତ୍ସାହନ ସ୍ୱରୂପ, ମାନ୍ୟବର ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ "୮୦୨.୯ କୋଟି ମୂଲ୍ୟରେ କଟକ- ନିର୍ଗୁଣ୍ଡି ଚତୁର୍ଥ ଲାଇନ (୧୫.୯୯ କିଲୋମିଟର) ଏବଂ ନିର୍ଗୁଣ୍ଡି ଠାରେ ଏକ ରେଳ ଫ୍ଲାଏଓଭରକୁ ମଞ୍ଜୁର କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଲକ୍ଷ୍ୟ ହେଉଛି ହାଓଡା-ଚେନ୍ନାଇ ମୁଖ୍ୟ ଲାଇନ ସେକ୍ସନ ଏବଂ କଟକ-ପାରାଦୀପ ସେକ୍ସନରେ ଟ୍ରେନ ପରିଚାଳନାର କ୍ଷମତା ଏବଂ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ



ବୃଦ୍ଧି କରିବା।କଟକ-ନିର୍ଗୁଣ୍ଡି ସେକ୍ସନ ହାଓଡ଼ା-ଚେନ୍ନାଇ ହାଇ-ଡେନସିଟି ନେଟୱାର୍କର ଏକ ଅଂଶୟ ପାରାଦୀପ ବନ୍ଦରରୁ କଟକରେ ମୁଖ୍ୟ ଲାଇନକୁ କ୍ରସିଂ କରୁଥିବାରୁ ଏହି କରିଡରରେ ବର୍ତ୍ତମାନ ଅଧିକ ଭିଡ଼ ପରିଲକ୍ଷିତ ହେଉଛି । ତାଳଚେର ଯିବା ପାଇଁ କଟକରେ କୌଣସି ସିଧାସଳଖ ଜଙ୍କସନ ବ୍ୟବସ୍ଥା ନଥିବାରୁ, ପୃଷ୍ଠ-ସ୍ତର କ୍ରସିଂ ଯୋଗୁଁ ଟ୍ରେନଗୁଡ଼ିକ ପ୍ରାୟତଃ ଦୀର୍ଘ ବିଳମ୍ବର ସମ୍ମୁଖୀନ ହେଉଛନ୍ତି।

**କଟକ-ନିର୍ଗୁଣ୍ଡି ଚତୁର୍ଥ ରେଳ ଲାଇନ ଓ ନିର୍ଗୁଣ୍ଡିରେ ହେବ ରେଳ ଫ୍ଲାଏଓଭର**

ଚତୁର୍ଥ ଲାଇନ ଏବଂ ରେଳ ଫ୍ଲାଏଓଭରକୁ ମୁଖ୍ୟ ଲାଇନ ରୁଟଗୁଡ଼ିକରୁ ପାରାଦୀପ ବନ୍ଦର ଯାଉଥିବା ଟ୍ରାଫିକକୁ ପୃଥକ କରି କରିଡରକୁ ଭିଡ଼ କମ କରିବା ପାଇଁ ଡିଜାଇନ୍ କରାଯାଇଛି, ବିଶେଷକରି କଟକ ଏବଂ ଢେଙ୍କାନାଳ ମଧ୍ୟରେ।ଏହି ପ୍ରକଳ୍ପ କଟକ ଏବଂ ଭୁବନେଶ୍ୱର ସେକ୍ସନରୁ ଆସୁଥିବା ଏବଂ ଯାଉଥିବା ମୁଖ୍ୟ ଲାଇନ ସେକ୍ସନରେ ଯାତ୍ରୀ ଏବଂ ମେଲ ଏକ୍ସପ୍ରେସ ଟ୍ରେନଗୁଡ଼ିକର ଅଟକ ହ୍ରାସ କରିବାରେ ସାହାଯ୍ୟ କରିବ।

ବର୍ତ୍ତମାନ ନିର୍ଗୁଣ୍ଡି ଠାରେ ମେଲ ଏକ୍ସପ୍ରେସରେ କ୍ରସିଂ ଯୋଗୁଁ ଟ୍ରେନଗୁଡ଼ିକ କେତେକ ସମୟରେ ପ୍ରତିବନ୍ଧକ ଯୋଗୁଁ ଅଟକ ରଖାଯାଏ। ଏହି ପ୍ରକଳ୍ପ କଟକଣାକୁ କମ କରିବ ଏବଂ ସେକ୍ସନରେ ଟ୍ରେନଗୁଡ଼ିକର ସମୟାନୁବର୍ତ୍ତୀତାକୁ ଉନ୍ନତ କରିବାରେ ଏବଂ ଅଧିକ କୋଚିଂ ଟ୍ରେନଗୁଡ଼ିକୁ ସୁଗମ ଭାବରେ ଚଳାଇବାରେ ସାହାଯ୍ୟ କରିବ।ଏହି ପ୍ରକଳ୍ପ ଏହି ସେକ୍ସନରେ କୋଚିଂ ଏବଂ ମାଲବାହୀ ଟ୍ରେନଗୁଡ଼ିକୁ ପୃଥକ କରିବାରେ ମଧ୍ୟ ସାହାଯ୍ୟ କରିବୟ ଏବଂ ମୁଖ୍ୟପଥ ବାଇପାସ୍ କରିବା ସମୟରେ ଟ୍ରେନଗୁଡ଼ିକ ବିଳମ୍ବ ହେବ ନାହିଁ।ଏହି ପ୍ରକଳ୍ପର ଅଂଶ ଭାବରେ ମହାନଦୀ ଏବଂ ବିରୂପାରେ ଦୁଇଟି ନଦୀ ସେତୁ ମଧ୍ୟ ନିର୍ମାଣ କରାଯିବ। ଫ୍ଲାଏଓଭର ସହିତ ଏହି ପ୍ରକଳ୍ପ ଲାଇନଟି କବଚ ସୁରକ୍ଷା ବୈଶିଷ୍ଟ୍ୟ ଏବଂ ୧୩୦ କିଲୋମିଟର ପ୍ରତି ଘଣ୍ଟା ବେଗ ସହିତ ୨ ଗୁଣା୨୫ କଠ ବିଦ୍ୟୁତୀକରଣ ସିଷ୍ଟମ ସହିତ ଡିଜାଇନ୍ କରାଯାଇଛି।

# ଓଡ଼ିଶାରେ ଜଳ, ଜଙ୍ଗଲ ଓ ଜମି ଆଦିବାସୀଙ୍କର ଥିଲା ଓ ରହିବ : ରାହୁଲ

## ସମ୍ବିଧାନ ବଞ୍ଚାଅ ସମାବେଶରେ ବିଜେପି ଓ ବିଜେଡିକୁ ସମାଲୋଚନା କଲେ

**ଭୁବନେଶ୍ୱର, ୧୧।୭ (ମହାଭାରତ):** ଓଡ଼ିଶାରେ ଲୋକଙ୍କ ଜଳ, ଜଙ୍ଗଲ ଓ ଜମି ଚୋରି ହେଉଛି। ପୂର୍ବରୁ ବିଜେଡ଼ି ଏହା କରୁଥିଲା, ଏବେ ବିଜେପି ସରକାର ତାହା ଜାରି ରଖିଛି। ଓଡ଼ିଶାରେ ଜଳ, ଜଙ୍ଗଲ ଓ ଜମି ଆଦିବାସୀଙ୍କର ଥିଲା ଓ ରହିବ। ଅନ୍ୟାୟ ବିରୋଧରେ ଜନତାଙ୍କୁ ଏକଜୁଟ ହେବାକୁ ଆଜି ବରମୁଣ୍ଡା ପଡ଼ିଆରେ କଂଗ୍ରେସ ପକ୍ଷରୁ ଆୟୋଜିତ 'ସମ୍ବିଧାନ ବଚାଓ ସମାବେଶ'ରେ ଯୋଗଦେଇ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଛନ୍ତି। ୨୦୨୪




ସାଧାରଣ ନିର୍ବାଚନ ପରେ ପ୍ରଥମ ଥର ଓଡ଼ିଶା ଗସ୍ତରେ ଆସି ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଓଡ଼ିଶା କଂଗ୍ରେସ ମନରେ ଜୋସ୍ ଭରିଛନ୍ତି।

ବରମୁଣ୍ଡା ପଡ଼ିଆରେ ଏକ ବିଶାଳ ଜନସଭାରେ ରାହୁଲ କହିଛନ୍ତି ଯେ, ସମ୍ବିଧାନ ଗରିବ, ଚାଷୀ ଓ ଶ୍ରମିକମାନଙ୍କ ରକ୍ଷା କରେ, ନା କି ଆଦାନୀ କିମ୍ବା ଅମ୍ବାନୀଙ୍କୁ। ବିଜେପି ସରକାର ସମ୍ବିଧାନ ଉପରେ ଆକ୍ରମଣ କରୁଛି। ମହାରାଷ୍ଟ୍ରରେ ନିର୍ବାଚନ ଚୋରି ହୋଇଛି। ବିହାରରେ ମଧ୍ୟ ଏହା କରିବାକୁ ଚେଷ୍ଟା ଚାଲିଛି,

ଓଡ଼ିଶାରେ ପୂର୍ବତନ ବିଜେଡ଼ି ସରକାର ଓ ବର୍ତ୍ତମାନର ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଓଡ଼ିଶାରେ ଲୋକଙ୍କ ଜଳ, ଜଙ୍ଗଲ ଓ ଜମି ଚୋରି ହେଉଛି। ପୂର୍ବରୁ ବିଜେଡ଼ି ଏହା କରୁଥିଲା, ଏବେ ବିଜେପି ସରକାର ତାହା ଜାରି ରଖିଛି। ସେ ଆଦାନୀଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, ଓଡ଼ିଶା ସରକାର ଆଦାନୀଙ୍କ ପାଇଁ କାମ କରୁଛି, ନା ସାଧାରଣ ଜନତାଙ୍କ ପାଇଁ। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମୟରେ ଆଦାନୀ ପରିବାର ପାଇଁ ରଥ ଅଟକାଇ ଦିଆଗଲା ବୋଲି ଅଭିଯୋଗ କରି କିନ୍ତୁ ଆମେ ଏହାକୁ ହେବାକୁ ଦେବୁ ନାହିଁ। ନିର୍ବାଚନ କମିଶନ ମଧ୍ୟ ବିଜେପିର ଇସାରାରେ କାମ କରୁଥିବା ଅଭିଯୋଗ କରି ସେ ଭୋଟର ତାଲିକା ଓ ଭିଡିଓ ମାଗିଥିବା କହିଛନ୍ତି, ଯାହାକି ଏପର୍ଯ୍ୟନ୍ତ ମିଳିନାହିଁ।

ବିଜେପି ସରକାରଙ୍କୁ କଟାକ୍ଷ କରିଛନ୍ତି। ଓଡ଼ିଶାରେ ୫ରୁ ୬ଟି କମ୍ପାନୀକୁ ସମସ୍ତ ସମ୍ପତ୍ତି ଟେକିଦିଆଯାଉଛି।

ରାହୁଲ ଗାନ୍ଧୀ ଓଡ଼ିଶାରେ ଆଦିବାସୀ ଓ ଚାଷୀଙ୍କ ଅଧିକାର ଉପରେ ଜୋର ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ଜଳ, ଜଙ୍ଗଲ ଓ ଜମି ଆଦିବାସୀଙ୍କର ଥିଲା ଓ ରହିବ। କିନ୍ତୁ ପେସା ଆଇନ ଲାଗୁ ନକରି ଆଦିବାସୀଙ୍କୁ ସେମାନଙ୍କ ଜମିରୁ ହଟାଇ ଦିଆଯାଉଛି। ବିକାଶ କେବଳ ୨-୩ ପ୍ରତିଶତ ଧନୀ ଲୋକ କିମ୍ବା ଅରବପତିଙ୍କ ପାଇଁ ନୁହେଁ, ବରଂ ଗରିବ ଓ ଚାଷୀଙ୍କୁ ନେଇ ହେବା ଉଚିତ। ସେ ମୋଦୀ ସରକାରଙ୍କ ଫସଲ ବୀମା ଯୋଜନାକୁ ସମାଲୋଚନା କରି କହିଛନ୍ତି ଯେ, ଏହା ଗରିବ ଚାଷୀଙ୍କ ଠାରୁ ପଇସା ନେଇ ବଡ଼ କମ୍ପାନୀଙ୍କୁ ଦେଉଛି, କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଚାଷୀଙ୍କୁ କୌଣସି ସହାୟତା ମିଳୁନାହିଁ।ରାହୁଲ ଗାନ୍ଧୀ ଓଡ଼ିଶାରେ ମହିଳା ନିର୍ଯ୍ୟାତନା ଓ ରୋଜଗାର ଅଭାବ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।

ସେ କହିଛନ୍ତି, ଓଡ଼ିଶାରେ ୪୦ ହଜାରରୁ ଅଧିକ ମହିଳା ନିଖୋଜ ହୋଇଛନ୍ତି ଏବଂ ପ୍ରତିଦିନ ୧୫ ଜଣ ମହିଳା ବଳାତ୍କାରର ଶିକାର ହେଉଛନ୍ତି। କିନ୍ତୁ ରାଜ୍ୟ ସରକାର ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ଏହି ସରକାର ୫-୬ ଜଣ କୋଟିପତିଙ୍କ ପାଇଁ କାମ କରୁଛି, ନା ସାଧାରଣ ଜନତାଙ୍କ ପାଇଁ କାର୍ଯ୍ୟ କରୁଛି ବୋଲି ସେ ପ୍ରଶ୍ନ କରିଛନ୍ତି।ରାହୁଲ ତେଲେଙ୍ଗାନାରେ କଂଗ୍ରେସ ସରକାର ଦ୍ୱାରା କରାଯାଇଥିବା ଜାତି ଜନଗଣନାର ସଫଳତାକୁ ଉଲ୍ଲେଖ କରି କହିଛନ୍ତି ଯେ, ଓଡ଼ିଶାରେ ମଧ୍ୟ ଜାତି ଜନଗଣନା କରାଯିବା ଉଚିତ, ଯାହା ଦଳିତ, ଆଦିବାସୀ ଓ ପଛୁଆ ବର୍ଗଙ୍କୁ ସେମାନଙ୍କ ଅଧିକାର ପ୍ରଦାନ କରିବ। ସେ ଓଡ଼ିଶା କଂଗ୍ରେସ ନେତା ଭକ୍ତ ଦାସ ଓ ଅଜୟ ଲଲୁଙ୍କୁ ଜନତାଙ୍କୁ ଜାତି ଜନଗଣନାର ଗୁରୁତ୍ୱ ବୁଝାଇବାକୁ ନିର୍ଦ୍ଦେଶ ଦେବା ସହ ଏହା ଆମ ପାଇଁ ବଡ଼ ଅସ୍ତ୍ର ବୋଲି କହିଛନ୍ତି।

ରାହୁଲ ଗାନ୍ଧୀ ଓଡ଼ିଶା ଡ୍ରାଇଭର ମହାସଂଘର ଆନ୍ଦୋଳନକୁ ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ, ବିଜେପି ସରକାର ଡ୍ରାଇଭର ସଂଘ ଉପରେ ଚାପ ପକାଇ ସେମାନଙ୍କୁ ଡରାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ସେମାନେ କଂଗ୍ରେସର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି। ସେ ଡ୍ରାଇଭର ସଂଘର ସମସ୍ତ ଦାବି ପୂରଣ ହେବା ଉଚିତ ବୋଲି କହିଛନ୍ତି।

ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ସମ୍ବିଧାନ ବଂଚାଅ ସମାବେଶରେ ଯୋଗ ଦେବା ଅବସରରେ ରାଜ୍ୟ ସରକାରଙ୍କ ଉପରେ ଖୁବ୍ ବର୍ଷିଛନ୍ତି। ସେ କହିଛନ୍ତି ଗଞ୍ଜାମରେ ଦଳିତଙ୍କୁ ଆକ୍ରମଣ ହୋଇଛି। କଣ ଏ (ପୃ-୩)

# 'ସମ୍ବିଧାନ ବଞ୍ଚାଅ' ନୁହେଁ 'କଂଗ୍ରେସ ବଞ୍ଚାଅ'ର ସମାବେଶ ଥିଲା

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧।୭ (ମହାଭାରତ): ଓଡ଼ିଶାରେ କଂଗ୍ରେସର କୌଣସି ଅସ୍ତିତ୍ୱ ନାହିଁ । ରାହୁଲ ଗାନ୍ଧୀ "ଚାଲି ନ ଜାଣି ବାଟର ଦୋଷ" ଭଳି କଥା କହୁଛନ୍ତି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ଭୁବନେଶ୍ୱରରେ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ଦ୍ୱାରା ଆୟୋଜିତ 'ସମ୍ବିଧାନ ବଞ୍ଚାଅ' ରାଲି ପ୍ରକୃତରେ କଂଗ୍ରେସର ରାଜକୁମାରଙ୍କ ଆଉ ଏକ ରାଜନୈତିକ ପର୍ଯ୍ୟଟନ ଥିଲା । ଏହା 'ସମ୍ବିଧାନ ବଞ୍ଚାଅ' ନୁହେଁ ବରଂ 'ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ବଞ୍ଚାଅ'ର ସମାବେଶ ଥିଲା ।



ଓଡ଼ିଶାରେ ବିଜେପି ସରକାର ପ୍ରତି ଲୋକଙ୍କ ଅତୁଟ ବିଶ୍ୱାସ କଂଗ୍ରେସ ପାଇଁ ସମସ୍ୟା ସୃଷ୍ଟି କରିଛି । ଓଡ଼ିଶାରେ କଂଗ୍ରେସର କୌଣସି ଅସ୍ତିତ୍ୱ ନାହିଁ । ରାଜ୍ୟର ଗରିବ, ଦଳିତ, ଜନଜାତି, ଚାଷୀ ଏବଂ ଶ୍ରମିକମାନେ ଦଶନ୍ଧି ପୂର୍ବରୁ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିଥିଲେ । ଏପରି ପରିସ୍ଥିତିରେ, ଓଡ଼ିଶାର ଗରିବଙ୍କ କଲ୍ୟାଣ ବିଷୟରେ ରାହୁଲ ଗାନ୍ଧୀଙ୍କ କଥା ପ୍ରତାରଣା ବ୍ୟତୀତ ଆଉ କିଛି ନୁହେଁ । କଂଗ୍ରେସ ସର୍ବଦା ଗରିବ ଏବଂ ଦୁର୍ବଳ ବର୍ଗର ଅଧିକାରକୁ ଅଣଦେଖା କରିଆସିଛି । କଂଗ୍ରେସ ସରକାର ଦ୍ୱାରା ଦିଲ୍ଲୀରୁ ପଠାଯାଉଥିବା ଟଙ୍କା ମଧ୍ୟସ୍ଥିଙ୍କ ଦ୍ୱାରା ଲୁଟ କରାଯାଉଥିଲା । ଏସସି, ଏସଟି ଏବଂ ପଛୁଆ ବର୍ଗର ଅଧିକାର ଅପେକ୍ଷା ସେମାନଙ୍କ ଭୋଟ୍ ବ୍ୟାଙ୍କକୁ କଂଗ୍ରେସ ଗୁରୁତ୍ୱ ଦେଉଥିଲା । ସ୍ପଷ୍ଟ ଶବ୍ଦରେ କୁହାଯାଇପାରିବ ଯେ ଗରିବ ଲୋକଙ୍କ ହକ୍ ଏବଂ ଜନଜାତିଙ୍କ ଜମି ସେବେ ପର୍ଯ୍ୟନ୍ତ ସୁରକ୍ଷିତ, ଯେଉଁ ପର୍ଯ୍ୟନ୍ତ କଂଗ୍ରେସ କ୍ଷମତାକୁ ଆସିନାହିଁ ।

ମହାରାଷ୍ଟ୍ର ଏବଂ ହରିୟାଣା ଭଳି ରାଜ୍ୟରେ କଂଗ୍ରେସ ଦଳ ବଡ ପରାଜୟର ସାମ୍ନା କରିଛି । ଏହା ପରେ ବି ଲୋକମତକୁ ସମ୍ମାନ ନ ଦେଇ ରାହୁଲ ଗାନ୍ଧୀ ଏବଂ ଖଡଗେ ସେମାନଙ୍କ ପରାଜୟ ପାଇଁ ନିର୍ବାଚନ କମିଶନ ଏବଂ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ଦାୟୀ କରୁଛନ୍ତି । ଗଣତନ୍ତ୍ରର କଣ୍ଠରୋଧ ସହ ସମ୍ବିଧାନକୁ କ୍ଷୁର୍ଣ୍ଣ କରି ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିବା ସେହି କଂଗ୍ରେସ ଦଳ ସମ୍ବିଧାନକୁ ବଞ୍ଚାଇବାର ଅପପ୍ରଚାର କରୁଛି, ଯାହା ଆଶ୍ଚର୍ଯ୍ୟର ବିଷୟ । ରାହୁଲ ଗାନ୍ଧୀ "ଚାଲି ନ ଜାଣି ବାଟର ଦୋଷ" ଭଳି କଥା କହୁଛନ୍ତି । ବାରମ୍ବାର ନିର୍ବାଚନ ପରାଜୟ ପରେ ବିହାରର ଆଗାମୀ ନିର୍ବାଚନରେ ପରାଜୟକୁ ଦୃଷ୍ଟିରେ ରଖି କଂଗ୍ରେସ ଦଳ ପୁଣି ଥରେ 'ଭୋଟ ଚୋରି'ର ନୂଆ ସ୍ଲୋଗାନ ଆରମ୍ଭ କରିଛି । ଓଡ଼ିଶା ସମେତ ଦେଶର ଜନତା ଏବେ କଂଗ୍ରେସ ଏବଂ ରାହୁଲ ଗାନ୍ଧୀଙ୍କ ପ୍ରତ୍ୟେକ ଚାଲ୍ ଏବଂ ଛଳନାକୁ ଚିହ୍ନିପାରିଛନ୍ତି। ଭବିଷ୍ୟତରେ ମଧ୍ୟ ପ୍ରତ୍ୟେକ ନିର୍ବାଚନରେ ଲୋକମାନେ ଏପରି ଜନବିରୋଧୀ ଏବଂ ସମ୍ବିଧାନ ବିରୋଧୀ ଲୋକଙ୍କୁ ଉଚିତ ଜବାବ ଦେବେ ବୋଲି ସେ ମତପ୍ରକାଶ କରିଛନ୍ତି ।





କେନ୍ଦ୍ର ସରକାରରେ ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କର ପିତା, ସ୍ୱର୍ଗତ ଦାଉଲାଲ ବୈଷ୍ଣବ ଜୀଙ୍କ ସ୍ମୃତିରେ ଆୟୋଜିତ ପ୍ରାର୍ଥନା ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

## ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



ଖବର

# ଛାଡ଼ପତ୍ର ପରେ ଏବେ ବିଗ୍ ବସ୍ ଯିବେ ଧନଶ୍ରୀ



ସୁପରଷ୍ଟାର ସଲମାନ ଖାନଙ୍କ ବିବାଦୀୟ ସୋ' ବିଗ୍ ବସର ଏବେ ଏକ ନୂତନ ସିଜିନ୍ ଆରମ୍ଭ ହେବାକୁ ଯାଉଛି। ପ୍ରତି ବର୍ଷ ଏବର୍ଷ ମଧ ବିଗ୍ ବସ୍ ଧାର୍ଯ୍ୟ ସମୟରେ ଆରମ୍ଭ ହେବ। ଏହି ସୋ'ର ପ୍ରଶଂସକମାନେ ଏବେ ଏହାର ପ୍ରିମିୟର ପାଇଁ ଅପେକ୍ଷା କରି ବସିଛନ୍ତି। ଏମଧ୍ୟରେ ସୋ'ର ପ୍ରତିଯୋଗୀମାନଙ୍କୁ ନେଇ ପ୍ରତିଦିନ ନୂଆ ନୂଆ ଅପଡେଟ୍ ଆସୁଛି। ରିପୋର୍ଟ ଅନୁଯାୟୀ, ଏଥର ବଲିଉଡ୍, ଟିଭି ଏବଂ ଅନେକ ସୋସିଆଲ ମିଡିଆ ଷ୍ଟାର ବିଗ୍ ବସ୍ରେ ନଜର ଆସିବେ।କୁହାଯାଉଛି ଯେ, ସୋ'ର ନିର୍ମାତାଙ୍କ ଦ୍ୱାରା ଭାରତର ଷ୍ଟାର କ୍ରିକେଟରଙ୍କ ପୂର୍ବ ପତ୍ନୀଙ୍କୁ ମଧ ଯୋଗାଯୋଗ କରାଯାଇଛି। ବିଗ୍ ବସ୍ ୧୯ ପାଇଁ ୟୁଜଭେନ୍ଦ୍ର ଚହଲଙ୍କ ପୂର୍ବ ସ୍ତ୍ରୀ ଧନଶ୍ରୀ ବର୍ମାଙ୍କ ସହିତ ଯୋଗାଯୋଗ କରାଯାଇଥିବା ସାମ୍ନାକୁ ଆସିଛି। ୟୁଜଭେନ୍ଦ୍ର ଚହଲ ଏବଂ ଧନଶ୍ରୀ ବର୍ମାଙ୍କର ଏହି ବର୍ଷ ଆଇପିଏଲ ପୂର୍ବରୁ ଛାଡପତ୍ର ନିଶ୍ଚିତ ହୋଇଥିଲା। ଛାଡପତ୍ର ପରେ ୟୁଜଭେନ୍ଦ୍ର ଚହଲ, ଆରଜେ ମହବେସଙ୍କୁ ଡେଟ୍ କରୁଛନ୍ତି। ଉଭୟଙ୍କୁ ପ୍ରାୟତଃ ଏକାଠି ଦେଖିବାକୁ ମିଳୁଛି। ଏପରି ପରିସ୍ଥିତିରେ, ଯଦି ଧନଶ୍ରୀ ବିଗ୍ ବସ୍ରେ ପ୍ରବେଶ କରନ୍ତି, ତେବେ ସଲମାନ ଖାନଙ୍କ ସୋ'ର ଟିଆରପି ବିବା ନିଶ୍ଚିତ।ଯଦି ଧନଶ୍ରୀ ସୋ' କରିବାକୁ ରାଜି ହୁଅନ୍ତି ତେବେ ତାଙ୍କ ବ୍ୟକ୍ତିଗତ ଜୀବନ ସହ ଜଡିତ ଆହୁରି ଅନେକ ଗୁପ୍ତ କଥା ଉନ୍ମୋଚିତ ହେବ। ଏହା ସହିତ, ତାଙ୍କ ପ୍ରଶଂସକମାନେ ଜାଣିପାରିବେ ଯେ, ଧନଶ୍ରୀ ବାସ୍ତବ ଜୀବନରେ କିପରିୟ କେବଳ ଏତିକି ନୁହେଁ, ସେ କାହିଁକି ୟୁଜଭେନ୍ଦ୍ର ଚହଲଙ୍କଠାରୁ ଛାଡପତ୍ର ନେଇଥିଲେ ସେ ବିଷୟରେ ମଧ ବହୁତ କିଛି ଜଣାପଡ଼ିବ।

## ଚନ୍ଦନ ତେଲ, ପାଉଡର୍‌ର ରହିଛି ୫ଟି ଲାଭ

ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ ଚନ୍ଦନ ବହୁତ ଭଲ । ଚନ୍ଦନ ପାଉଡର ଓ ତେଲରେ ୧୨୫ ପ୍ରକାର ତତ୍ତ୍ୱ ରହିଛି,ଯାହା ତ୍ୱଚାକୁ ସୁନ୍ଦର କରିବା ପାଇଁ ସାହାଯ୍ୟ କରିଥାଏ । ତେଣୁ ସମସ୍ତ ପ୍ରକାର ବିୟୁଟି ପ୍ରଡକ୍ଟରେ ଚନ୍ଦନକୁ ଉପଯୋଗ କରାଯାଇଥାଏ । ତେବେ ଆସନ୍ତୁ ଜାଣିବା ଚନ୍ଦନ ତେଲ ଓ ପାଉଡର ବ୍ୟବହାର କଲେ, କେଉଁସବୁ ଲାଭ ମିଳିଥାଏ।

■ ଚନ୍ଦନ ପ୍ରାକୃତିକ ଭାବରେ ଥଣ୍ଡା ପ୍ରଦାନ କରିଥାଏ । ତେଣୁ ଏହାର ଲେପ ମୁହଁରେ ଲଗାଇଲେ, ତ୍ୱଚାରେ ହେଉଥିବା ଜଳାପୋଡା ଭଲ ହୋଇଥାଏ । ଏହାର ବାସ୍ନାରେ ମାନସିକ ଶାନ୍ତି ମିଳିଥାଏ ।

■ ଯେଉଁମାନେ କଥା କଥାରେ ରାଗି ଯାଇଥାନ୍ତି, ସେମାନଙ୍କୁ ଚନ୍ଦନ ଟିକା ଲଗାଇବା ପାଇଁ ପରାମର୍ଶ ଦିଆଯାଇଥାଏ । କାରଣ ଆମ ଶରୀରରେ ଥିବା ୭ଟି ଚକ୍ର ମଧ୍ୟରୁ ଗୋଟିଏ ଶକ୍ତିଶାଳୀ ଚକ୍ର ଦୁଇ ଆଇବ୍ରୋ ମଝିରେ ରହିଛି । ତେଣୁ ସେହି ସ୍ଥାନରେ ଚନ୍ଦନ ଲଗାଇଲେ ମନ ଓ ମସ୍ତିଷ୍କ ଶାନ୍ତ ରହିଥାଏ ।

■ ଆଖିର ଆଖପାଖ ତ୍ୱଚାକୁ ସୁନ୍ଦର କରିବା ପାଇଁ ଏହାର ଚାରିପଟେ ଚନ୍ଦନ ଓ ମହୁର ଲେପ ଲଗାନ୍ତୁ ।

■ ଡ୍ରାଏନେସ୍ ଯୋଗୁ ତ୍ୱଚାରେ କୁଞ୍ଚନ ପଡିବା ସହ ତ୍ୱଚା ଢିଲା ହୋଇଯାଏ । ଚନ୍ଦନ ଡ୍ୟାମେଜ ସେଲକୁ ରିପାୟାର କରିବାର କାର୍ଯ୍ୟ କରିଥାଏ । ଏହାର ବାସ୍ନା ବ୍ରେନ୍ ସେଲକୁ ରିଲାକ୍ସ କରିଥାଏ ।

■ ଚନ୍ଦନ ପାଉଡରରେ ଆଣ୍ଟି-ବ୍ୟାକ୍ଟେରିଆ ଗୁଣ ରହିଛି । ତେଣୁ ଏହାକୁ ଲଗାଇବା ଦ୍ୱାରା ସ୍କିନରେ ବ୍ୟାକ୍ଟେରିଆ ସକ୍ରିୟ ହୁଅନ୍ତି ନାହିଁ । ଏହି ପାଉଡର ମୁହଁର ତ୍ୱଚାକୁ ଅଏଲ ଫ୍ରି ମଧ୍ୟ ରଖୁଥିବାରୁ ବ୍ରଣ ସମସ୍ୟା ଦେଖା ଦିଏ ନାହିଁ ।

# ଘରେ ଲଗାନ୍ତୁ ୭ଟି ଦୌଡୁଥିବା ଧଳା ଘୋଡାର ଫଟୋ



ଅନେକ ଥର, ବହୁତ ପରିଶ୍ରମ କରିବା ପରେ ମଧ ସଠିକ୍ ଫଳ ମିଳିନଥାଏ। ଏହା ପଛର କାରଣ ଘରର ବାସ୍ତୁ ଦୋଷ ହୋଇଥାଏ। ଏହି କାରଣରୁ, ସଫଳତା ଏବଂ ପ୍ରଗତିର ପଥରେ ବାଧା ଆସିବା ସହିତ ଘରେ ଚିନ୍ତା ବୃଦ୍ଧି ପାଇବାରେ ଲାଗିଥାଏ। କିନ୍ତୁ ଆପଣ ଏହାକୁ ଅତି ସରଳ ଉପାୟରେ ଠିକ୍ କରିପାରିବେ। ବାସ୍ତୁ ଶାସ୍ତ୍ରରେ ୭ ଅଙ୍କ ବିଶିଷ୍ଟ ଧଳା ଘୋଡାମାନଙ୍କର ବିଶେଷ ଗୁରୁତ୍ୱ ରହିଛି। ତେଣୁ, ଘରେ ସାତ ଅଙ୍କ ବିଶିଷ୍ଟ ଧଳା ଘୋଡାର ଫଟୋ ଲଗାଇବା ଦ୍ୱାରା, ବାସ୍ତୁ ତ୍ରୁଟି ଦୂର ହେବା ସହିତ ଜୀବନର ଅନେକ ସମସ୍ୟାରୁ ମୁକ୍ତି ପାଇପାରିବେ। ତେବେ ଆସନ୍ତୁ ଜାଣିବା ଏହା ବିଷୟରେ ବିସ୍ତୃତ ଭାବରେ

ବାସ୍ତୁରେ ୭ ଅଙ୍କର ମହତ୍ତ୍ୱ :ବାସ୍ତୁ ଶାସ୍ତ୍ରରେ ୭ ଅଙ୍କକୁ ବହୁତ ଗୁରୁତ୍ୱ ଦିଆଯାଇଥାଏ । ଏହାକୁ ଶୁଭର ପ୍ରତୀକ ଏବଂ ଫଳପ୍ରଦ ଭାବରେ ବିବେଚନା କରାଯାଏ। ଏଥି ସହିତ, ୭ ର ସଂଖ୍ୟା ମଧ ସପ୍ତ ଋଷି, ଇନ୍ଦ୍ର ଧନୁର ସାତୋଟି ରଙ୍ଗ, ସାତ ଘେରା ବୁଲିବା ଇତ୍ୟାଦି ସହିତ ଜଡିତ। ତେଣୁ ଏହାକୁ ବହୁତ ଶୁଭ ବୋଲି ବିବେଚନା କରାଯାଏ । ତେବେ ଚାଲନ୍ତୁ ଜାଣିବା ସାତଟି ଧଳା ଘୋଡାର ଫଟୋ ରଖିବାର ଫାଇଦା

ସଫଳତା ଏବଂ ପ୍ରଗତି ଆଣିଥାଏ : ବାସ୍ତୁ ଅନୁଯାୟୀ, ଦୌଡୁଥିବା ଘୋଡା ସଫଳତା, ଗତି ଏବଂ ଶକ୍ତିର ପ୍ରତୀକ ହୋଇଥାଏ । ତେଣୁ ଏହାର ଫଟୋକୁ ଘରେ ଲଗାଇବା ଦ୍ୱାରା ପ୍ରଗତି ଏବଂ ସଫଳତାର ପଥ ଖୋଲିଥାଏ । ଆହୁରି ମଧ, ଘରେ ସୁଖ, ସମୃଦ୍ଧତା ଏବଂ ଶାନ୍ତିର ବାସ ହୋଇଥାଏ।

କାର୍ଯ୍ୟ କ୍ଷେତ୍ରରେ ମିଳିବ ସଫଳତା : ଆପଣଙ୍କ କାର୍ଯ୍ୟ କ୍ଷେତ୍ରରେ ଦୌଡୁଥିବା ୭ ଟି ଧଳା ଘୋଡାର ଫଟୋ ରଖନ୍ତୁ । ଏହା ବ୍ୟବସାୟ ଅଭିବୃଦ୍ଧିରେ ସାହାଯ୍ୟ କରିବ। ଯଦି ଆପଣ ଘରେ କାମ କରୁଛନ୍ତି, ତେବେ ଏହି ଫଟୋକୁ ଘରର ପୂର୍ବ କାନ୍ଥରେ ଲଗାନ୍ତୁ। ଅଫିସ୍ ଏବଂ ଦୋକାନର ଦକ୍ଷିଣ ଦିଗରେ ଏହି ଫଟୋ ରଖନ୍ତୁ ।

ଆର୍ଥିକ ସମସ୍ୟା ହେବ ଦୁର : ଘରେ ଏପରି ସ୍ଥାନରେ ଦୌଡୁଥିବା ୭ଟି ଘୋଡାର ଫଟୋ ଲଗାନ୍ତୁ ଯେପରି ଏହା ସମସ୍ତଙ୍କୁ ଦେଖାଯାଉଥିବ। ଏହା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହେବା ସହିତ ଘରେ ସୁଖ, ସମୃଦ୍ଧି ବୃଦ୍ଧି ହୋଇଥାଏ।

# ଚତୁର୍ମାସ୍ୟା ଓ ଅଶୁଦ୍ଧକାଳ



ଶ୍ରାବଣ, ଭାଦ୍ରବ, ଆଶ୍ୱିନ ଓ କାର୍ତ୍ତିକ- ଏହି ଚରିମାସକୁ ଚତୁର୍ମାସ୍ୟା ବା ସଂସ୍କୃତରେ ଚତୁର୍ମାସ୍ୟ କୁହାଯାଏ। ଆଷା ପୂର୍ଣ୍ଣିମା ଦିନରୁ ହିଁ ଶ୍ରାବଣ କୃଷ୍ଣ ପ୍ରତିପଦ ଆରମ୍ଭ ହୁଏ। ତେଣୁ ଆଷା ପୂର୍ଣ୍ଣିମାରୁ କାର୍ତ୍ତିକ ପୂର୍ଣ୍ଣିମା ଯାଏ ଚତୁର୍ମାସ୍ୟ ପାଳନ ହୁଏ। ଆଷାଢ଼ ଶୁକ୍ଳ ଏକାଦଶୀକୁ ଦେବଶୟନୀ ବା ହରିଶୟନୀ ଏକାଦଶୀ କୁହାଯାଏ। ଯଶୋବନ୍ତ ଦାସ ତାଙ୍କ ପ୍ରେମଭକ୍ତି ଗୀତାରେ ଲେଖିଛନ୍ତି- ''ଏମନ୍ତେ ଚତୁର୍ମାସ୍ୟା ହୋଇ। ଶୟନଯାତ୍ରା ସେ ଭିଆଇୟ ଏହିଦିନଠାରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ବିଷ୍ଣୁ ଯୋଗନିଦ୍ରାରେ ଶୟନ କରନ୍ତି। ତେଣୁ ଏହି ଚରିମାସ ବିବାହ, ବ୍ରତ, ଗୃହପ୍ରତିଷ୍ଠା ଆଦି କେଣସି ଶୁଭକାର୍ଯ୍ୟ ହୁଏ ନାହିଁୟ ଚତୁର୍ମାସ୍ୟା ଓ ହରିଶୟନକୁ ଅଶୁଦ୍ଧକାଳ ଭାବେ ଗଣନା କରାଯାଏ। ଏହି ଚରିମାସ ନିଜ ଘରେ ବା କେଣସି ତୀର୍ଥସ୍ଥାନରେ ରହି ଜପ, ଧ୍ୟାନ, ଯୋଗ, ପ୍ରାଣାୟାମ ଆଦି କରିବା ପାଇଁ ଉପଯୁକ୍ତ ସମୟ। ସାଧୁସ୍ୟମାନେ ତୀର୍ଥସ୍ଥାନରେ ରହି ଜପତପ, ହବିଷ୍ୟଭୋଜନ-ପୂର୍ବକ ଚତୁର୍ମାସ୍ୟ ବ୍ରତ ପାଳନ କରନ୍ତି।ତେବେ ଏ ଚତୁର୍ମାସ୍ୟା ତିନି ପ୍ରକାର- ଆଷା ଶୁକ୍ଳ ଏକାଦଶୀରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ (ମଝିରେ ଯୋଡ଼ାମାସ ଥିଲେ ଶ୍ରାବଣ ଶୁକ୍ଳ ଏକାଦଶୀରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ), ଆଷା ପୂର୍ଣ୍ଣିମାରୁ କାର୍ତ୍ତିକ ପୂର୍ଣ୍ଣିମା (ଯୋଡ଼ାମାସ ଥିଲେ ଶ୍ରାବଣ ପୂର୍ଣ୍ଣିମାରୁ କାର୍ତ୍ତିକ ପୂର୍ଣ୍ଣିମା) ଏବଂ କର୍କଟ ସଂକ୍ରାନ୍ତିରୁ ବିଛା ସଂକ୍ରାନ୍ତି। ଯେଉଁଠି ଯେପରି ପରମ୍ପରା ସେମାନେ ସେପରି ପାଳନ କରିବେ। ଆମ ଓଡ଼ିଶାରେ ମୁଖ୍ୟତଃ ଏକାଦଶୀରୁ ଏକାଦଶୀ ଗ୍ରହଣ କରାଯାଏ। ମାର୍ଗଶିର ମାସକୁ ଛାଡ଼ିଦେଲେ ଦକ୍ଷିଣାୟନ (କର୍କଟ ସଂକ୍ରାନ୍ତିରୁ ମକର ସଂକ୍ରାନ୍ତି)ରେ ମଧ କେଣସି ଶୁଭକର୍ମ କରାଯାଏ ନାହିଁ। ଅନେକେ ଭାବନ୍ତି ଏ ଚତୁର୍ମାସ୍ୟା ହେଉଛି ଅଶୁଭ ସମୟ। ପ୍ରକୃତରେ ଏହା ଅଶୁଭ ସମୟ ନୁହେଁ- କେବଳ ବିବାହାଦି ପାଇଁ ଏହାକୁ ଅଶୁଦ୍ଧକାଳ ଭାବେ ବର୍ଜନ କରାଯାଏ। ଯୋଗସାଧନା, ପୁଣ୍ୟଅର୍ଜନ ଓ ଆଧ୍ୟାତ୍ମିକ ଉନ୍ନତି ପାଇଁ ଏହା ପ୍ରକୃଷ୍ଟ ସମୟୟ ଏହି ଚରିମାସ ଭିତରେ ଦୁଇଟା ଋତୁ ବର୍ଷା ଓ ଶରତ ଋତୁ ଆସୁଛି। ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଗଣେଶ ଚତୁର୍ଥୀ, ବଳଭଦ୍ର ଜନ୍ମ ଓ ରାକ୍ଷୀ ପୂର୍ଣ୍ଣିମା, ରାଧାଷ୍ଟମୀ, ବାମନ ଜୟନ୍ତୀ, ଶାରଦୀୟ ଦୁର୍ଗାପୂଜା ଓ ଦଶହରା, ବିଶ୍ୱକର୍ମା ପୂଜା, କୁମାର ପୂର୍ଣ୍ଣିମା, ଦୀପାବଳି ଓ କାଳୀପୂଜା ପ୍ରଭୃତି ପର୍ବ ଏହି ଦୁଇ ଋତୁରେ ପଡ଼େୟ ଅନେକ ଧାର୍ମିକ ଅନୁଷ୍ଠାନ ପକ୍ଷରୁ ଏହି ସମୟରେ ଭାଗବତ ନବାହ୍ନ ପାରାୟଣ, ଭାଗବତ କଥା ପ୍ରବଚନ, ଗୀତା ପ୍ରବଚନ, ହରିବଂଶ ଓ ରାମାୟଣ ପାରାୟଣ ଆଦି ଏହି ସମୟରେ କରାଯାଏ। ଚଳିତ ଦେବଶୟନୀ ଏକାଦଶୀ ପରେ ଗ୍ରହଗତିରେ ପରିବର୍ତ୍ତନ ଆସିବ। ଜୁଲାଇ ୧୩ରୁ ମୀନରାଶିରେ ଶନି ବକ୍ରି ହେବେ। ଏଣେ ମିଥୁନରାଶିରେ ବୃହସ୍ପତିଙ୍କର ଅତିଚ୍ଚର ଚଳିଛି। ଶାସ୍ତ୍ର କହୁଛି- ''ଅତିଚ୍ଚରଗତେ ସେମ୍ୟେ କ୍ରୁରଂ ବକ୍ରବମାଗତେ। ହାହାଭୂତଂ ଜଗ୍ ସର୍ବଂ ଚଣ୍ଡଂ ମୁଣ୍ଡଂ ଚ ଜାୟତେ।' ଅର୍ଥା ବୃହସ୍ପତିଙ୍କ ଅତିଚ୍ଚର ଓ ଶନିଙ୍କ ବକ୍ରଗତି ଜଗତରେ ହାହାକାର ଖେଳାଇଦେବ।

## ରାଜାଙ୍କୁ ଦୀର୍ଘଜୀବୀ କଲେ ସୂର୍ଯ୍ୟଦେବ

ବହୁବର୍ଷ ପୂର୍ବେ ଭାରତ ବର୍ଷର ଏକ ରାଜ୍ୟରେ ରାଜା ରାଜ୍ୟବର୍ଦ୍ଧନ ରାଜୁତି କରୁଥିଲେ । ସେ ଅତ୍ୟନ୍ତ ଧର୍ମାତ୍ମା ତଥା ପ୍ରଜା ହିତୈଷୀ ରାଜା ଥିଲେ । ଥରେ ରାଣୀ ରାଜାଙ୍କ



ମୁଣ୍ଡରେ ତେଲ ମାଲିସ୍ କରିବା ବେଳେ ଏକ ପାଚିଲା କେଶ ଦେଖିବାକୁ ପାଇଲେ । ରାଣୀଙ୍କ ମନ ଦୁଃଖ ହେଲା । ରାଜା ଏକଥା ଜାଣିବା ପରେ ରାଣୀଙ୍କୁ କହିଲେ, ଏହା ତ' ଜୀବନର ନିୟମ । ଜନ୍ମ ହେଲା ପରେ ଶୈଷବ, ଯୁବାବସ୍ଥା ପରେ ବାର୍ଦ୍ଧକ୍ୟ ଆସିଥାଏ । ଏଥିରେ ଚିନ୍ତା କରିବାର କ'ଣ ଅଛି । ଏହାପରେ ଦିନେ ରାଜା ଘୋଷଣା କଲେ, ମୁଁ ବହୁଦିନ ଧରି ନିଷ୍ଠାର ସହ ରାଜ୍ୟ ପାଳନ କରିଛି । ଏବେ ସମୟ ଆସିଗଲାଣି । ମୋତେ ରାଜ ସିଂହାସନ ଛାଡ଼ି ବନବାସ କରିବାକୁ ହେବ । ରାଜା ରାଜ୍ୟବର୍ଦ୍ଧନଙ୍କୁ ପ୍ରଜାମାନେ ଅତି ଭଲ ପାଉଥିଲେ । ସେମାନେ ତାଙ୍କୁ ଛାଡ଼ିବାକୁ ରାଜି ହେଲେ ନାହିଁ । ଏହି ସମୟରେ ଗନ୍ଧର୍ବ ସୁଦାମାଙ୍କ ପରାମର୍ଶ କ୍ରମେ ରାଜ୍ୟବାସୀ ଭଗବାନ ସୂର୍ଯ୍ୟଦେବଙ୍କୁ ପ୍ରାର୍ଥନା କଲେ । ସୂର୍ଯ୍ୟଦେବ ପ୍ରସନ୍ନ ହେବାରୁ ରାଜ୍ୟବାସୀ ତାଙ୍କ ଠାରେ ରାଜାଙ୍କ ଦୀର୍ଘ ଜୀବନ କାମନା କଲେ । ସୂର୍ଯ୍ୟଦେବ ତଥାସ୍ତୁ କହିଲେ । ମାତ୍ର ରାଜା ଏକଥା ଜାଣିବା ପରେ କହିଲେ, ସେତେବେଳକୁ ରାଣୀଙ୍କର ମୃତ୍ୟୁ ଘଟିସାରିଥିବ । ବନ୍ଧୁବାନ୍ଧବ, ସଖା ସହୋଦର, ପ୍ରଜା ସମସ୍ତେ ଆରପାରିକୁ ଚାଲିଯାଇଥିବେ । ଏତେଦିନ ବଞ୍ଚି ମୁଁ କ'ଣ କରିବି ? ସେ ପୁଣି ଥରେ ତପସ୍ୟା କରିବାରୁ ସୂର୍ଯ୍ୟଦେବ ପ୍ରସନ୍ନ ହୋଇ ରାଜାଙ୍କ ସମେତ ସମସ୍ତ ପ୍ରଜାଙ୍କୁ ଦୀର୍ଘଜୀବୀ ହେବାର ବରଦାନ ଦେଲେ ।




ବରମୁଣ୍ଡା ପଡ଼ିଆରେ ସଂସଦର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଓଡ଼ିଶା କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ।

# ରତ୍ନ ଭଣ୍ଡାର ଗଣତି ମଣତି ପ୍ରସଙ୍ଗ ବିଜେପି ସରକାର ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି : ବିଜେଡି

ଭୁବନେଶ୍ୱର,୧୧।୭(ମହାଭାରତ): ରତ୍ନ ଭଣ୍ଡାର ଗଣତି ମଣତିକୁ ନେଇ ଗତ ଏକ ବର୍ଷ ହେଲା ଡବଲ ଇଂଜିନ ସରକାର ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି । ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି, ଗତ ଏକ ବର୍ଷ ହେଲା ରତ୍ନ ଭଣ୍ଡାରର ଗଣତି ମଣତିକୁ ନେଇ ଅନିଶ୍ଚିତତା ଲାଗି ରହିଥିବା ବେଳେ, ଆଜି ଆଇନ ମନ୍ତ୍ରୀ ଆହୁରି ତିନି ମାସ ଲାଗିବ ବୋଲି କହିବା ଦୁର୍ଭାଗ୍ୟଜନକ ।

ଗଣତି ମଣତି ପାଇଁ ରିଜର୍ଭ ବ୍ୟାଙ୍କର ସହାୟତା ଲୋଡ଼ା ଯାଇଛି ବୋଲି ଆଇନ ମନ୍ତ୍ରୀଙ୍କ ମନ୍ତବ୍ୟ ଗ୍ରହଣୀୟ ନୁହେଁ । ପୂର୍ବରୁ ଗଣତି ମଣତି ସମୟରେ କେବେ ରିଜର୍ଭ ବ୍ୟାଙ୍କର ସହାୟତା ନିଆ ଯାଇଥିଲା କି ? ଶ୍ରୀଜଗନ୍ନାଥ ଟେମ୍ପୁଲ ଆକ୍ଟରେ ଗଣତି ମଣତି ସମୟରେ ରିଜର୍ଭ ବ୍ୟାଙ୍କର ସହାୟତା ନେବା ବ୍ୟବସ୍ଥା ରହିଛି କି ? ଯଦି ନାହିଁ କେଉଁ କାରଣ ପାଇଁ ଏହାକୁ ରିଜର୍ଭ ବ୍ୟାଙ୍କ ନାମରେ ବିଳମ୍ବିତ କରିବାକୁ ଚେଷ୍ଟା କରାଯାଉଛି ।

ରତ୍ନ ଭଣ୍ଡାରର ଗଣତି ମଣତି କରିବା ପରିବର୍ତ୍ତେ ଗତ ଏକ ବର୍ଷ ଧରି ଠାକୁରଙ୍କ ବହୁ ମୂଲ୍ୟ ଅଳଙ୍କାର ସମୂହ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଏବେ ଅଳିଆ ଗଦା ମାଧ୍ୟମରେ ସୃଷ୍ଟି ହୋଇଥିବା ପଞ୍ଚମ ଦ୍ୱାର ଦେଇ କିଛି ଲୋକ ପ୍ରବେଶ କରୁଥିବା ଦୃଶ୍ୟ ଓଡିଶାବାସୀଙ୍କୁ ବିଚଳିତ କରିବା ସହିତ ରତ୍ନ ଭଣ୍ଡାର ବାହାରେ ଥିବା ରତ୍ନ ସୁରକ୍ଷିତ ଅଛି କି ନାହିଁ, ସେନେଇ ଜଗନ୍ନାଥ ପ୍ରେମୀଙ୍କ ମନରେ ସନ୍ଦେହ ସୃଷ୍ଟି ହେଲାଣି । ରାଜ୍ୟ ସରକାର ରତ୍ନ ଭଣ୍ଡାରର ଗଣତି ମଣତିକୁ ନେଇ ଆଉ ଅଧିକ ରାଜନୀତି ନକରି ଜନ ସାଧାରଣଙ୍କ ମନରୁ ସନ୍ଦେହ ଦୂର କରନ୍ତୁ ବୋଲି ଡ଼ଃ ମହାନ୍ତି କହିଛନ୍ତି ।

# ସମ୍ବିଧାନ ବଂଚାଅ ନୁହେଁ କଂଗ୍ରେସ ବଂଚାଅ ସମାବେଶ :ବିଜେପି

ଭୁବନେଶ୍ୱର,୧୧।୭(ମହାଭାରତ): କଂଗ୍ରେସ ଲଗାତାର ଗଣତନ୍ତ୍ରର କଣ୍ଠରୋଧ କରିଛି । ଦେଶର ବିରୋଧୀ ଦଳ ନେତା ଓ କଂଗ୍ରେସ ଅଧ୍ୟକ୍ଷଙ୍କ କାର୍ଯ୍ୟକ୍ରମ ଆଜି ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଛି । ମାତ୍ର ଏବେବି କଂଗ୍ରେସ ହତାଶା ମଧ୍ୟରେ ରହିଛି । ଏହି ଦଳ ଓଡ଼ିଶାର ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଇଛି । ପ୍ରତି ନିର୍ବାଚନରେ ତାର ଭୋଟ ପ୍ରତିଶତ କମିବାରେ ଲାଗିଛି । ଦେଶରେ ଗତ ୩ଟି ସାଧାରଣ ନିର୍ବାଚନରେ କଂଗ୍ରେସର ସାଂସଦ ସଂଖ୍ୟା ୩ ଅଙ୍କ ମଧ୍ୟ ଛୁଇଁପାରିନାହିଁ । ପ୍ରତିଦିନ କଂଗ୍ରେସ ସଂଗଠନର ଯେଉଁଭଳି ଭାବେ ନିମ୍ନଗାମୀ ହେଉଛି ସେଥିରୁ ଲାଗୁଛି ଏହା ସମ୍ବିଧାନ ବଂଚାଅ ନୁହେଁ, ନିଜ ଅସ୍ତିତ୍ୱକୁ ରକ୍ଷା କରିବା ପାଇଁ କଂଗ୍ରେସ ବଂଚାଅ ସମାବେଶ । କଂଗ୍ରେସ ଗଣତନ୍ତ୍ର କଥା କହିବା, ନିଜେ କାଚ ଘର ମଧ୍ୟରେ ରହି ଅନ୍ୟକୁ ପଥର ଫୋପାଡିବା ସଦୃଶ । ଆଜି ଓଡ଼ିଶା ଆସିଥିବା ରାହୁଲ ଗାନ୍ଧୀ ବାରମ୍ବାର ସମ୍ବିଧାନକୁ ହତ୍ୟା କରିଛନ୍ତି ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ମହାମହିମ ଓଡ଼ିଶା ରାଷ୍ଟ୍ରପତିଙ୍କୁ ଅପମାନିତ କରିଛନ୍ତି । ଏନେଇ ଉଭୟ ପ୍ରଥମେ ଓଡ଼ିଶା ମାଟିରେ କ୍ଷମା ମାଗନ୍ତୁ ବୋଲି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି ।

ଶ୍ରୀ ତିପାଠୀ କହିଛନ୍ତି ଯେ, ଏହି ଦଳରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ନାହିଁ । ସ୍ୱାଧୀନତାର ପରବର୍ତୀ ଅବସ୍ଥା ଦେଖିଲେ ଜଣାପଡ଼ିବ ଯେ, ଜବାହାରଲାଲ୍ ନେହେରୁଙ୍କ ସମୟରେ ଏହା ବାପ-ଝିଅର ଦଳ ଥିଲା । ଇନ୍ଦିରା ଗାନ୍ଧୀଙ୍କ ସମୟରେ ଏହା ମା'-ପୁଅର ଦଳ ହେଲା । ରାଜୀବ ଗାନ୍ଧୀଙ୍କ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ଦଳ ଥିଲା । ଏବେ କଂଗ୍ରେସ ମା', ପୁଅ, ଝିଅ ଓ ଜ୍ୱାଇଁଙ୍କ ଦଳ ପାଲଟିଛି । ଗଣତନ୍ତ୍ରର କଥା କହୁଥିବା ଏହି ରାଜନୈତିକ ଦଳ ସମ୍ବିଧାନର ହତ୍ୟାକାରୀ ଥିଲା । ୧୯୫୧ ମସିହାରେ କଂଗ୍ରେସର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ନେହେରୁ ନିଜ ସ୍ୱାର୍ଥ ହାସଲ ପାଇଁ ପ୍ରଥମେ ସମ୍ବିଧାନର ସଂଶୋଧନ କରିଥିଲେ ।

୧୯୭୫ ମସିହାରେ ଇନ୍ଦିରାଗାନ୍ଧୀ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରି ସମ୍ବିଧାନର ହତ୍ୟା କରିଥିଲେ । ସେ ସମୟରେ ୫ଥର ସମ୍ବିଧାନ ସଂଶୋଧନ କରଯାଇଛି । ୪୨ତମ ସଂଶୋଧନରେ ବିନା ଚର୍ଚ୍ଚା ଆଲୋଚନାରେ ସମ୍ବିଧାନର ମୁଖବନ୍ଧକୁ ବି ବଦଳାଇ ଦେଇଥିଲା କଂଗ୍ରେସ । ଏପରିକି ଦେଶବାସୀଙ୍କ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇଥିଲା । ସମସ୍ତ ବିରୋଧୀ ଦଳର ନେତାଙ୍କୁ ଜେଲ ଭିତରେ ବନ୍ଦୀ କରି ରଖିଥିଲା । ୧୯୮୬ରେ ଶାହାବାନୋ କେସ୍‌ରେ ସୁପ୍ରିମ କୋର୍ଟର ନିର୍ଦ୍ଦେଶକୁ ପରିବର୍ତନ କରିଥିଲା । ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ମଧ୍ୟ ସମ୍ବିଧାନକୁ ଅପମାନିତ କରିବାକୁ ପଛଘୁଂଚା ଦେଇ ନଥିଲେ । ସେ କ୍ୟାବିନେଟର ସଦସ୍ୟ ନଥାଇ ମଧ୍ୟ କ୍ୟାବିନେଟ ଅଧ୍ୟାଦେଶକୁ ସାମ୍ବାଦିକ ସମ୍ମିଳନୀ କରି ଚିରିବା ସହ ଫୋପାଡି ଦେଇଥିଲେ । ଏଭଳି ବ୍ୟକ୍ତି ସମ୍ବିଧାନର କଥା କହିବା ଅତ୍ୟନ୍ତ ଲଜ୍ଜାଜନକ । କେଉଁ ଅଧିକାରରେ ସେ ସମ୍ବିଧାନରକୁ ଫୋପାଡି ଥିଲେ ସେ ବିଷୟରେ ପ୍ରଥମେ ଉତର ରଖନ୍ତୁ ରାହୁଲ । ୧୦୦ରୁ ଉର୍ଦ୍ଧ୍ୱ ଥର ୩୫୬ ଧାରର ଅପବ୍ୟବହାର କରି ବିଭିନ୍ନ ରାଜ୍ୟରେ ଗଣତନ୍ତ୍ର ଉପାୟରେ ନିର୍ବାଚିତ ହୋଇଥିବା ସରକାରକୁ ଭାଙ୍ଗି ହତ୍ୟା କରିଛି ଏହି ଦଳ । କାଶ୍ମୀର ପ୍ରସଙ୍ଗରେ ତତ୍କାଳୀନ ମହାରାଜା ହରି ସିଂ ଭାରତ ବର୍ଷ ସଙ୍ଗେ ବିଲୟ ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲେ । ମାତ୍ର ଶେଖ ଅବଦୁଲ୍ଲାଙ୍କ ସହ ବୁଝାମଣା କରିଥିଲା କଂଗ୍ରେସ । ପରବର୍ତୀ ସମୟରେ ୩୭୦ ଏବଂ ୩୫(ଏ) ଲାଗୁ କରିଥିଲା । ଫଳରେ ସମସ୍ତ ଦେଶୀୟ ରାଜ୍ୟର ସମସ୍ୟାର ସମାଧାନ ହେଲା ପରେ ବି କାଶ୍ମୀର ଏକ ବିବାଦୀୟ ପ୍ରସଙ୍ଗ ହୋଇଥିଲା । ଏହି କାରଣରୁ କାଶ୍ମୀର କିଛିଅଂଶ ଆଜି ପାକିସ୍ତାନ ଦ୍ୱାରା ଅଧିକୃତ ହୋଇରହିଛି । ଅପରପକ୍ଷେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ଓଡିଶାକୁ ସବୁ କାର୍ଯ୍ୟରେ ଭରପୁର ସମର୍ଥନ କରୁଛନ୍ତି । ଏହାପୂର୍ବରୁ ମନମୋହନ ସିଂଙ୍କ ସରକାର ଥିଲା । ସେତେବେଳେ ଓଡ଼ିଶା ସମ୍ବନ୍ଧିତ କିଛି ପ୍ରକଳ୍ପ ନେଇ ଓଡ଼ିଶାର କେତେଜଣ ସାଂସଦ ତାଙ୍କ ପାଖକୁ ଯାଇଥିଲେ । ସେତେବେଳେ ଶ୍ରୀ ମନମୋହନ ସିଂ କହିଥିଲେ, ଟଙ୍କା କ'ଣ ଗଛରେ ଫଳୁଛି । ଏହା କଂଗ୍ରେସର ଓଡ଼ିଶାପ୍ରତି ଥିବା ସଂକୀର୍ଣ୍ଣ ମାନସିକତାକୁ ଦର୍ଶାଉଛି ।

କିଛିଦିନ ପୂର୍ବେ ଦେଶର ମହାମହିମ ରାଷ୍ଟ୍ରପତି ତଥା ଓଡ଼ିଶା ଝିଅ ଏବଂ ଦେଶର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଅପମାନିତ କରିଥିଲେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ । ଏହା ପୂର୍ବରୁ ରାଷ୍ଟ୍ରପତି ଥିବା ଅନୁସୂଚତି ଜାତି ବା ଦଳିତବର୍ଗର ଶ୍ରୀ ରାମନାଥ କୋବିନ୍ଦଙ୍କୁ ନେଇ ମଧ୍ୟ ସେ ବିବାଦିତ ମନ୍ତବ୍ୟ ଦେଇଛନ୍ତି ।

# ବିରୋଧୀ ଦଳ ନେତା ଓଡ଼ିଶା ଆସିଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ : ପ୍ରସନ୍ନ ଆଚାର୍ଯ୍ୟ

ଭୁବନେଶ୍ୱର,୧୧।୭(ମହାଭାରତ): - ବିରୋଧୀ ଦଳ ନେତା ଯଦି ଓଡିଶା ଆସିବେ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଲି କହିଛନ୍ତି ବିଜେଡି ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ । ସେ ପ୍ରଥମଥର ନୁହେଁ ଆଗରୁ ବହୁତ ଥର ଓଡିଶା ଆସିଛନ୍ତି ।

ଆସିବା ପରେ ମଧ୍ୟ ନିର୍ବାଚନରେ କୌଣସି ପ୍ରଭାବ ପଡିଲା ନାହିଁ । ଏଥିରେ ନୂତନତ୍ୱ କିଛି ନାହିଁ । କଂଗ୍ରେସ ଏକ ରାଜନୈତିକ ଦଳ ସେମାନେ ତାଙ୍କ ଭବିଷ୍ୟତ କଥା ଚିନ୍ତା କରିବେ । କଂଗ୍ରେସ ସର୍ବପୁରାତନ ରାଜନୈତିକ ଦଳ, ଅନେକ ଦିନ ଧରି ଦେଶକୁ ଶାସନ କଲେ ପରେ ଲୋକେ ତାଙ୍କୁ ପ୍ରତ୍ୟାଖାନ କଲେ ଏବେ ଦଳ ନିଜକୁ ପୁନର୍ଗଠିତ କରିବାକୁ ଚେଷ୍ଟା କରୁଛି । ଏଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ ନୂତନତ୍ୱ ନାହିଁ କିମ୍ବା ଗୁରୁତ୍ୱ ଦେବାର ନାହିଁ ବୋଲି ସେ କହିଛନ୍ତି ।

## ଆଜି ଫେରିବେ ନବୀନ

ଭୁବନେଶ୍ୱର,୧୧।୭(ମହାଭାରତ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶନିବାର ଅର୍ଥାତ ଜୁଲାଇ ୧୨ ତାରିଖ ଦିନ ଭୁବନେଶ୍ୱରରେ ପହଞ୍ଚିବେ ବୋଲି ବିଜୁ ଜନତା ଦଳ ତରଫରୁ ସୂଚନା ଦିଆଯାଇଛି । ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ଓବିସି ସେଲର ଆବାହକ ତଥା ବିଧାୟକ ଡ଼ଅରୁଣ କୁମାର ସାହୁ ଓ ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ସଭାପତି ନବୀନ ପଟ୍ଟନାୟକ ମୁମ୍ବାଇରୁ ଶନିବାର ଦିନ ମଧ୍ୟାହ୍ନ ୧୧ଟା ୫୦ ମିନିଟ୍ ସମୟରେ ଭୁବନେଶ୍ୱର ଫେରିବେ ବୋଲି କହିଥିଲେ ।

## ବରଗଡ଼ ରୋଡ୍-ନୂଆପଡ଼ା ରୋଡ୍ ନୂତନ ବ୍ରଡ୍ ଗେଜ୍ ରେଳ ଲାଇନ ପାଇଁ ଜମି ଅଧିଗ୍ରହଣରେ ଅଗ୍ରଗତି

ଭୁବନେଶ୍ୱର,୧୧।୭(ମହାଭାରତ): ପଶ୍ଚିମ ଓଡ଼ିଶାରେ ରେଳ ସଂଯୋଗୀକରଣକୁ ଦୃଷ୍ଟିରେ ରଖି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ବରଗଡ଼ ରୋଡ୍ ଏବଂ ନୂଆପଡ଼ା ରୋଡ୍ ମଧ୍ୟରେ ୧୩୮.୩୨ କିଲୋମିଟର ଦୀର୍ଘ ବିଶିଷ୍ଟ ନୂତନ ବ୍ରଡ୍ ଗେଜ୍ (ବିଜି) ରେଳ ଲାଇନ କାର୍ଯ୍ୟକାରୀ କରିବାରେ ଭାରତୀୟ ରେଳବାଇ ଦୃଢ ଅଗ୍ରଗତି କରୁଛି । ଜମି ଅଧିଗ୍ରହଣ ପ୍ରକ୍ରିୟା ଏହି ପ୍ରକଳ୍ପର ଏକ ପ୍ରମୁଖ ଅଂଶ, ଯାହା ଦକ୍ଷତାର ସହିତ ଆଗକୁ ବଢୁଛି । ପ୍ରକଳ୍ପ ପାଇଁ ଆବଶ୍ୟକ ମୋଟ ବେସରକାରି ଜମି ୧୮୫୯.୪୮ ଏକର, ୮୫ଟି ଗ୍ରାମରେ ବିସ୍ତୃତ ରହିଛି । ଏଥିମଧ୍ୟରୁ ୭୭ଟି ଗ୍ରାମ ପାଇଁ ଜମି ତାଲିକା ଦାଖଲ କରାଯାଇଛି ଏବଂ ୪୬ଟି ଗାଁକୁ ଆବର୍ତ୍ତିତ କରି ୧୧୦୬.୪୧୧ ଏକର ଜମି ପାଇଁ ୨୦(ଏ) ଗେଜେଟ୍ ଅଧିସୂଚନା ପ୍ରକାଶିତ ହୋଇଛି ।

ପ୍ରଥମ ବ୍ଲକ - ୫ଟି ଗ୍ରାମ: ରୁଙ୍ଗାନିଆ, ସରସରା, ଧାଙ୍ଗେର, ବାଗଡିଆ ଏବଂ ନିଲେଶରରେ ଆବଶ୍ୟକ ଜମି: ୨୬୪.୨୧୬ ଏକର ହୋଇଥିବା ବେଳେ ଏହାର ଗେଜେଟ୍ ତାରିଖ: ୨୪.୦୨.୨୦୨୫ ରହିଛି । ସେହିପରି ଦ୍ୱିତୀୟ ଏବଂ ତୃତୀୟ ବ୍ଲକ - ୧୨ଟି ଗ୍ରାମ: ବନ୍ଦନବାହାଲ, ବିରମାଲ, ପୋଡାମୁଣ୍ଡା, ନୂଆପାଲି, ପିପିଲିପାଲି, ଡୁମେରପାଲି, କଟାପାଲି, ସରଣ୍ଡାପାଲି, ମାନପୁର, ସମଲାଇପଦର, ବାଉଁଶପୋଲା ଏବଂ ବିଜେପୁରର ଆବଶ୍ୟକ ଜମି ୨୬୨.୭୦୫ ଏକର ରହିଥିବା ବେଳେ ଗେଜେଟ୍ ତାରିଖ ୦୨.୦୭.୨୦୨୫ ରହିଛି । ଚତୁର୍ଥରୁ ଷଷ୍ଠ ବ୍ଲକ - ମାଝିପାଲି-୩୭, ପାରା, ରେଙ୍ଗାଲିପାଲି, ଝିରଲିପାଲି, ବଲଣ୍ଡା, ବାଡିପାଲି, ଭାଟିଗାଁ, କମଲାପଦର, ବୁଢ଼ିମାଲ, ପଦମପୁର ଏବଂ ଅନ୍ୟାନ୍ୟ ସମେତ ୨୯ଟି ଗ୍ରାମର ଆବଶ୍ୟକ ଜମି: ୫୭୯.୪୯ ଏକର ରହିଥିବା ବେଳେ ଗେଜେଟ୍ ତାରିଖ: ୦୩.୦୭.୨୦୨୫ ରହିଛି । ବରଗଡ଼ ରୋଡ୍ - ନୂଆପଡ଼ା ରୋଡ୍ ବିଜି ରେଳ ଲାଇନକୁ ୧୦ ସେପଟେମ୍ବର ୨୦୨୪ରେ ରେଳ ବୋର୍ଡ ଦ୍ୱାରା ମଞ୍ଜୁର କରାଯାଇଥିଲା, ଯାହାର ପ୍ରକଳ୍ପ ମୂଲ୍ୟ ୨୬୨୧.୯୨ କୋଟି ଟଙ୍କା ଥିଲା । ଏହି ପ୍ରକଳ୍ପର ଆର୍ଥିକ ବ୍ୟୟ ଅଟକଳର ସବିଶେଷ ବିବରଣୀ ଯଥା : ସିଭିଲ୍ ଇଞ୍ଜିନିୟରିଂ ପାଇଁ :୨୧୦୭.୩୦ କୋଟି, ବୈଦ୍ୟୁତିକ ଇଞ୍ଜିନିୟରିଂ ପାଇଁ :୩୦୫.୫୫ କୋଟି, ସିଗନାଲ ଏବଂ ଟେଲିକମ୍ ଇଞ୍ଜିନିୟରିଂ ପାଇଁ୨୦୯.୦୭ କୋଟି ଅନ୍ତର୍ଭୁକ୍ତ ।

# ଜନସଂଖ୍ୟା ସ୍ଥିରତା ପକ୍ଷର ଶୁଭାରମ୍ଭ କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

**ଭୁବନେଶ୍ୱର,୧୧।୦୭ (ମହାଭାରତ):** ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନର ସଭାଗୃହଠାରେ ରାଜ୍ୟସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ -୨୦୨୫ରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲୋକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ଅବସରରେ ପରିବାର କଲ୍ୟାଣ, ମାନବାଧିକାର ଓ ନାରୀମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରିଛନ୍ତି । ପରିବାର ଯୋଜନା, ଲିଙ୍ଗଗତ ସମାନତା, ମାତୃତ୍ୱ, ସ୍ୱାସ୍ଥ୍ୟ ଏବଂ ମାନବିକ ଅଧିକାର ସମେତ ବିଭିନ୍ନ ଜନସଂଖ୍ୟା ସମ୍ବନ୍ଧୀୟ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିବା ବିଶ୍ୱ ଜନସଂଖ୍ୟା ଦିବସର ପ୍ରଧାନ ଲକ୍ଷ୍ୟ ବୋଲି ସେ ମତପ୍ରକାଶ କରିଛନ୍ତି । ମିଳିମିଶି ସୁସ୍ଥ ସମାଜ ପରିବେଶ ଗଠନ ପାଇଁ ସମସ୍ତେ ଚେଷ୍ଟିତ ହେବାକୁ ସେ ଆହ୍ୱାନ କରିଥିଲେ ।

ରାଜ୍ୟରେ ପରିବାର ନିୟୋଜନ ଅଭିଯାନକୁ ସଫଳ କରିବା ନିମନ୍ତେ ବହୁବିଧ ପଦକ୍ଷେପମାନ ଗ୍ରହଣ କରାଯାଉଛି । ଏହାର ଫଳସ୍ୱରୁପ ପରିବାର କଲ୍ୟାଣ କାର୍ଯ୍ୟକ୍ରମର ବିଭିନ୍ନ କ୍ଷେତ୍ରରେ ବିଗତ ବର୍ଷ ମଧ୍ୟରେ ଆଶାନୁରୁପକ ସଫଳତା ଲାଭ କରିଛି । ସମସ୍ତ ସେବା ପ୍ରଦାନକାରୀମାନଙ୍କୁ ତାଲିମ ମାଧ୍ୟମରେ ସେମାନଙ୍କର ଦକ୍ଷତା ବୃଦ୍ଧିକରାଯାଉଛି । ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୋଷ୍ଠୀସ୍ତରୀୟ ସ୍ୱେଚ୍ଛାସ୍ୱେବୀ, ଆଶା ଦିଦି ମାନଙ୍କ ମାଧ୍ୟମରେ ଜନସାଧାରଣଙ୍କୁ ଆବଶ୍ୟକ ସୁଚନା ପ୍ରଦାନକରି ସେବା ଗ୍ରହଣ ନିମନ୍ତେ ପ୍ରବର୍ତ୍ତାଯାଉଛି ବୋଲି ମନ୍ତ୍ରୀ କହିଥିଲେ ।ଏହି ଅବସରରେ ଡକ୍ଟର ମହାଲିଙ୍ଗ କହିଥିଲେ ଯେ ରାଜ୍ୟରେ ପରିବାର ନିୟୋଜନ ଅଭିଯାନକୁ ସଫଳ କରିବା ନିମନ୍ତେ ବହୁବିଧ ପଦକ୍ଷେପମାନ ଗ୍ରହଣ କରାଯାଉଛି । ଏହାର ଫଳସ୍ୱରୁପ ପରିବାର କଲ୍ୟାଣ କାର୍ଯ୍ୟକ୍ରମର ବିଭିନ୍ନ କ୍ଷେତ୍ରରେ ବିଗତ ବର୍ଷ ମଧ୍ୟରେ ଆଶାନୁରୁପକ ସଫଳତା ଲାଭ କରିଛି । ଦମ୍ପତ୍ତି ପିଛା ହାରାହାରି ସନ୍ତାନ ସଂଖ୍ୟା ଯାହା ୨.୧ ରହିବା ଆବଶ୍ୟକ, ଆମ



ରାଜ୍ୟର ତାହା ୧.୮ ରେ ପହଞ୍ଚିଛି । ଏହା ଜାତୀୟ ହାରଠୁ ଉନ୍ନତ ସ୍ତରରେ ରହିଛି । ପରିବାର ନିୟୋଜନର ଅପୁରଣୀୟ ଆବଶ୍ୟକତା ଓଡିଶାର ଶତକଡା ୧୩.୬ ରୁ କମ ହୋଇ ୭.୨ ରେ ପହଞ୍ଚିପାରିଛି । ଯାହାକି ଆମ ରାଜ୍ୟ ପାଇଁ ଖୁସିର ବିଷୟ । ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୋଷ୍ଠୀସ୍ତରୀୟ ସ୍ୱେଚ୍ଛାସେବୀ ଆଶା ଦିଦି ମାନଙ୍କ ମାଧ୍ୟମରେ ଜନସାଧାରଣଙ୍କୁ ଆବଶ୍ୟକ ସୂଚନା ପ୍ରଦାନକରି ସେବା ଗ୍ରହଣ ନିମନ୍ତେ ପ୍ରବର୍ତ୍ତାଯାଉଛି ବୋଲି ସେ ପ୍ରକାଶ କରିଥିଲେ ।

ଏହି ଅବସରରେ ମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ ସଫଳତା ଲାଭ କରିଥିବା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ପରିବାର ନିୟୋଜନରେ ନିଜର ଅତୁଳନୀୟ ଅବଦାନ ଦେଇଥିବା ଆଶା,ଡାକ୍ତର,ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ନୂଆ ସରକାର ଆସିବା ପରେ ପ୍ରଥମ ଥର ପାଇଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ । ଏହି ଅବସରରେ ଉନ୍ନତ ପ୍ରଦର୍ଶନ ପାଇଁ ବିଭିନ୍ନ ଜିଲ୍ଲାମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା ।

ବିଶ୍ୱ ଜନସଂଖ୍ୟା ଦିବସ ଓ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ ଦ୍ୱାରା ଜନସଂଖ୍ୟା ବୃଦ୍ଧି ରୋକିବା ପାଇଁ ଲୋକଙ୍କୁ ଜାଗୃତ କରାଯାଉଛି । ଦ୍ରୁତ ଜନସଂଖ୍ୟା ବୃଦ୍ଧି ବିଭିନ୍ନ କାରଣରୁ ସମାଜ ଓ ଦେଶ ପାଇଁ କ୍ଷତିକାରକ । ଏବେ ରାଜ୍ୟ ତଥା ଦେଶର କେତେକ ସ୍ଥାନରେ ବାଲ୍ୟ ବିବାହ କରାଯାଉଛି । ଏହା ବେଆଇନ ବା ଆଇନ ଦୃଷ୍ଟିରେ ଅପରାଧ ଅଟେ । ଏଭଳି କୁପ୍ରଥା କାରଣରୁ କମ ବୟସରେ ମଧ୍ୟ କେତେକ ମହିଳା ସନ୍ତାନମାନଙ୍କୁ ଜନ୍ମ ଦେଇଥାଆନ୍ତି । ଯାହା ମା' ଓ ଶିଶୁ ଉଭୟଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ । ଉପଯୁକ୍ତ ବ୍ୟବଧାନରେ ଜନ୍ମ ନେଇଥିବା ଶିଶୁଙ୍କ ସ୍ୱାସ୍ଥ୍ୟ ଏବଂ ଶାରୀରିକ ଅଭିବୃଦ୍ଧି ଠିକ ରହିଥାଏ । ତେଣୁ ସୂଚନା- ଶିକ୍ଷା-ସଂଚାର ଦ୍ୱାରା ଜନସଂଖ୍ୟା ବୃଦ୍ଧିକୁ ରୋକାଯାଇ ଜନସଂଖ୍ୟାରେ ପ୍ରତିସ୍ଥାପନ ହାର ହାସଲ କରାଯାଇ ପାରିବବୋଲି ମତପ୍ରକାଶ ପାଇଥିଲା ।

## ଡ.ମୁକେଶ ମହାଲିଙ୍ଗଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧।୭(ମହାଭାରତ): ଡ.ମୁକେଶ ମହାଲିଙ୍ଗଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଲୋଇସିଂହାର ଲୋକପ୍ରିୟ ବିଧାୟକ ତଥା ରାଜ୍ୟ କ୍ୟାବିନେଟରେ ମୋର ସହଯୋଗୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗଙ୍କୁ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ପ୍ରଭୁ ନୃସିଂହନାଥ ଆପଣଙ୍କୁ ସୁଖୀ,ନିରୋଗ ଓ ଦୀର୍ଘାୟୁ କରିବା ସହ ଜନସେବା ପାଇଁ ଅସୀମ ଶକ୍ତି ପ୍ରଦାନ କରନ୍ତୁ ।

# ଆତ୍ମାହୂତି ଦେବାକୁ ରାଜ୍ୟ ଗୃହରକ୍ଷୀ ମହାସଂଘ ପକ୍ଷରୁ ଚେତାବନୀ

**ଭୁବନେଶ୍ୱର,୧୧।୦୭ (ମହାଭାରତ):** ରାଜ୍ୟରେ କାର୍ଯ୍ୟରତ ୧୭୬୭୫ ଜଣ ଗୃହରକ୍ଷୀ ସେମାନଙ୍କର ନ୍ୟାର୍ଯ୍ୟ ଦାବିକୁ ସରକାରଙ୍କ ନିକଟରେ ଉପସ୍ଥାପନା କରିଆସୁଛନ୍ତି ।ରାଜ୍ୟର ସମସ୍ତ ପ୍ରକାର ଆଇନ୍ ଶୃଙ୍ଖଳା ପରିସ୍ଥିତିଠାରୁ ଆରମ୍ଭ କରି ପ୍ରଶାସନିକ ଓ ସର୍ବସାଧାରଣଙ୍କ ସୁରକ୍ଷା କ୍ଷେତ୍ରରେ ସେମାନଙ୍କର କୌଣସି ସାମୁହିକ ସୁରକ୍ଷା ନଥାଇ ମଧ୍ୟ ସରକାରୀ କର୍ମଚାରୀ ଭଳି ବର୍ଷସାରା ବିଭିନ୍ନ ପ୍ରକାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନା କରିଆସୁଛନ୍ତି ।

୧୯୬୧ ଗୃହରକ୍ଷୀ ଆଇନକୁ ଦର୍ଶାଯାଇ ସେମାନଙ୍କ ଭବିଷ୍ୟତକୁ ଶୋଷଣ କରାଯାଉଛି । ରାଜ୍ୟ ଗୃହ ବିଭାଗ ପକ୍ଷରୁ ଗୃହରକ୍ଷୀମାନଙ୍କୁ ପଦୋନ୍ନତି ଦିଗରେ ୨୦୦୧ ମସିହାରେ ଯେଉଁ ନିଷ୍ପତ୍ତି ନିଆଯାଇଥିଲା ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଉନାହିଁ । ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ବାଟମଣା କରାଯାଉଛି । ୨୦୧୩ ଏବଂ ୨୦୧୮ ମସିହାରେ ନିଜର ନ୍ୟାୟ ପାଇଁ ସରକାରଙ୍କ ପାଖକୁ ଆସିଥିବା ଗୃହରକ୍ଷୀମାନଙ୍କୁ ଷଡ଼ଯନ୍ତ୍ରମୂଳକ ଭାବରେ ବାଡ଼େଇ ଚାକିରିରୁ ବହିଷ୍କାର କରାଯାଇ ମିଥ୍ୟା ମକଦ୍ଦମା ଦିଆଯାଇ ଜେଲ୍ ହାଜତକୁ ପଠାଇ ଦିଆଗଲା । ଏକ ଶୃଙ୍ଖଳିତ ବିଭାଗରେ କାର୍ଯ୍ୟ କରୁଥିବା ଗୃହରକ୍ଷୀମାନଙ୍କ ପ୍ରତି ସରକାରଙ୍କର ଏଭଳି ବୈମାତୃକ ମନୋଭାବକୁ ମହାସଂଘ ପକ୍ଷରୁ ନିନ୍ଦା କରାଯାଇଛି । ସରକାର ପରିବର୍ତ୍ତନ ହେଲେ । ବିଡ଼ମ୍ବନାର ବିଷୟ ଗୃହରକ୍ଷୀମାନଙ୍କ ୬୦ ବର୍ଷର ପୁରୁଣା ଆଇନର ପରିବର୍ତ୍ତନ ଦିଗରେ ସରକାର କୌଣସି ପ୍ରକାର ଯତ୍ନଶୀଳ ନୁହଁନ୍ତି । ସବୁକୁ ବିଚାର କରାଯାଇ ଆସନ୍ତା ବିଧାନସଭା ଅଧିବେଶନ ପୂର୍ବରୁ ଯଦି ସରକାର ମହାସଂଘର ସମସ୍ୟାକୁ ବିଚାର ନ କରନ୍ତି, ତେବେ ଅଧିବେଶନ ସମୟରେ ଗୃହରକ୍ଷୀମାନେ ଆତ୍ମାହୂତି ଦେବେ ବୋଲି ରାଜ୍ୟ ସଭାପତି ଉପେନ୍ଦ୍ର ମହାପାତ୍ର ସରକାରଙ୍କୁ ଚେତାବନୀ ଦେଇଛନ୍ତି । ଏଥିପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହଜାର ହଜାର ଗୃହରକ୍ଷୀ ସ୍ୱେଚ୍ଛାକୃତ ଭାବେ ଏଭଳି ନିଷ୍ପତିକୁ ଗ୍ରହଣ କରିଛନ୍ତି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

# ପର୍ଯ୍ୟଟନର ବିକାଶ ଓ ପରିବେଶକୁ ପ୍ରୋତ୍ସାହିତ କରାଯିବ

**ଭୁବନେଶ୍ୱର,୧୧।୦୭ (ମହାଭାରତ):** ସିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେସନର ଚତୁର୍ଥ ପରିଚାଳନା ପରିଷଦ ବୈଠକ ଆଜି ଭୁବନେଶ୍ୱରର ଖାରବେଳ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ । ଅଧ୍ୟକ୍ଷତା କରି କହିଲେ ଯେ ବ୍ୟାଘ୍ର ସଂରକ୍ଷଣରେ ପରିବେଶଗତ, ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ବିକାଶକୁ ସହଜ କରିବା, ସ୍ଥାନୀୟ ହିତାଧିକାରୀ ସମ୍ପ୍ରଦାୟଙ୍କ ସମ୍ପୃକ୍ତି ସହିତ ପରିବେଶ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଏବଂ ବ୍ୟାଘ୍ର ସଂରକ୍ଷଣରେ ପ୍ରାକୃତିକ ପରିବେଶକୁ ସୁରକ୍ଷା ଦେବା ପାଇଁ ସହାୟତା ପ୍ରଦାନ କରିବା, ଉପରୋକ୍ତ ଉଦ୍ଦେଶ୍ୟ ପୂରଣ ପାଇଁ ଆବଶ୍ୟକୀୟ ସମ୍ପତ୍ତି ସୃଷ୍ଟି ଏବଂ ରକ୍ଷଣାବେକ୍ଷଣକୁ ସହଜ କରିବା, ଉପରୋକ୍ତ କାର୍ଯ୍ୟକଳାପ ହାସଲ କରିବା ପାଇଁ ଫାଉଣ୍ଡେସନର କାର୍ଯ୍ୟକଳାପ ପାଇଁ ଆବଶ୍ୟକୀୟ ବୈଷୟିକ, ଆର୍ଥିକ, ସାମାଜିକ, ଆଇନଗତ ଏବଂ ଅନ୍ୟାନ୍ୟ ସହାୟତା ଲୋଡ଼ିବା, ପ୍ରବେଶର ପୁନଃଚକ୍ରଣ ଏବଂ ବ୍ୟାଘ୍ର ସଂରକ୍ଷଣରେ ପ୍ରାପ୍ତ ଅନ୍ୟାନ୍ୟ ଫି ସମେତ ଆର୍ଥିକ ସମ୍ବଳ ବୃଦ୍ଧି ଏବଂ କ୍ରିୟାଶୀଳ କରିବା, ହିତାଧିକାରୀଙ୍କ ବିକାଶ ଏବଂ ପରିବେଶ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଓ ଉପରୋକ୍ତ ସମ୍ବନ୍ଧିତ କ୍ଷେତ୍ରରେ ଗବେଷଣା, ପରିବେଶଗତ ଶିକ୍ଷା ଏବଂ ତାଲିମକୁ ସମର୍ଥନ କରିବା ଆଦି ସିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେସନର ପ୍ରମୁଖ ଲକ୍ଷ୍ୟ ଓ ଆଭିମୁଖ୍ୟ ।



ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଫାଉଣ୍ଡେସନ ନିରନ୍ତର ଉଦ୍ୟମ କରି ଆସିଛି । ୨୦୨୫ ୨୬ ବର୍ଷ ପାଇଁ ବାର୍ଷିକ କାର୍ଯ୍ୟାନ୍ୱୟନ ଯୋଜନା ୧୦ କୋଟି ୪୮ ଲକ୍ଷ ଟଙ୍କା ପ୍ରସ୍ତୁତ ଓ ଅନୁମୋଦିତ ହୋଇଛି । ଏହାର ସଦୁପଯୋଗ କରି ସିମିଳିପାଳ ଅଞ୍ଚଳର ଗ୍ରାମୀଣ ମେଧାବୀ ଛାତ୍ରମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ଦେବାକୁ ଓ ଗ୍ରାମୀଣ ଯୁବକମାନଙ୍କୁ ଡ୍ରାଇଭିଂ, ବୈଦ୍ୟୁତିକ ଏବଂ ଯାନ୍ତ୍ରିକ କାର୍ଯ୍ୟ, ସିଲାଇ ଇତ୍ୟାଦି ଦକ୍ଷତା ପ୍ରଦାନ କରିବାକୁ ଜଙ୍ଗଲ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ । ମତବ୍ୟକ୍ତ କରିଥିଲେ ।

ସିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେସନର ଉପାଧ୍ୟକ୍ଷ ତଥା ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ କହିଲେ ଯେ ଜଙ୍ଗଲ ନିର୍ଭରଶୀଳ ସମ୍ପ୍ରଦାୟ ପାଇଁ ଦକ୍ଷତା ବିକାଶ ଏବଂ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ, ପ୍ରକୃତି ଶିକ୍ଷା, ସଂରକ୍ଷଣ, ସଚେତନତା ସୃଷ୍ଟି ଏବଂ ପ୍ରଚାର, ଗବେଷଣା ଏବଂ ତଦାରଖ, ବନ କର୍ମଚାରୀ ଏବଂ ସ୍କ୍ୱାଡ୍ କଲ୍ୟାଣ ଏବଂ ତାଲିମ, ସିମିଳିପାଳ ବ୍ୟାଘ୍ର ସଂରକ୍ଷଣରେ ପରିବେଶ ପର୍ଯ୍ୟଟନ ସଫାରୀ ପରିଚାଳନା ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ବନ୍ୟ ସମ୍ପ୍ରଦାୟ କଲ୍ୟାଣ କ୍ଷେତ୍ରରେ ଏହି ଅର୍ଥ ବିନିଯୋଗ ହେବ ।

ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ସମ୍ପୃକ୍ତ କରାଯିବା, ୪ କୋଟି ୨୦ ଲକ୍ଷ ଟଙ୍କା ବିନିଯୋଗରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଜୋରଦାର କରିବା, ସିମିଳିପାଳ ଅଭୟାରଣ୍ୟରେ ରହୁଥିବା ସମସ୍ତ ଗ୍ରାମୀଣ ଯୁବକମାନଙ୍କୁ ଡ୍ରାଇଭିଂ, ବୈଦ୍ୟୁତିକ ଏବଂ ଯାନ୍ତ୍ରିକ କାର୍ଯ୍ୟ, ସିଲାଇ ଇତ୍ୟାଦି ଦକ୍ଷତା ପ୍ରଦାନ କରିବା, ପରିବେଶ ପର୍ଯ୍ୟଟନ ପାଇଁ ଭିତ୍ତିଭୂମି ନିର୍ମାଣ, ପରିବେଶ ମାର୍ଗଦର୍ଶକଙ୍କ ପାଇଁ ତାଲିମ, ସିମିଳିପାଳର ଦୂରଦୂରାନ୍ତ ଗ୍ରାମବାସୀମାନଙ୍କ ପାଇଁ ଫାଉଣ୍ଡେସନ୍ ଦ୍ୱାରା ଦୁଇଟି ଆମ୍ବୁଲାନ୍ସର ପରିଚାଳନା ପାଇଁ ପାଣ୍ଠି ଯୋଗାଇ ଦିଆଯିବ । ଓ ବିଭିନ୍ନ ସରକାରୀ ବିଭାଗଗୁଡିକରୁ ଏଥି ନିମନ୍ତେ ଅର୍ଥରାଶି ମଞ୍ଜୁର କରାଇ ସିମିଳିପାଳ ଅଞ୍ଚଳର ସମୁଚିତ ପରିବେଶଗତ ବିକାଶ ସାଧନ ନିମନ୍ତେ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ ଆହ୍ୱାନ ଦେଇଥିଲେ ।

ପରିଚାଳନା ପରିଷଦ ବୈଠକରେ ମୟୁରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ସଚିବ ଦେବେନ୍ କୁମାର ପ୍ରଧାନ, ମୁଖ୍ୟ ବନ ସଂରକ୍ଷକ ମନୋଜ ଭି. ନାୟାର, ସିମିଳିପାଳ ବ୍ୟାଘ୍ର ସଂରକ୍ଷଣର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ ସଂରକ୍ଷକ, ସିମିଳିପାଳ (ଉତ୍ତର)ବନ୍ୟପ୍ରାଣୀ ଡିଭିଜନର ଉପ ନିର୍ଦ୍ଦେଶକ, ସିମିଳିପାଳ (ଦକ୍ଷିଣ) ବନ୍ୟପ୍ରାଣୀ ଡିଭିଜନର ଉପ ନିର୍ଦ୍ଦେଶକ, ଓୟୁଏଟି ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟର ସର୍ଜରୀ ବିଭାଗର ପୂର୍ବତନ ମୁଖ୍ୟ ଡ. ଇନ୍ଦ୍ରମଣି ନାଥ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦାର ପ୍ରାଣୀ ବିଜ୍ଞାନ ପ୍ରଫେସର ଡ. ହେମନ୍ତ କୁମାର ସାହୁ ଓ ପରିଚାଳନା କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସୁଚିନ୍ତିତ ପରାମର୍ଶ ଦେଇଥିଲେ ।

# ମହାମାରୀଠାରୁ ବଡ଼ ବିପତ୍ତି

ଏକ ରିପୋର୍ଟ ଅନୁଯାୟୀ ଭାରତରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ସାରା ବିଶ୍ୱରେ ସର୍ବାଧିକ । ସଡ଼କ ଦୁର୍ଘଟଣାରେ ଭାରତ ହେଉଛି ବିଶ୍ୱର ରାଜଧାନୀ । କୋଭିଡ ମହାମାରୀ ଅପେକ୍ଷା ସଡ଼କ ଦୁର୍ଘଟଣା ଅଧିକ ଜୀବନହାନୀର କାରଣ ହୋଇଛି । ପ୍ରତି ବର୍ଷ ଏଠାରେ ଯେତିକି ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି କୌଣସି ଏକ ରୋଗରେ ବର୍ଷକୁ ସେତିକି ଲୋକ ପ୍ରାଣ ହରାଉ ନାହାଁନ୍ତି । ଗୋଟିଏ ବାକ୍ୟରେ କହିଲେ ସଡ଼କ ଦୁର୍ଘଟଣା ଏବେ ଏକପ୍ରକାର ମହାମାରୀରେ ପରିଣତ ହୋଇଛି । ଓଡ଼ିଶା ମଧ୍ୟ ସେଥିରୁ ବାଦ ପଡୁନି । ସଡକ ଦୁର୍ଘଟଣାର ଅନେକ କାରଣ ରହିଛି । ଅନେକ ସ୍ଥାନରେ ରାସ୍ତା ନିର୍ମାଣରେ ତ୍ରୁଟି, ମରାମତି ବା ରକ୍ଷଣାବେକ୍ଷଣରେ ଅବହେଳା, ରାସ୍ତାରେ ଗୋରୁଗାଈ ବା କୁକୁରଙ୍କ ଅବାଧ ଚଳପ୍ରଚଳ, ମଦ୍ୟପାନ କରି ବେପରୁଆ ଗାଡ଼ିଚାଳନା, ସାମର୍ଥ୍ୟଠାରୁ ଅଧିକ ବ୍ୟକ୍ତି ଗାଡ଼ିରେ ଯାତ୍ରା କରିବା, ଅନଭିଜ୍ଞ ବା ଅଣତାଲିମପ୍ରାପ୍ତ ଡ୍ରାଇଭର ଗାଡ଼ି ଚଳାଇବା, ଅତି ଦ୍ରୁତ ଗତିରେ ଗାଡ଼ି ଚଳାଇ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବା ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ । ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଏବଂ ବେପରୁଆ ଆଭିମୁଖ୍ୟ ଯୋଗୁ ଦୁର୍ଘଟଣା ବଢ଼ିଚାଲିଛି । ‘ଳରେ ରାସ୍ତାରେ ଧନଜୀବନ ହାନି ହେଉଛି । ବର୍ଷା ଦିନେ ସଡ଼କ ଦୁର୍ଘଟଣା ସଂଖ୍ୟା ଆହୁରି ବଢ଼ି ଯାଉଛି । ଜାତୀୟ ବା ରାଜ୍ୟପଥରେ ଟ୍ରାଁକ ନିୟନ୍ତ୍ରଣ ବ୍ୟବସ୍ଥା, ଗାଡ଼ିମୋଟର ଯାଞ୍ଚ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ । ସହର ଭିତରେ ବି ଏହାର ଅଭାବ ରହିଛି । ଦ୍ରୁତ ଗତିରେ ଗାଡ଼ି ଚାଳନା କରୁଥିବା ଡ୍ରାଇଭର ବା ବାଇକ ଚାଳକଙ୍କ ବିରୋଧରେ ଯେପରି ଦଣ୍ଡବିଧାନ ହେବା ଉଚିତ ତାହା ହେଉନାହିଁ । ସର୍ବସାଧାରଣ ବା ସ୍କୁଲ କଲେଜ ଛାତ୍ରଛାତ୍ରୀ ଯାତ୍ରା କରୁଥିବା ବସର ିଟନେସ ଟେଷ୍ଟ କରାଯାଉନି । ବସରେ ସାମର୍ଥ୍ୟଠାରୁ ଅଧିକ ଲୋକ ଯାତ୍ରା କରିବା ଅନୁଚିତ । ଏହାକୁ ବି ଯାଞ୍ଚ କରାଯାଉନି । ବସ, ଟ୍ରକ ବା କାର ଚାଳକମାନେ କେତେ ଦକ୍ଷ ତାହାର ନିୟମିତ ଆକଳନ କରାଯିବା ଉଚିତ । କିନ୍ତୁ ପରିବହନ ବିଭାଗ ଏଥିପ୍ରତି ଧ୍ୟାନ ଦେଉ ନାହାଁନ୍ତି । ନିକଟରେ ବାଙ୍କୀ ନିକଟରେ ମହାନଦୀ ବ୍ରିଜ ଉପରେ ଏଭଳି ଏକ ଭୟଙ୍କର ଦୁର୍ଘଟଣା ଘଟିଛି । ଏଥିରେ ୬୦ଜଣଙ୍କ ଜୀବନ ଅଳ୍ପକେ ବଂଚି ଯାଇଛି । ସମ୍ପୃକ୍ତ ବସର ିଟନେସ ନଥିଲା । ଡ୍ରାଇଭର ମଧ୍ୟ ଅତି ବେପରୁଆ ଭାବେ ଗାଡ଼ି ଚଳାଉଥିଲେ । ଏଥିପାଇଁ କିଏ ଦାୟୀ ? ଯେଉଁମାନେ ରାତିରେ ବସ ବା ଟ୍ରକ ଚଳାଉଛନ୍ତି, ସେମାନଙ୍କର ନିୟମିତ ଆଖି ପରୀକ୍ଷା କରାଯିବା ଉଚିତ । ଅନେକ ଦୁର୍ଘଟଣାପ୍ରବଣ ସ୍ଥାନରେ ଯେପରି ସତର୍କତା ମୂଳକ ବ୍ୟବସ୍ଥା ରହିବା ଉଚିତ ତାହା କରାଯାଉନି । ବରଂ ଅନେକ ସମୟରେ ଅତି ଅବ୍ୟବସ୍ଥିତ ଭାବେ ରାଜପଥରେ ହମ୍ପ ନିର୍ମାଣ କରାଯାଉଛି । ତାହା ଦୁର୍ଘଟଣା ରୋକିବା ପରିବର୍ତ୍ତେ ଦୁର୍ଘଟଣାର କାରଣ ହେଉଛି । ଦୁର୍ଘଟଣାପ୍ରବଣ ସ୍ଥାନରେ ରାତିରେ ଆଲୋକ ବ୍ୟବସ୍ଥା ରହିବା ଉଚିତ । ଦିନ ରାତି ୨୪ ଘଣ୍ଟା ପାଟ୍ରୋଲିଂ ବ୍ୟବସ୍ଥା କରାଯିବା ଉଚିତ । ରାସ୍ତା କଡ଼ରେ ଥିବା ଗାଁ ଏବଂ ବଜାର ଅଞ୍ଚଳରେ ଲୋକଙ୍କୁ ସତର୍କ କରାଯିବା ଉଚିତ ଏବଂ ବେପରୁଆ ଭାବେ ରାସ୍ତା ପାରିହେବା ବା ରାସ୍ତାରେ ବୁଲିବାକୁ ବାରଣ କରାଯିବା ଉଚିତ । କିଛି ଦିନ ତଳେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୨ ଜଣ ପ୍ରାଣ ହରାଇଥିଲେ । ଅନେକ ସମୟରେ ଘାଟୀ ରାସ୍ତାରେ ଦୁର୍ଘଟଣା ହେଉଛି । ବର୍ଷା ଦିନେ ଗାଡ଼ି ସ୍ଲିପ କରିବା ହେତୁ ଅନେକ ସମୟରେ ଏହି ଦୁର୍ଘଟଣା ହେଉଛି । ଘାଟୀରେ ଗାଡ଼ି ଚଳାଇବାର ଅଭିଜ୍ଞତା ନଥିଲେ ମଧ୍ୟ ଏଭଳି ଦୁର୍ଘଟଣାର ଆଶଙ୍କା ଥାଏ । ତେଣୁ ନିହାତି ଆବଶ୍ୟକତା ନଥିଲେ ରାତିରେ ଗାଡ଼ି ଚାଳନାକୁ ବାରଣ କରାଯିବା ଉଚିତ । ସେହିପରି ସହରାଞ୍ଚଳରେ ଅନେକ ଛାତ୍ର-ଯୁବକ ବେପରୁଆ ଭାବେ ଅତି ଦ୍ରୁତ ଗତିରେ ବାଇକ ଚଳାଇବାଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଛି । ଅନେକ ପରିବାର ଉଚ୍ଛନ୍ନ ହୋଇଯାଉଛି । ନିରୀହ, ନିରପରାଧ ବ୍ୟକ୍ତିଙ୍କ ଜୀବନ ଯାଉଛି । ଏହାକୁ ରୋକିବା ନିମନ୍ତେ ଦ୍ରୁତ ଗତିରେ ବାଇକ ବା କାର ଚଳାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ହେବା ଉଚିତ । କେବଳ ହେଲମେଟ ଚେକିଂରେ ଯାଞ୍ଚ ବ୍ୟବସ୍ଥା ସୀମିତ ରଖିବା ଅନୁଚିତ । ଯେଉଁମାନେ ରାସ୍ତାର ନିୟମ ମାନି ଭୁଲ ଦିଗରେ ଗାଡ଼ି ଚଳାଉଛନ୍ତି, ମୁଖ୍ୟ ରାସ୍ତାରେ ଗାଡ଼ି ପାର୍କିଂ କରୁଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି । କୋଭିଡ ମହାମାରୀଠାରୁ ସଡ଼କ ଦୁର୍ଘଟଣା ଅଧିକ ବିପଜ୍ଜନକ ହୋଇଉଠିଛି । ଏହାକୁ ସରକାର ଗମ୍ଭୀରତାର ସହ ନେବା ଉଚିତ । ଏହା ସହିତ ବର୍ଷ ତମାମ ଜନ ସଚେତନତା ଅଭିଯାନ, ସ୍କୁଲ କଲେଜ ପାଠ୍ୟକ୍ରମେ ସଡ଼କ ସୁରକ୍ଷାକୁ ଏକ ବାଧ୍ୟତାମୂଳକ ବିଷୟ ଭାବେ ପାଠ୍ୟକ୍ରମରେ ସାମିଲ କରାଯିବା ଉଚିତ । ଅଭିଭାବକମାନଙ୍କୁ ନିଜ ପିଲାଙ୍କୁ ଯଥାସମ୍ଭବ କମ ଗାଡ଼ି ବ୍ୟବହାର କରିବାକୁ ପରାମର୍ଶ ଦିଆଯିବା ଉଚିତ । କମ ଦୂରତାକୁ ଯିବାକୁ ଥିଲେ ଗାଡ଼ି ବ୍ୟବହାର ନକଲେ ଭଲ । ସ୍କୁଲ-କଲେଜ ପିଲାଙ୍କୁ ସାଇକେଲ ବ୍ୟବହାର ଲାଗି ପ୍ରୋତ୍ସାହିତ କରାଯିବା ଉଚିତ । ଚୀନ ଭଳି ଏକ ଜନବହୁଳ ରାଷ୍ଟ୍ରରେ ଭାରତ ତୁଳନାରେ ସଡ଼କ ଦୁର୍ଘଟଣା ସଂଖ୍ୟା ଯଥେଷ୍ଟ କମ । ଏହାର କାରଣ ହେଲା ଶୃଙ୍ଖଳା । ରାସ୍ତାରେ ଗାଡ଼ିମୋଟର ଚଳାଚଳରେ ଶୃଙ୍ଖଳା ବ୍ୟବସ୍ଥା ନିହାତି ଜରୁରୀ । ଦୁର୍ଘଟଣାକାରୀଙ୍କ ପ୍ରତି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ହେଲେ ଏହାର ପ୍ରଭାବ ନିଶ୍ଚୟ ପଡ଼ିବ ।

# ମିନି ଭାରତରେ ମୋଦି

**ସୌମେନ୍ଦ୍ର ଜେନା**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଞ୍ଚରାଷ୍ଟ୍ରୀୟ ଗସ୍ତ କାର୍ଯ୍ୟକ୍ରମର ଦ୍ୱିତୀୟ ଚରଣରେ ଘାନାରୁ ଯାଇ ତ୍ରିନିଦାଦ ଓ ଟୋବାଗୋ ଦ୍ୱୀପରେ ପହଞ୍ଚିଥିଲେ । ରାଜଧାନୀ ପୋର୍ଟ ଅଫ ସ୍ପେନଠାରେ ଥିବା ପିୟାର୍କୋ ଅନ୍ତରାଷ୍ଟ୍ରୀୟ ବିମାନ ବନ୍ଦରରେ ମୋଦିଙ୍କୁ ସ୍ୱାଗତ କରିବା ପାଇଁ ତ୍ରିନିଦାଦର ପ୍ରଧାନମନ୍ତ୍ରୀ କମଳା ପରସାଦ ବିଶେସରଙ୍କ ସମେତ ୩୫ଜଣ ମନ୍ତ୍ରିମଣ୍ଡଳରେ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ । କମଳା ହେଉଛନ୍ତି ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ । ଦେଶର ରାଷ୍ଟ୍ରପତି ଖ୍ରୀଷ୍ଟାଇନ କଙ୍ଗ୍ଲୋ କଙ୍ଗାଲୁ ମଧ ଜଣେ ମହିଳା । ପୋର୍ଟ ଅଫ ସ୍ପେନର ବିମାନ ବନ୍ଦରରେ ଭାରତୀୟ ପୁରାଣ ଚରିତ୍ର ଅନୁଯାୟୀ ବେଶ ପୋଷାକରେ ସଜ୍ଜିତ ଲୋକେ ମୋଦିଙ୍କୁ ସ୍ୱାଗତ କରିଥିଲେ । ଭାରତୀୟ ନୃତ୍ୟ, ସଂଗୀତ, ଭୋଜପୁରୀ କୀର୍ତ୍ତନ ଚୈଥାଲ ଗାନ ମଧରେ ମୋଦି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ । ୧୯୯୯ପରେ ତ୍ରିନିଦାଦ ଓ ଟୋବାଗୋକୁ ଏହା ହେଉଛି ଭାରତର ପ୍ରଧାନମନ୍ତ୍ରୀଙ୍କ ପ୍ରଥମଗସ୍ତ ।

ଦକ୍ଷିଣ ଆମେରିକାସ୍ଥିତ ଦୁଇଟି ଦ୍ୱୀପର ଏହି ଦେଶର ଜନସଂଖ୍ୟା ୧୬ଲକ୍ଷରୁ କମ୍ । ଗୋଟିଏ ଆମେରିକୀୟ ଡଲାରର ମୂଲ୍ୟ ୬.୭୭ ତ୍ରିନିଦାଦ-ଟୋବାଗୋ ଡଲାର ସହ ସମାନ । ୫୧୩୧୮ ବର୍ଗ କିମି କ୍ଷେତ୍ରଫଳ ବିଶିଷ୍ଟ ଏହି ଛୋଟ ଦେଶରେ ଜନସଂଖ୍ୟା ଘନତ୍ୱ ହେଉଛି ବର୍ଗ କିମି ପିଛା ୨୯୪ ଜଣ । ମୋଟ ଜନସଂଖ୍ୟା ମଧ୍ୟରୁ ୬୬ପ୍ରତିଶତ ଖ୍ରୀଷ୍ଟିଆନ, ୨୨.୭ ପ୍ରତିଶତ ହିନ୍ଦୁ । ଭେନେଜୁଏଲାର ଉତ୍ତର ପୂର୍ବରେ ୧୧କିମି ଦୂରରେ ଏହା ଅବସ୍ଥିତ ।୧୯୬୨ରେ ଏହା ଇଂରେଜ ଶାସନରୁ ମୁକ୍ତ ହୋଇ ୧୯୭୬ରେ ସାଧାରଣତନ୍ତ୍ରର ମାନ୍ୟତା ଲାଭ କରିଥିଲା । ଏଠାରେ ଆଫ୍ରିକୀୟ, ଭାରତୀୟ, ଦକ୍ଷିଣ ଆମେରିକୀୟ ସଂସ୍କୃତିର ମିଳିତ ଛାପ ସମାଜରେ ଦେଖିବାକୁ ମିଳିଥାଏ । ଭାରତର କଥକ, ଓଡିଶୀ ଏବଂ ଭରତ ନାଟ୍ୟମ୍ ଏଠାରେ ଖୁବ୍ ପରିଚିତ ନୃତ୍ୟ । ଭାରତ ବାହାରେ ହେଉଥିବା ସବୁଠୁ ବଡ ଦୀପାବଳୀ ମହୋତ୍ସବ ଋଗୁଆନାସ୍ର ଦିବାଲୀନଗରଠାରେ ହୋଇଥାଏ । ଏହାଛଡା ହୋଲି, ଜନ୍ମାଷ୍ଟମୀ, ଶିବରାତ୍ରୀ,ବିଜୟାଦଶମୀ, ରାମନବମୀ, ହନୁମାନ ଜୟନ୍ତୀ, ମକରସଂକ୍ରାନ୍ତି, ଗୁରୁପୂର୍ଣ୍ଣିମା, ସରସ୍ୱତୀ ପୂଜା, ନବରାତ୍ରୀ ଆଦି ଅନେକ ଭାରତୀୟ ପର୍ବପର୍ବାଣୀ ଏଠାରେ ପାଳିତ ହୋଇଥାଏ । ଏହି ଛୋଟ ଦ୍ୱୀପର ଭି.ଏସ୍, ନଇପଲ ଭାରତୀୟ ମୂଳର ଲେଖକ ଭାବେ ସାହିତ୍ୟରେ ନୋବେଲ ପୁରସ୍କାର ଲାଭ କରିଥିଲେ । ଏହି ଛୋଟ ଦ୍ୱୀପ ରାଷ୍ଟ୍ରର କ୍ରୀଡାବିତ୍ମାନେ ଅଲିମ୍ପିକ, କ୍ରିକେଟ, ଫୁଟବଲ ପରି ଅନେକ କ୍ରୀଡାରେ ବେଶ୍ ନାମ କମାଇଛନ୍ତି ।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋହି କମଳା ପରସାଦ ବିଶେସରଙ୍କ ପାଇଁ ସଙ୍ଗମ ଓ ସରଯୂର ଜଳଘଡି ସହ ଅଯୋଧ୍ୟାର ରାମମନ୍ଦିରର ପ୍ରତିକୃତି ନିଜ ସଙ୍ଗରେ ଭାରତରୁ ନେଇଥିଲେ । ଯାହା ତାଙ୍କୁ ଉପହାରସ୍ୱରୂପ ପ୍ରଦାନ କରିଥିଲେ ।

ନେସନାଲ ସାଇକ୍ଲିଂ ଭେଲୋଡ୍ରମଠାରେ ଅନୁଷ୍ଠିତ ସଭାରେ ମୋଦି ଭାଷଣ ଦେଇ ଭାରତ- ତ୍ରିନିଦାଦ-ଟୋବାଗୋ ମଧ୍ୟରେ ରହିଥିବା ଐତିହାସିକ ସଂପର୍କ ବିଷୟରେ ଉଲ୍ଲେଖ କରିଥିଲେ । ଇଂରେଜ ଶାସନ କାଳରେ କିପରି ୧୮୦ବର୍ଷ ପୂର୍ବେ ଆଖୁଚକ୍ଷ କରିବାକୁ ଭାରତର ବିହାର ଓ ଉତ୍ତର ପ୍ରଦେଶରୁ ଯାଇଥିବା ଶ୍ରମିକମାନେ ସେଠାକାର ରାଷ୍ଟ୍ର ନିର୍ମାଣରେ ସାମିଲ ହୋଇ ଏବେ ଶାସନମୁଖ୍ୟ ହୋଇପାରିଛନ୍ତି ତାହା ସ୍ମରଣ କରିଥିଲେ । ପୂର୍ବରୁ ବାସୁଦେବ ପାଣ୍ଡେ ମଧ ଋଷୀ ପରିବାରରୁ ଯାଇ ଦେଶର ପ୍ରଧାନମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଥିଲେ । ଗଣିତଜ୍ଞ ରୁଦ୍ରନାଥ କପିଳଦେବ, ସଂଗୀତଜ୍ଞ ସୁନ୍ଦର ପୋପୋ, କ୍ରିକେଟ ଖେଳାଳି ଡାରେନ ଗଙ୍ଗା, ଶିବଦାସ ସାଧୁ ଆଦି ଗିରିମିଟିୟା ସଂସ୍କୃତିର ପରିଚିତ ଚେହେରା ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି । ଡୋ ଭିଲେଜ୍, ସେଡାଲହିଲ, ଫେସିଲିଟୀ, ପେରୀରୋଡ, ସାଙ୍ଗ୍ରେଗ୍ରାଣ୍ଡେ ଅଗଷ୍ଟିନ୍ଠାରେ ଆୟୋଜିତ ହେଉଥିବା ରାମଲୀଳା କେତେକ ସ୍ଥାନରେ ୫୦ରୁ ୧୦୦ବର୍ଷର ପୁରୁଣା ଅନୁଷ୍ଠାନଗୁଡିକ ଦ୍ୱାରା ହୋଇଆସୁଛି । ତ୍ରିନିଦାଦ-ଟୋବାଗୋର ପ୍ରଧାନମନ୍ତ୍ରୀ କମଳା ପରସାଦ ବିଶେସରଙ୍କ ପୂର୍ବପୁରୁଷ ରାମଲଖନ ସିଂହ ବିହାରର ବକ୍ସାର ଜିଲ୍ଲାରୁ ଯାଇଥିଲେ । ତାଙ୍କୁ ଲୋକେ ବିହାରର ଝିଅ ବୋଲି କହିଥାନ୍ତି । ଅତୀତରେ ବିହାର ଲୋକେ ଭାରତର ଇତିହାସ, ରାଜନୀତି, ଜ୍ଞାନ-ବିଜ୍ଞାନ ଆଦି ବିବିଧ କ୍ଷେତ୍ରକୁ ପ୍ରଭାବିତ କରିଥିଲେ ଏବଂ ଏବେ ମଧ କରୁଛନ୍ତି ବୋଲି ଶ୍ରୀ ମୋଦି ପ୍ରକାଶ କରିଥିଲେ ।

ଏହି ଅବସରରେ ତ୍ରିନିଦାଦ- ଟୋବାଗୋର ଷଷ୍ଠ ପିଢିର ବଂଶଜମାନଙ୍କ ପାଇଁ ଭାରତ ସରକାର ଭାରତ ବାହାର ନାଗରିକତା ପରିଚୟ ପତ୍ର ବା ଓସିଆଇ କାର୍ଡ ଦେବାକୁ ଘୋଷଣା କରିଥିଲେ । ଭାରତ ବାହାରେ ସମଗ୍ର ବିଶ୍ୱରେ ଥିବା ୩ କୋଟି ୫୦ଲକ୍ଷ ଭାରତୀୟ ଲୋକେ ଦେଶର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରୁଛନ୍ତି । ଭାରତର ସଂସ୍କାର, ସଂସ୍କୃତି, ଭାଷା ଆଦି ସେମାନଙ୍କ ମାଧ୍ୟମରେ ସାରା ଜଗତରେ ପହଞ୍ଚିଛି । ଭାରତୀୟମାନେ ଯେଉଁ ରାଷ୍ଟ୍ରକୁ ଯାଇଛନ୍ତି ସେଠାକାର ପରିବେଶ, ପାଣିପାଗ ସହ ନିଜକୁ ଖାପଖୁଆଇ ନେଇଛନ୍ତି । ସବୁଠି ସେମାନେ ନିଜ ନିଜର କାର୍ଯ୍ୟ କ୍ଷେତ୍ରରେ ସଫଳତା ଅର୍ଜନ କରିଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ତ୍ରିନିଦାଦ-ଟୋବାଗୋ କିପରି ପ୍ରଥମ ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଭାବେ ଭାରତର ୟୁପିଆଇ ବ୍ୟବସ୍ଥାକୁ ଗ୍ରହଣ କରିଛି ତାହା ମଧ ଉଲ୍ଲେଖ କରିଥିଲେ ।

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ବକ୍ତବ୍ୟରେ ଭାରତର ସଫଳତା ବିବିଧ କ୍ଷେତ୍ରରେ କିପରି ପରିଲକ୍ଷିତ ହୋଇଛି ତାହା ପ୍ରକାଶ କରିଥିଲେ । ବିଶ୍ୱର ଅଧା ଡିଜିଟାଲ ପେମେଣ୍ଟ ଭାରତରେ ହେବା, ଆଇଫୋନ ଉତ୍ପାଦନରେ ଆଗୁଆ ରହିବା, ରେଳସେବା କ୍ଷେତ୍ରରେ ଆଗରେ ରହିବା ତାହାର ପ୍ରମାଣ । ବିଗତ ଦିନରେ ୨୫୦ଲକ୍ଷ ଲୋକ ଦାରିଦ୍ର୍ୟରୁ ମୁକ୍ତି ପାଇଥିବା ବିଷୟ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଲୋକେ ସ୍ୱୀକାର କରିଛନ୍ତି । ଭାରତ ବିଶ୍ୱର ତୃତୀୟ ବଡ ଷ୍ଟାର୍ଟଅପ୍ କେନ୍ଦ୍ର ହୋଇଛି । ଗବେଷଣା, ଅନୁସନ୍ଧାନ, ନିର୍ମାଣ, ଉତ୍ପାଦନ ଆଦି ବିବିଧ କ୍ଷେତ୍ରରେ ଭାରତୀୟମାନେ ଦକ୍ଷତା ପ୍ରଦର୍ଶନ କରି ଦେଶରେ ନୁହେଁ ବିଦେଶର ଅନେକ କମ୍ପାନୀର ପରିଚାଳନା ମୁଖ୍ୟ ହୋଇପାରିଛନ୍ତି । ଅନେକ ଅନୁଷ୍ଠାନରେ ମହିଳାମାନେ ଏବେ ନିର୍ଦ୍ଦେଶିକା ହୋଇ କାର୍ଯ୍ୟ କରୁଛନ୍ତି । ସୁଯୋଗ ପାଇଲେ ପାଖପଡୋଶୀ ଏବଂ ବନ୍ଧୁମାନଙ୍କୁ ଭାରତ ବୁଲିଯିବାକୁ କହିବା ପାଇଁ ପ୍ରଧାନମନ୍ତ୍ରୀ ଉପସ୍ଥିତ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ ।

ତ୍ରିନିଦାଦ-ଟୋବାଗୋର ରାଷ୍ଟ୍ରପତି କଙ୍ଗାଲୁଙ୍କ ବାସଭବନରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ “ଦି ଅର୍ଡର ଅଫ୍ ଦି ରିପବ୍ଲିକ ଅଫ୍ ତ୍ରିନିଦାଦ ଏଣ୍ଡ ଟୋବାଗୋ”ସମ୍ମାନରେ ଜୁଲାଇ ୪ ତାରିଖ ଦିନ ସମ୍ମାନିତ କରାଯାଇଥିଲା । ମୋଦିଙ୍କ ସମ୍ମାନାର୍ଥେ କମଳା ପରସାଦଙ୍କ ଦ୍ୱାରା ଆୟୋଜିତ ଭୋଜିରେ ସୋହରି ପତ୍ରରେ ଖାଦ୍ୟ ପରଷାଯିବା ବଡ ଆକର୍ଷଣୀୟ ଥିଲା । ପ୍ରଧାନମନ୍ତ୍ରୀ କମଳା ପରସାଦ ମୋଦିଙ୍କ ଗସ୍ତ କାଳରେ ଭାରତର ଟୀକା ଅଭିଯାନକୁ ବେଶ୍ ପ୍ରଶଂସା କରିଥିଲେ । କୋରୋନା ସମୟରେ ବଡ ବଡ ରାଷ୍ଟ୍ର ନିଜର ଟୀକାକୁ ଦେଶ ଭିତରେ ଠୁଳ କରି ରଖିଥିବା ବେଳେ ଭାରତ ଛୋଟଛୋଟ ସହଯୋଗୀ ରାଷ୍ଟ୍ରମାନଙ୍କୁ ମାଗଣାରେ ଟୀକା ବଣ୍ଟନ କରିବା ପ୍ରୟାସକୁ ସେ ପ୍ରଶଂସା କରିଥିଲେ ।

ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଇଁ ତ୍ରିନିଦାଦ ଟୋବାଗୋ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନରେ ଭାଷଣ କାର୍ଯ୍ୟକ୍ରମ ରଖାଯାଇଥିଲା । ମୋଦି ତାଙ୍କ ଚିରାଚରିତ ଢଙ୍ଗରେ ଭାରତର ଗଣତନ୍ତ୍ର ଏକ ବ୍ୟବସ୍ଥା ନୁହେଁ,ଜୀବନଧାରା ବୋଲି ଉଲ୍ଲେଖ କରିଥିଲେ । ମୋଦିଙ୍କ ଭାଷଣ କାଳରେ ଅନେକ ଥର ତାଳିମାଡ ଦେଖିବାକୁ ମିଳିଥିଲା । ମୋଦି ଉଭୟ ଇଂରାଜୀ ଏବଂ ହିନ୍ଦୀ ଭାଷାକୁ ବ୍ୟବହାର କରି ବକ୍ତବ୍ୟ ରଖିଥିଲେ । ସାଂପ୍ରତିକ ଜଗତ ପାଇଁ ଆହ୍ୱାନ,ସନ୍ତ୍ରାସବାଦଠାରୁ ଆରମ୍ଭ କରି ବିଶ୍ୱର ଅର୍ଥନୀତି ପର୍ଯ୍ୟନ୍ତ ଅନେକ ବିଷୟକୁ ସେ ତାଙ୍କ ଭାଷଣରେ ସ୍ଥାନ ଦେଇଥିଲେ ।

୩୧ ଅଗଷ୍ଟ ୧୯୬୨ରେ ଭାରତ-ତ୍ରିନିଦାଦ-ଟୋବାଗୋ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ସ୍ଥାପନ ହୋଇଥିଲା । ଦୁଇ ଦେଶ ଗଣତନ୍ତ୍ର, ବହୁବିଚାର,ଲୋକଙ୍କ ମଧ୍ୟରେ ସଂପର୍କକୁ ଗୁରୁତ୍ୱ ଦେଇ ଆସିଛନ୍ତି । ପ୍ରତିବର୍ଷ ୩୦ମଇ ଦିନଟିକୁ ଭାରତୀୟଙ୍କ ଆଗମନ ଦିବସ ଭାବେ ପାଳନ କରାଯାଇଥାଏ । କାରଣ ୩୦ମଇ ୧୮୪୫ରେ ଫଟେଲ ରଜାକ ପାଣିଜାହାଜରେ ଭାରତୀୟମାନେ ତ୍ରିନିଦାଦ-ଟୋବାଗୋରେ ପହଞ୍ଚିଥିଲେ । ଏହି ଦିନଟିକୁ ୧୯୯୫ରୁ ଛୁଟିଦିବସ ଭାବେ ଗ୍ରହଣ କରାଯାଇଛି । ୧୮୪୫ରୁ ୧୯୧୭ ମଧ୍ୟରେ ଭାରତରୁ ପ୍ରାୟ ୧୪୦,୦୦୦ ଶ୍ରମିକ ତ୍ରିନିଦାଦ ଟୋବାଗୋକୁ ଯାଇଥିଲେ ।

୪ ଜୁଲାଇ ଦିନ ଦ୍ୱିପାକ୍ଷିକ ଆଲୋଚନା ଦୁଇ ଦେଶର ପ୍ରଧାନମନ୍ତ୍ରୀ ଏବଂ ପ୍ରତିନିଧିମାନଙ୍କ ମଧ୍ୟରେ ହୋଇଥିଲା । ପରେ ଦୁଇ ଦେଶ ପକ୍ଷରୁ ମିଳିତ ଘୋଷଣାନାମା ପ୍ରକାଶ ପାଇଥିଲା । ଆଗାମୀ ଦିନରେ ସ୍ୱାସ୍ଥ୍ୟ, ସଂସ୍କୃତି, କ୍ରୀଡା, ବାଣିଜ୍ୟ, ଆର୍ଥିକ ବିକାଶ, କୃଷି, ବିଚାର, ନ୍ୟାୟବ୍ୟବସ୍ଥା, ଶିକ୍ଷା ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ସହଯୋଗ ବୃଦ୍ଧିପାଇବ । ଔଷଧପତ୍ର, ବିକାଶ କ୍ଷେତ୍ରରେ ସହଯୋଗ, ଶିକ୍ଷା-ଗବେଷଣା, ସାଂସ୍କୃତିକ ଆଦାନପ୍ରଦାନ, କୂଟନୀତିଜ୍ଞ ପ୍ରଶିକ୍ଷଣ, କ୍ରୀଡା ବିଷୟକୁ ନେଇ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ତ୍ରିନିଦାଦ ସରକାର ଜମିଜମା ଦଲିଲର ଡିଜିଟାଲକରଣ ପାଇଁ ଭାରତକୁ ଅନୁରୋଧ କରିଥିଲେ । ପ୍ରଶାସନିକ କାର୍ଯ୍ୟରେ ଡିଜିଟାଲ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଆଲୋଚନା ହୋଇଥିଲା । କମଳା ପରସାଦଙ୍କ ଆଗ୍ରହ ଶିକ୍ଷାର ଆଧୁନିକୀକରଣ ପ୍ରତି ଥିବା ହେତୁ ପ୍ରଧାନମନ୍ତ୍ରୀ ମୋଦି ତ୍ରିନିଦାଦର ଛାତ୍ରଛାତ୍ରୀଙ୍କ ପାଇଁ ୨୦୦୦ ଲାପଟପ୍ ଶିକ୍ଷାବିକାଶ କାର୍ଯ୍ୟକ୍ରମ ନିମନ୍ତେ ଉପହାରସ୍ୱରୂପ ଦେବାକୁ ଘୋଷଣା କରିଥିଲେ । ଖାଦ୍ୟ ସୁରକ୍ଷା ନିମନ୍ତେ ଭାରତ ସରକାର ୧୦ଲକ୍ଷ ଡଲାର ମୂଲ୍ୟର ଯନ୍ତ୍ରପାତି ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଭଣ୍ଡାରୀକରଣ ନିମନ୍ତେ ତ୍ରିନିଦାଦର ନେସନାଲ ଏଗ୍ରିକଲଚରାଲ ମାର୍କେଟିଂ ଏଣ୍ଡ ଡେଭଲପମେଣ୍ଟ କର୍ପୋରେସନ (ନାମଦେବକୋ)କୁ ପ୍ରଦାନ କରିବାକୁ ଯାଇ ଶ୍ରୀ ମୋଦି ପ୍ରଥମ ଦଫାରେ ମେସିନଗୁଡିକୁ ହସ୍ତାନ୍ତରିତ କରିଥିଲେ । ପ୍ରାକୃତିକ କୃଷି, ସାମୁଦ୍ରିକ ଦ୍ରବ୍ୟ ଆଧାରିତ ସାର, ମିଲେଟ ଋଷ ପାଇଁ ଭାରତ ପକ୍ଷରୁ ସହଯୋଗ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ଆସନ୍ତା ମାସ ତ୍ରିନିଦାଦ-ଟୋବାଗୋରେ ଭାରତ ପକ୍ଷରୁ ୮୦୦ବ୍ୟକ୍ତିଙ୍କ ପାଇଁ କୃତ୍ରିମ ଅଙ୍ଗ ପ୍ରଦାନ କ୍ୟାମ୍ପର ଆୟୋଜନ ହେବ ବୋଲି ଘୋଷଣା କରାଯାଇଥିଲା । ଭାରତ ପକ୍ଷରୁ ୨୦ଟି ହେମୋଡାୟାଲିସିସ୍ ୟୁନିଟ ଏବଂ ୨ଟି ସାମୁଦ୍ରିକ ଆମ୍ବୁଲାନ୍ସ ତ୍ରିନିଦାଦକୁ ମାଗଣାରେ ପ୍ରଦାନ କରାଯାଇଥିବା ହେତୁ ତ୍ରିନିଦାଦ ପ୍ରଧାନମନ୍ତ୍ରୀ କୃତଜ୍ଞତା ଜଣାଇଥିଲେ ।

ଭାରତ ସହଯୋଗରେ ଗୋଷ୍ଠୀ କୈନ୍ଦ୍ରିକ ଦ୍ରୁତ ପ୍ରଭାବ ପକାଉଥିବା ପ୍ରକଳ୍ପ ପାଇଁ ବୁଝାମଣା ହୋଇଥିଲା । ଭାରତର ଆର୍ଥିକ ସହାୟତାରେ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ତ୍ରିନିଦାଦ-ଟୋବାଗୋରେ ଋଲୁ କରାଯିବ । କୋରୋନା ସମୟରେ ମୋବାଇଲ ରୋବୋଟ, ଟେଲିମେଡିସିନ୍ କୀଟ, ହାତଧୁଆ ମେସିନ୍, ଔଷଧପତ୍ର ଆଦି ପ୍ରାୟ ୧ ମିଲିଅନ ଡଲାରର ସହାୟତା ଭାରତ ପ୍ରଦାନ କରିଥିବା ହେତୁ ତ୍ରିନିଦାଦ ପ୍ରଧାନମନ୍ତ୍ରୀ କୃତଜ୍ଞତା ଜଣାଇଥିଲେ । ବିପର୍ଯ୍ୟୟ ସହନଶୀଳ ଢାଞ୍ଚାନିର୍ମାଣ ବୈଶ୍ୱିକ ଜୈବ ଇନ୍ଧନ ମେଣ୍ଟରେ ତ୍ରିନିଦାଦର ଯୋଗଦାନକୁ ମୋଦି ପ୍ରଶଂସା କରିଥିଲେ । ସମ୍ଭାବ୍ୟ ବିପଦ ଓ ବିପର୍ଯ୍ୟୟର କ୍ଷୟକ୍ଷତି ହ୍ରାସ ପାଇଁ ଆଗାମୀ ଦିନରେ ଭାରତ ଜ୍ଞାନ କୌଶଳ, ଯନ୍ତ୍ରପାତି, ପ୍ରଶିକ୍ଷଣ, ରୁଫଟପ୍ ଫଟୋ ଭୋଲଟାଇକ ବ୍ୟବସ୍ଥା ଯୋଗାଇଦେବ । ଦକ୍ଷତା ବିକାଶ ପାଇଁ ଭାରତ ସରକାର ତ୍ରିନିଦାଦର ଫୋରେନସିକ୍ ବିଭାଗର କର୍ମଋରୀ ଏବଂ ବିଋର ବିଭାଗର ଅଧିକାରୀଙ୍କୁ ଭାରତରେ ପ୍ରଶିକ୍ଷଣ ସୁବିଧା ଦେବେ । ଦୁଇଦେଶ ମଧ୍ୟରେ ବାଣିଜ୍ୟିକ ସହଯୋଗ ବୃଦ୍ଧି ପାଇଁ ନିଷ୍ପତ୍ତି ହୋଇଥିଲା । କ୍ରିକେଟର ବିକାଶ, ପ୍ରଶିକ୍ଷଣ, ଢାଞ୍ଚାଗତ ନିର୍ମାଣ କ୍ଷେତ୍ରରେ ସହଯୋଗ ପାଇଁ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ତ୍ରିନିଦାଦ-ଟୋବାଗୋର ମହିଳା ଖେଳାଳିମାନଙ୍କୁ ଭାରତରେ ପ୍ରଶିକ୍ଷଣ ଦେବାପାଇଁ ପ୍ରଧାନମନ୍ତ୍ରୀ ମୋଦି ପ୍ରସ୍ତାବ ଦେଇଥିଲେ । ଭାରତ ସମେତ ତ୍ରିନିଦାଦରେ ଗୀତା ମହୋତ୍ସବ ଆୟୋଜିତ ହେବ । ତ୍ରିନିଦାଦର ପଣ୍ଡିତମାନଙ୍କୁ ଭାରତରେ ପ୍ରଶିକ୍ଷଣ ସୁବିଧା ଯୋଗାଇଦେବାକୁ ପ୍ରଧାନମନ୍ତ୍ରୀ ମୋଦି ଘୋଷଣା କରିଥିଲେ । ଦୁଇଦେଶ ମଧ୍ୟରେ ସାଂସ୍କୃତିକ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ୨୦୨୫-୨୮ବର୍ଷ ପାଇଁ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ତ୍ରିନିଦାଦ ସରକାର ଭାରତକୁ ନିଜର ଷ୍ଟିଲପାନ୍ କଳାକାରମାନଙ୍କୁ ପ୍ରଦର୍ଶନ ପାଇଁ ପଠାଇବେ । ତ୍ରିନିଦାଦ ଟୋବାଗୋର ପାଠ୍ୟକ୍ରମରେ ଯୋଗର ପ୍ରଚଳନ ପାଇଁ ଭାରତ ସରକାର ଯୋଗବିତ୍ମାନଙ୍କୁ ଭାରତରୁ ପ୍ରେରଣ କରିବାକୁ ପ୍ରସ୍ତାବ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ତ୍ରିନିଦାଦ ସରକାରଙ୍କୁ ଦେଶରେ ଯୋଗ ଏବଂ ହିନ୍ଦୀ ଶିକ୍ଷା ପ୍ରସାର ପାଇଁ ଧନ୍ୟବାଦ ଦେଇଥିଲେ । ୱେଷ୍ଟ ଇଣ୍ଡିଜ୍ର ବିଶ୍ୱବିଦ୍ୟାଳୟରେ ଭାରତ ଅଧ୍ୟୟନ ଏବଂ ହିନ୍ଦୀରେ ଚେଆର ପ୍ରତିଷ୍ଠା ପାଇଁ ପୁନଃ ପ୍ରୟାସ କରାଯିବ । ଆୟୁର୍ବେଦ ଜ୍ଞାନର ପ୍ରସାର ପାଇଁ ତ୍ରିନିଦାଦରେ କାର୍ଯ୍ୟବୃଦ୍ଧି କରାଯିବାକୁ ଦୁଇ ପ୍ରଧାନମନ୍ତ୍ରୀ ଏକମତ ହୋଇଥିଲେ । ଭାରତ- ତ୍ରିନିଦାଦ ସଂସଦୀୟ ବନ୍ଧୁ ଗୋଷ୍ଠୀ ଗଠନ, ପ୍ରଶିକ୍ଷଣ, ଆଦାନପ୍ରଦାନ କାର୍ଯ୍ୟକ୍ରମ, ସଂସଦ ପରିଦର୍ଶନ କାର୍ଯ୍ୟକ୍ରମ କରାଯିବା ଉପରେ ଜୋର ଦିଆଯାଇଥିଲା । ଜାତିସଂଘର ବିସ୍ତାର, ପୁନର୍ଗଠନ, ସୁରକ୍ଷା ପରିଷଦର ସଦସ୍ୟ ସଂଖ୍ୟା ବୃଦ୍ଧିପାଇଁ ଦୁଇ ଦେଶ ଏକମତ ହୋଇଥିଲେ । ଜାତିସଂଘ ସୁରକ୍ଷା ପରିଷଦରେ ତ୍ରିନିଦାଦର ଅସ୍ଥାୟୀ ସଦସ୍ୟତା ପାଇଁ ୨୦୨୭-୨୮ ବର୍ଷ ଲାଗି ଭାରତ ସମର୍ଥନ ଜଣାଇବ ବୋଲି ପ୍ରକାଶ କରିଥିଲା । ସେହିପରି ୨୦୨୮-୨୯ରେ ଭାରତର ପ୍ରାର୍ଥିତ୍ୱକୁ ତ୍ରିନିଦାଦ ସମର୍ଥନ କରିବାକୁ ପ୍ରତିଶ୍ରୁତି ଦେଇଥିଲା । ପ୍ରଧାନମନ୍ତ୍ରୀ ମୋଦି ତ୍ରିନିଦାଦ -ଟୋବାଗୋର ପ୍ରଧାନମନ୍ତ୍ରୀ କମଳା ପରସାଦ ବିଶେସରଙ୍କୁ ସୁବିଧା ଅନୁଯାୟୀ ଭାରତ ଗସ୍ତରେ ଆସିବାକୁ ନିୟନ୍ତ୍ରଣ ଦେଇଥିଲେ । ଦୀର୍ଘବର୍ଷ ପରେ ଭାରତର ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ତ୍ରିନିଦାଦ ଓ ଟୋବାଗୋ ସହ ଭାରତର ଦ୍ୱିପାକ୍ଷିକ ସଂପର୍କକୁ କେବଳ ଯେ ସୁଦୃଢ଼ କରିବ ତା’ ନୁହେଁ ବରଂ ଦକ୍ଷିଣ ଆମେରିକାରେ ଭାରତର ସ୍ଥିତିକୁ ଅଧିକ ମଜଭୁତ କରିବ ।

ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩

# ଉଚ୍ଚାଭିଳାଷ ଜୀବନ ଓ ସ୍ୱପ୍ନ

**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ସ୍ୱପ୍ନ ଆମେ ଦେଖୁ । ସ୍ୱପ୍ନ ଦେଖିବା ଆମ ଅଧିକାର । ଯଦିଓ ତାହା ସତ ହୋଇପାରେ ଅବା ନ ହୋଇପାରେ । ତେବେ ପ୍ରଚୁର ସ୍ୱପ୍ନ, ବଡ଼ ବଡ଼ ସ୍ୱପ୍ନ ଦେଖିବା ପାଇଁ ଆମକୁ ଉତ୍ସାହିତ କରି ଆସିଛନ୍ତି ମୋଟିଭେସନାଲ ସ୍ପିକର, ମହାମନିଷୀ, ଦାର୍ଶନିକମାନେ । ତେବେ ସେମାନେ ଏ ବାବଦରେ ମଧ୍ୟ ସତର୍କ, ସଚେତନ କରାଇ ଦେବାକୁ ଭୁଲି ନାହାନ୍ତି ଯେ, କେବଳ ସ୍ୱପ୍ନ ଦେଖିଲେ ହେବନାହିଁ । ତକୁ ସାକାର କରିବାକୁ ହେଲେ କଠିନ ପରିଶ୍ରମ, କଠୋର ଅଧ୍ୟବସାୟ, ସାଧନା ଦରକାର । ପୁଣି ସାଧନାରେ, ପ୍ରୟାସରେ ଆନ୍ତରିକତା, ନିଷ୍ଠା ମଧ୍ୟ ଆବଶ୍ୟକ । ବ୍ୟକ୍ତି ବିଶେଷରେ ସ୍ୱପ୍ନ ଭିନ୍ନ ଭିନ୍ନ ହୋଇପାରେ କିନ୍ତୁ ସେହିସବୁ ସ୍ୱପ୍ନ ପଛରେ ଅନେକେ ଦଉଡୁଥାଆନ୍ତି ପାଗଳ ପରି । କେତେକ କେବଳ ଖିଆଲି ହୋଇ ଖାଲି ସ୍ୱପ୍ନ ଦେଖନ୍ତି, ତାହାକୁ ପୁରା କରିବା ପାଇଁ କୌଣସି ଆନ୍ତରିକତା ସେମାନଙ୍କର ନଥାଏ । ଆଉ କେତେକ ତ ଦିବା ସ୍ୱପ୍ନରେ ଚୁର । ସ୍ୱପ୍ନର ମାଦକତା କିନ୍ତୁ ସମସ୍ତଙ୍କୁ ସବୁକାଳେ ଘାରି ଆସିଛି, ଚୋରି କରିନେଇଛି ରାତିର ନିଦ ।

ସ୍ୱପ୍ନ ଖୋଲା ଆଖିର ଅଞ୍ଜନ ମୁଦା ଆଖିର ବି । ଖୋଲା ଆଖିରେ ଆମେ ଦେଖୁ ଆଗକୁ ବଢ଼ିବାର ବିକଶିତ ହେବାର ସ୍ୱପ୍ନ, ପ୍ରତିଷ୍ଠା ପ୍ରତିପତ୍ତିର ସ୍ୱପ୍ନ । ଆଖି ବୁଜିଥିବାବେଳେ ଗଭୀର ନିଦ୍ରାର ଆଶ୍ଳେଷ ଭିତରେ ବି ଆମେ ଦେଖୁ ଭଳିକି ଭଳି ସ୍ୱପ୍ନ । ସ୍ୱପ୍ନ ଆମକୁ କେବେ ଦିଏ ଆକାଶୀ ଉଡାଣର ଚଞ୍ଚଳତା ତ କେବେ ଆମକୁ କଚାଡ଼ି ଦିଏ ମାଟିରେ । ସ୍ୱପ୍ନରେ ଆମେ ଦେଖୁ ହଠାତ ଆମ ଚାରିପାଖରେ ଧନଧାନ୍ୟର ପ୍ରାଚୁର୍ଯ୍ୟ, ନଭଶ୍ଚୁମ୍ବୀ ଅଟ୍ଟାଳିକା, ବିଳାସପୂର୍ଣ୍ଣ ଯାନ, ଘରେ ଚାକର ଚାକରାଣୀ, ନିଜେ ଆମେ ସାହେବ, ସାହେବାଣୀ ସ୍ୱପ୍ନରେ ବି ଆମେ ଦେଖୁ ଆମର ପିଲାମାନେ ଭଲ ଚାକିରି ପାଇଛନ୍ତି ସମାଜରେ ପାଞ୍ଚ ଜଣକ ମଧ୍ୟ ଜଣେ ଭାବରେ ଗଣା ହେଉଛନ୍ତି । ପୁଣି କେବେ କେମିତି ଆମେ ସ୍ୱପ୍ନରେ ଦେଖୁ ପ୍ରିୟ ଜନଙ୍କର ମୃତ୍ୟୁ, ଦୁର୍ଘଟଣା, ସେମାନଙ୍କର ଯନ୍ତ୍ରଣାକାତର ଚାହାଣୀ । ହେଲେ ନିଦ ଭାଙ୍ଗିଗଲାବେଳକୁ ଆମେ ନିଜକୁ ଠାବ କରୁ ଯେଉଁଠିକୁ ସେଇଠି । ସୁଖ ସ୍ୱପ୍ନ ହୋଇଥିଲେ ଆମେ ଆଧାରୁ ଭାଙ୍ଗି ପଡ଼ିଥିବା ସ୍ୱପ୍ନକୁ ଆଉ ଥରେ ଦେଖିବାକୁ ଚାହୁଁ । ଆଶା କରୁ ଆହାଃ ଏମିତି ଅଧା ପୁଲକିତ, ଅଧା ରୋମାଞ୍ଚିତ ଆଉ ଅଧା ଶିହରିତ କରି ସ୍ୱପ୍ନଟି ଏମିତି ଅଧା ବାଟରୁ ବାଟ ଭାଙ୍ଗି ଚାଲିଗଲା । ଆଉ ଟିକେ ଆଗକୁ ବଢ଼ିପାରିଥାନ୍ତି କି । ଆଉ ଟିକେ ଲମ୍ବା ହୋଇଥାନ୍ତାକି ନିଦ । ହେଉ ପଛେ ସ୍ୱପ୍ନରେ, ନିଜର ଶ୍ରୀ, ସମୃଦ୍ଧି ଦେଖିବାକୁ ଆମେ ଆତୁର । ଆଉ ସ୍ୱପ୍ନ ଭିତରେ ଆମେ ଯଦି ଦେଖୁ ଦୁଃଖ, ଯନ୍ତ୍ରଣା ତା ହେଲେ ବିଚଳିତ ହୋଇଯାଉ । ମୋଟାମୋଟି ସ୍ୱପ୍ନ ଆମ ଆଖିରେ ବୋଳିଦିଏ କୁହୁକ ଅଞ୍ଜନ । ସ୍ୱପ୍ନ ଆମକୁ କେଉଁଠି ନାହିଁ କେଉଁଠି ନେଇ ପହଞ୍ଚାଇ ଦିଏ ଦୂର ଦିଗବଳୟରୁ ଘନଜଙ୍ଗଲ ଚନ୍ଦ୍ରରୁ ମଙ୍ଗଳ ।

ସ୍ୱପ୍ନ ଦେଖିବାକୁ କିଏ ଅବା ଭଲ ନପାଏ । କିଏ ଅବା ସୁଖ ମଣେ ସୁନେଲି ସ୍ୱପ୍ନରେ ଆବିଷ୍ଟ ହେବା ପାଇଁ । ଅନେକ ପ୍ରେରଣାଦାୟୀ ବକ୍ତା, ମହାପୁରୁଷ କହିଯାଇଛନ୍ତି ଜୀବନରେ ବଡ଼ ବଡ଼ ସ୍ୱପ୍ନ ଦେଖ । ସ୍ୱପ୍ନହୀନ ଜୀବନ, ନାଉରି ନଥିବା ନାଆ ସଦୃଶ । ତେଣୁ ଜୀବନରେ ପ୍ରଚୁର ସ୍ୱପ୍ନ ଦେଖ । ତାହାକୁ ସାକାର କରିବାକୁ ପାରୁ ପର୍ଯ୍ୟନ୍ତତ ଚେଷ୍ଟା କର । ନିଷ୍ଠା, ଆନ୍ତରିକତା ଆଉ କଠୋର ଅଧ୍ୟବସାୟ ଥିଲେ ସ୍ୱପ୍ନ ଦିନେ ନିଶ୍ଚି ଭାବେ ସାକାର ହେବ । ଏତେ ସପନକୁ ରାତି କାହିଁ । ବୋଲି ଯାହା କୁହାଯାଏ, ଯଦି ସେହି ଅନୁସାରେ ବି ଆମେ ସ୍ୱପ୍ନକୁ ତଉଲିବା ତାହେଲେ ଅଧା ସ୍ୱପ୍ନ ସତ ହୋଇପାରେ ବାକି ଅଧିକ ସ୍ୱପ୍ନରେ ହିଁ ହୁଏତ ରହିଯାଇପାରେ । ତେବେ ଏଥିରେ କାତର ହେବ ଉଚିତ ନୁହେଁ । ଗୁଡ଼ାଏ ସ୍ୱପ୍ନ ଦେଖିଥିବାରୁ ଅଧା ହୁଏତ ବାସ୍ତବ ରୂପ ନେଲା, ବାକି ଅଧିକ ସମାଧି ନେଇଗଲା ସେଇ ସ୍ୱପ୍ନ ଭିତରେ । କିନ୍ତୁ ଆମେ ଯଦି ଆଦୌ ସ୍ୱପ୍ନ ଦେଖିବା ନାହିଁ, ଆମ ଜୀବନର ନିର୍ଦ୍ଦିଷ୍ଟ ମନେହେବ ଅସାର ଓ ଅଳୀକ ।

ସ୍ୱପ୍ନ ବ୍ୟାପ୍ତି, ତାର ରୂପରେଖ ଭିନ୍ନ ଭିନ୍ନ ହୋଇପାରେ ବ୍ୟକ୍ତିବିଶେଷରେ । ଆର୍ଥିକ ଅସ୍ୱଚ୍ଛଳତା ଭୋଗୁଥିବା ଗରିବ ଲୋକଟିଏର ସ୍ୱପ୍ନ ଭଲରେ ଗଣ୍ଡେ ଖାଇବା, ଖଣ୍ଡେ ପିନ୍ଧିବା, ମୁଣ୍ଡ ଗୁଞ୍ଜିବା ପାଇଁ ଚାରିହାତ ଛାତ । ହଁ, ବେଳ ଅବେଳକୁ କିଛି ଟଙ୍କା ପଇସା ହାତରେ । ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ମୁରବୀଟିଏ ପାଇଁ ସ୍ୱପ୍ନ ଭିନ୍ନ କିଛି ମାଏନା ରଖେ । ଏଇ ଯେମିତି ପିଲାଏ ଭଲ ପାଠ ପଢ଼ନ୍ତୁ, ଭଲ ଚାକିରି ଚାକିରି କରି ସମାଜରେ ମର୍ଯ୍ୟାଦାବନ୍ତ ହୁଅନ୍ତୁ । ସହରରେ ନିଜର ବୋଲି ଦୃଶ୍ୟମାନ ଘରଟିଏ ହେଉ, ଆୟ ଅଳଙ୍କାର ବଢୁ । ଘର ଆଗରେ ଥୁଆ ହେଉ ଚକ ଚକ ଚାରିକିଆ । ସୁବିଧା ଅସୁବିଧାକୁ ଚଳେଇ ନେବା ପାଇଁ ବ୍ୟାଙ୍କ ବାଲାନ୍ସ ତ ନିହାତି ଲୋଡ଼ା । କୁହାଯାଏ ମଧ୍ୟବିତ୍ତ ଭାରତୀୟମାନେ ସବୁଠୁ ଅଧିକ ସ୍ୱପ୍ନ ଦେଖନ୍ତି । ସ୍ୱପ୍ନରେ ବୁଡ଼ି ରହିବାକୁ ଭଲ ପାଆନ୍ତି । ସ୍ୱପ୍ନ ପୂରଣ ହେବା ସହଜ ନୁହେଁ ଜାଣିବା ସତ୍ତ୍ୱେ ସ୍ୱପ୍ନ ବିଳାସୀ ହେବାକୁ ଭଲ ପାଆନ୍ତି । ସଫଳତାର ଗୋଟିଏ ଗୋଟିଏ ପାହାଚ ଚଢ଼ିବା ପାଇଁ ପ୍ରଥମେ ସ୍ୱପ୍ନ ଦେଖନ୍ତି, ପରେ ପ୍ରୟାସ କରନ୍ତି । କାରଣ ସ୍ୱପ୍ନ ଦେଖିଲେ ତ କାହା କିପରି ପୂର୍ଣ୍ଣାଙ୍ଗ ରୂପ ନେବ ସେଥିପାଇଁ ଚେଷ୍ଟା କରାଯିବ । ସ୍ୱପ୍ନର ଆକର, ପ୍ରକାର, ବ୍ୟାପ୍ତି, ସ୍ଥିତି, ରୂପରେଖ ଭଳିକି ଭଳି -ବ୍ୟକ୍ତି ବିଶେଷରେ । ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ, ଯିଏ ଯାହା ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ପାଇଁ ଧାଇଁଛି ଅଣନିଶ୍ୱାସୀ ହୋଇ । ସବୁ ସ୍ୱପ୍ନ ଯେ ସତ ହୁଏ ବା ସୁଖଦ ନିଦ୍ରା ସମୟରେ ମଣିଷ ଯେଉଁ ସୁନେଲି ସ୍ୱପ୍ନ ଦେଖିଥାଏ ଆଖି ଖୋଲିଲେ ମାତ୍ରେ ତାହା ନଥାଏ । କିନ୍ତୁ ଲୋକେ ଧନୀ ହେବାର ନିଜକୁ ପ୍ରତିଷ୍ଠିତ କରିବାର, ଅନ୍ୟ ମାନଙ୍କ ଠାରୁ ଭଲରେ ରହିବାର, ମନଲାଖି ଜୀବନସାଥୀ ପାଇବାର, ମନପସନ୍ଦର ନୀଡ଼ଟିଏ ଗଢ଼ିବାର, ସନ୍ତାନମାନେ ଆକାଶ ଛୁଇଁବାର ସ୍ୱପ୍ନ ଦେଖି ଚାଲନ୍ତି । ଦାର୍ଶନିକମାନେ ସ୍ୱପ୍ନକୁ ନେଇ ଭିନ୍ନ ଭିନ୍ନ ବିଶ୍ଳେଷଣ କରିଆସିଛନ୍ତତି । ମନସ୍ତାତ୍ତ୍ୱିକମାନେ ବି ସୁଖଦ ସ୍ୱପ୍ନ ଓ ଦୁଃସ୍ୱପ୍ନ ମଧ୍ୟରେ ବିଭେଦର ପ୍ରାଚୀର ତିଆରି କରିଛନ୍ତି । କିନ୍ତୁ ଗୋଟିଏ କଥାରେ କହିଲେ ସ୍ୱପ୍ନର ସୀମାରେଖା ଅସୀମ, ପରିବ୍ୟାପ୍ତ ଏହାର ରୂପରେଖ ।

ସାଧାରଣତଃ ଆମେ ସ୍ୱପ୍ନ ଦେଖୁ ରାତିରେ, ସୁକୋମଳ, ସୁଗଭୀର, ସୁନିଦ୍ରାର ସୁଷୁପ୍ତିରେ ଆଦୌ ଆଖିକୁ ଆବୋରିବସେ ସ୍ୱପ୍ନ । କୁହାଯାଏ ଯେଉଁ କଥା, ବ୍ୟଥା ସମ୍ପର୍କ, ସମ୍ବନ୍ଧ, ଚାହାଣୀ, ଚଳଣି ବିଷୟରେ ଆମେ ବେଶି ଭାବିଥାଉ ଯାହାକୁ ନେଇ ବ୍ୟସ୍ତ ବିବ୍ରତ ବିଚଳିତ ହେଉ, ଯେଉଁ ଭାବନା ଆମକୁ ବାରମ୍ବାର ଆନ୍ଦୋଳିତ କରେ, ମନକୁ ଚଳଚଞ୍ଚଳ କରେ ଆମେ ଉଦବିଗ୍ନ ହେଉ, ଯେଉଁ କାମରେ ଅକୃତକାର୍ଯ୍ୟ ହେଉ ସେ ସବୁ ଆମ ମନ ଭିତରେ ବସା ବାନ୍ଧି ରହିଥାଏ ।

**ସହ ପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର
ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭**

# ବ୍ରଣର ଘରୋଇ ଉପଚାର

**ଅପର୍ଣ୍ଣା ନାୟକ**

ଲେମ୍ବୁରସରେ ଗ୍ଲିସରିନ, ଗୋଲାପଜଳ ମିଶାଇ ଲଗାନ୍ତୁ । ଏକ ଚାମଚ ଲେମ୍ବୁ ରସ, ଏକ ଚାମଚ ଗାଜର ରସ ଓ ଚିନି ମିଶାଇ ତ୍ୱଚାରେ ଲେପ ଦେଲେ ବ୍ରଣ ସମସ୍ୟା ଦୂର ହୁଏ । ଲେମ୍ବୁ ରସ ଓ ତୁଳସୀ ରସ ସମପରିମାଣର ନେଇ ବ୍ରଣରେ ଲଗାନ୍ତୁ । ଦୁଇ ଚାମଚ ଟମାଟୋ ରସ, ଏକ ଚାମଚ କାକୁଡ଼ି ରସ, ଅଧା ଚାମଚ ଲେମ୍ବୁରସ ଓ ହଳଦି ମିଶାଇ ମୁହଁରେ ଲଗାଇଲେ ବ୍ରଣ ଦୂର ହେବା ସହ ତ୍ୱଚାର ରଙ୍ଗ ଉଜ୍ଜ୍ୱଳ ହେବ । କଞ୍ଚାଆଳୁ ରସରେ ଗ୍ଲିସରିନ, ସିର୍କା, ଗୋଲାପଜଳ ମିଶାଇ ଫେସ୍ପ୍ୟାକ୍ ତିଆରି କରନ୍ତୁ । ଏହାକୁ ମୁହଁରେ ଲଗାଇଲେ ବ୍ରଣ ଦାଗ ଦୂର ହୁଏ । ମୂଳାକୁ କାଟି ଦହିରେ ମିଶାଇ ମୁହଁରେ ଲଗାଇଲେ ବ୍ରଣ ଦୂର ହେବା ସହ ତ୍ୱଚା ସ୍ନିଗ୍ଧ ହୋଇଥାଏ । ସଦ୍ୟବ୍ରଣରେ ପିଆଜ ରସ ଲଗାଇଲେ ଏହା ସହଜରେ ଦୂର ହୁଏ । ବ୍ରଣ ପାଚିଯାଇଥିଲେ ପିଆଜ ରସରେ ମହୁ ମିଶାଇ ଲଗାନ୍ତୁ । କମଳାଚୋପା, ଚାଉଳ ଓ ଶୁଖିଲା ମଟର ମିଶି ଗୁଣ୍ଡକରି ବ୍ରଣ ପ୍ରଭାବିତ ସ୍ଥାନରେ ଲଗାଇଲେ ବ୍ରଣ ଭଲ ହୋଇଥାଏ । ପାଚିଲା ଅମୃତଭଣ୍ଡାକୁ ଚକଟି ମୁହଁରେ ଲଗାଇଲେ ବ୍ରଣ ଦୂର ହୁଏ । ତରଭୁଜ ଓ ଫୁଟିକାକୁଡ଼ି ରସକୁ ଏକାଠି ମିଶାଇ ମୁହଁରେ ଲଗାନ୍ତୁ । ସେହିଭଳି ତରଭୁଜ ମଞ୍ଜିକୁ ବାଟି ବ୍ରଣରେ ଲଗାଇଲେ ବ୍ରଣ ଦୂର ହୁଏ । ୨/୩ଟି ବାଦାମ, ୧ ବଡ଼ଚାମଚ ମସୁର ଡାଲି, ଅଧା ଚାମଚ ସୋରିଷ ମିଶାଇ ପେଷ୍ଟ ତିଆରି କରି ସେଥିରେ ଲେମ୍ବୁ ରସ ମିଶାନ୍ତୁ । ସଦ୍ୟବ୍ରଣରେ ଏହା ଲଗାଇଲେ ସୁଫଳ ମିଳିଥାଏ । ହଳଦିରେ କଞ୍ଚା ଧନିଆ ରସ ମିଶାଇ ମୁହଁରେ ଲଗାନ୍ତୁ । କଞ୍ଚାହଳଦି ରସ ବ୍ରଣରେ ଲଗାଇଲେ ମଧ ସୁଫଳ ମିଳିଥାଏ । କ୍ଷୀର ସହ ଜାଇଫଳ ମିଶ୍ରଣ, କଞ୍ଚାକ୍ଷୀର ଓ ମହୁ ସମାନ ମାତ୍ର କିମ୍ବା କ୍ଷୀରରେ କମଳା ରସ ମିଶାଇ ବ୍ରଣରେ ଲଗାଇଲେ ବ୍ରଣ ଦୂର ହୁଏ । ହାଲୁକା ଉଷୁମ ମହୁରେ ୫/୬ ବୁନ୍ଦା ଲେମ୍ବୁ ରସ ମିଶାଇ ଲଗାନ୍ତୁ । ମସୁର ଡ଼ାଲି, ବେସନ ଓ ହଳଦି ସମାନ ଭାବରେ ନେଇ କ୍ଷୀରରେ ରାତିସାରା ଭିଜାନ୍ତୁ । ସକାଳୁ ବାଟି ମୁହଁରେ ଲଗାନ୍ତୁ । ଏହା ତ୍ୱଚାକୁ ପରିଷ୍କାର କରିବା ସହ ବ୍ରଣ ଦୂର କରିଥାଏ । ମସୁର ଡାଲିରେ ପୋଦିନା ବା ତୁଳସୀ ପତ୍ର ମିଶାଇ ବାଟନ୍ତୁ । ସେଥିରେ ଗୋଲାପଜଳ ମିଶାଇ ମୁହଁରେ ଲଗାନ୍ତୁ । ତୁଳସୀପତ୍ର ବାଟି ତାକୁ ମହୁରେ ମିଶାଇ ଏହି ଲେପକୁ ବ୍ରଣରେ ଲଗାଇଲେ ସୁଫଳ ମିଳିବ । ନିମପତ୍ରକୁ ବାଟି ସେଥିରେ ଗୁଣ୍ଡହଳଦି ଓ ମହୁ ମିଶାଇ ଏହାକୁ ୧୦/୧୫ ମିନିଟ୍ ପାଇଁ ଚେହେରାରେ ଲଗାନ୍ତୁ । କେବଳ ନିମପତ୍ରକୁ ବାଟି ମୁହଁରେ ଲଗାଇଲେ ବ୍ରଣ ଦୂର ହୁଏ । ପୋଦିନା ପତ୍ର ବଟା ଓ ଦହି ମିଶ୍ରଣ କିମ୍ବା ଚନ୍ଦନ, ଲବଙ୍ଗ, କର୍ପୂର ଓ ନିମପତ୍ରକୁ ଏକାଠି ବାଟି କିମ୍ବା ଜିରା ଓ ମେଥିକୁ ବାଟି ମୁହଁରେ ଲଗାଇଲେ ମୁଖବ୍ରଣ ଦୂର ହୁଏ ।

ଘରେ ନଖର ଯତ୍ନ

ନଖର ଯତ୍ନ ନେବା ପୂର୍ବରୁ ସେଥିରେ ଲାଗିଥିବା ନେଲ୍ ପଲିସ୍କୁ ରିମୁଭର ସାହାଯ୍ୟରେ ଭଲ ଭାବରେ ପୋଛିଦିଅନ୍ତୁ । ଗୋଟିଏ ପାତ୍ରରେ ଟିକିଏ ସାମ୍ପୁ ଓ ପାଣି ନେଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ନଖକୁ ସେଥିରେ ୫ ମିନିଟ୍ ବୁଡ଼ାଇ ରଖନ୍ତୁ । ତାହାପରେ ନଖଗୁଡ଼ିକୁ ଗୋଲାକାରରେ କାଟି ଲେମ୍ବୁ ପାଣିରେ ୫ ମିନିଟ ବୁଡ଼ାନ୍ତୁ । ତାହା ଦ୍ୱାରା ନଖରୁ ହଳଦିଆ ଅଂଶ ବାହାରିଯିବ । ହାତ ପାଇଁ ଉଦ୍ଦିଷ୍ଟ ଲୋସନ୍କୁ ହାତରେ ପାଞ୍ଚରୁ ସାତ ମିନିଟ୍ ପର୍ଯ୍ୟନ୍ତ ମାଲିସ୍ କରନ୍ତୁ । ଲୋସନ ମାଲିସ କଲେ ନଖ ନରମ ହୁଏ । ନଖକୁ ଅତି କଣେଇ କାଟିବା ଅନୁଚିତ । ନଖ କାଟିବା ବେଳେ କ୍ଷତ ନ ହେବା ପ୍ରତି ଦୃଷ୍ଟି ଦେବେ । ଲୋସନ୍ ଲଗାଇବାର କିଛି ସମୟ ପରେ ମନ ପସନ୍ଦର ନେଲ୍ ପଲିସ୍ ବ୍ୟବହାର କରିପାରନ୍ତି ।

ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬
E-mail : jajatikeshari991@gmail.com

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

କନ୍ଧମାଳ, (ମହାଭାରତ) : ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ଫୁଲବାଣୀ ସହର ଉପକଣ୍ଠ ଗୁଦାରୀ ଏୟାରଷ୍ଟ୍ରିପ ନିକଟସ୍ଥ ଭାଲୁକୁଟି ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଯୁବକ ଜଣକ ଗୋଛାପଡ଼ା ଥାନା ବିନକିମେଣ୍ଡି (ନେଡିପଦର) ଗ୍ରାମର ତପନ ରଣା ବୋଲି ଜଣାପଡ଼ିଛି । ତପନ ଗତ ୬ ତାରିଖରୁ ନିଖୋଜ ଥିଲେ । ସୂଚନା ଅନୁଯାୟୀ, ତପନ ୪ ତାରିଖ ଦିନ ଜଣେ ସମ୍ପର୍କୀୟଙ୍କ ବାଇକ ଧରି କଟ୍ରିଙ୍ଗିଆ ଯାଇଥିଲେ, ପରେ ଆଉ ଘରକୁ ଫେରିନଥିଲେ କ୍ଷ ୬ ତାରିଖ ଦିନ ଯୁବକଙ୍କ କିଛି ସାଙ୍ଗ ସେ ଖଜୁରୀପଡ଼ା ଥାନା ଅନ୍ତର୍ଗତ ଗୁଦାରୀ ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ସୂଚନା ଦେଇଥିଲେ । ଖବର ପାଇ ପରିବାର ଲୋକେ ସେହି ସ୍ଥାନକୁ ଯାଇ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇନଥିଲେ । ପରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ବି କୌଣସି ସନ୍ଧାନ ମିଳିନଥିଲା । ତପନଙ୍କ ମୋବାଇଲ ପ୍ରଥମେ ରିଙ୍ଗ୍ ହେଉଥିଲା, କିନ୍ତୁ କେହି ଫୋନ ଉଠାଉନଥିଲେ । ମଙ୍ଗଳବାରଠାରୁ ତାଙ୍କ ଫୋନ୍ ସୁଇଚ୍ ଅଫ୍ ବୋଲି କହୁଥିଲା । ପରିବାର ଲୋକେ ଶେଷରେ ବାଧ ହୋଇ ଗୋଛାପଡ଼ା ଥାନାରେ ଲିଖିତ ଭାବରେ ଜଣାଇଥିଲେ । ଏନେଇ ଗୋଛାପଡ଼ା ପୁଲିସ ତଦନ୍ତ କରୁଥିବା ବେଳେ ଗୁରୁବାର ସକାଳେ ଜଙ୍ଗଲ ଭିତରେ ତପନଙ୍କ ମୃତଦେହ ପଡ଼ିଥିବା ଦେଖି କିଛି ଲୋକ ପୁଲିସକୁ ଖବର ଦେଇଥିଲେ । ଖଜୁରୀପଡ଼ା ପୁଲିସ ପହ*ି ତଦନ୍ତ ଆରମ୍ଭ କରିଛି । ଘଟଣା ସ୍ଥଳରୁ ଏକ ବାଇକ ଏବଂ ମୋବାଇଲ ମିଳିଛି । ଘଟଣାର ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ଏସଆଇ ଦୀନବନ୍ଧୁ ପ୍ରଧାନ କହିଛନ୍ତି ।

## ଗଞ୍ଜେଇ ଜବତ, ଜଣେ ଗିରଫ

ଦଶପଲ୍ଲା, (ମହାଭାରତ): ବାଣିଗୋଛା ଥାନା ଅନ୍ତର୍ଗତ ଗୋଛା ପମ୍ପ ହାଉସ ନିକଟରୁ ଅବକାରୀ ବିଭାଗ ଦ୍ୱାରା ବୁଧବାର ଦିନ ୫ କେଜି ଗଞ୍ଜେଇ ସହିତ ଏକ ବାଇକ ଜବତ କରାଯାଇଛି । ଜବତ ସମୟରେ ଜଣକୁ ଗିରଫ କରିଛନ୍ତି । ଗିରଫ ବ୍ୟକ୍ତି ଜଣକ ହେଲେ ନୟାଗଡ ଟାଉନ୍ ଥାନା ଅନ୍ତର୍ଗତ ଦିଆନପଡାର ବାସୁଦେବ ଜେନା ବୋଲି ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ ।ଏହି ଚଢାଉ ସମୟରେ ଦଶପଲ୍ଲା ଅବକାରୀ ଥାନା ଅଧିକାରୀ ଭବାନୀ ଶଙ୍କର ବେହେରାଙ୍କ ସମେତ କନେଷ୍ଟବଳ ପ୍ରଦୀପ୍ତ କୁମାର ନାଏକ, ପ୍ରହଲ୍ଲାଦ ପ୍ରଧାନ ଓ ଲକ୍ଷ୍ମୀ ମହାରଣା ପ୍ରମୁଖ ସାମିଲ ହୋଇଥିଲେ ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦୁଇ ଚାଷୀ ମୃତ

କୋକସରା (ମହାଭାରତ) : କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ବଡ଼ପୋଡ଼ାଗୁଡ଼ା ପଂଚାୟତ କଛାରପଡ଼ା ଗ୍ରାମର ଅନିରୁଦ୍ଧ ନାଏକ (୫୮) ଏବଂ ଧନୁର୍ଜୟ ମଶ୍ରା (୫୫) ଦୁଇ ଜଣ ଚାଷୀ ଗୁରୁବାର ପ୍ରାୟ ଦଶଟା ସମୟରେ ଚାଷ କାର୍ଯ୍ୟ ପାଇଁ ସ୍ଥାନୀୟ ମୁଠୁରା ନଦୀ ବାଞ୍ଜିବାହାଲ୍ ଏଲଆଇ ପଏ[ ରୁ ମୋଟର ଯୋଗେ ପାଣି ଚଳାଉଥିବା ବେଳେ ହଟାତ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିବା ଜଣାପଡିଛି । ଖବର ପାଇ ଆମପାଣି ପୋଲିସ ଘଟଣା ସ୍ଥଳରେ ପହ*ି ଘଟଣାର ଛାନବିନ କରିଛି । ଶବ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି । ତେବେ ମୃତ ଚାଷୀ ଦ୍ୱୟ ଉଭୟ ସମ୍ପର୍କରେ ଦୁଇ ସମୁଦୀ ହେବେ । ଏବଂ ଉଭୟ ଚାଷୀ ଦ୍ୱୟ ପରିବାର ପ୍ରତିପୋଷଣ ପାଇଁ ଚାଷ କାର୍ଯ୍ୟ ଉପରେ ନିର୍ଭର କରି ବର୍ଷ ତମାମ ଧାନ ଚାଷ ସହିତ ପନିପରିବା ଚାଷ କରି ଗୁଜୁରାଣ ମେଂଟାଉଥିଲେ । ତେବେ ଅଚାନକ ଘରର ମୁରବିକୁ ହରାଇ ପରିବାର ଲୋକେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡିଛନ୍ତି । ମୃତକ ଅନିରୁଦ୍ଧ ନାଏକଙ୍କ ତିନି ପୁଅ ଏବଂ ଗୋଟେ ଝିଅ ରହିଥିବା ବେଳେ ଧନୁର୍ଜୟ ମଶ୍ରାଙ୍କ ଚାରି ଜଣ ଝିଅ ଓ ଏକ ନାବାଳକ ପୁଅ ରହିଛି । ଚାଷୀ ମାନଙ୍କ ଅକାଳ ବିୟୋଗରେ ପରିବାର ଲୋକେ କାନ୍ଦ ବୋବାଳିରେ ଫାଟି ପଡୁଛି । ଚାଷୀ ଦ୍ୱୟଙ୍କ ଅକାଳ ମୃତ୍ୟୁ ବରଣ ଖବର ଶୁଣି ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ତେବେ ପ୍ରଶାସନ ପକ୍ଷରୁ ମୃତ ପରିବାର ବର୍ଗଙ୍କୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## କନ୍ଧମାଳରେ କଳାହାଣ୍ଡି ପୋଲିସକୁ ମାଡ଼

ବାଲିଗୁଡ, (ମହାଭାରତ) : ସାଧା ପୋଷାକଧାରୀ ପୋଲିସକୁ ଅପହରଣକାରୀ ଭାବି ନିର୍ଦ୍ଧମ ମାଡ଼ ମାରିଲେ ସାଧାରଣ ଲୋକେ । ଶେଷରେ ତୁମୁଡ଼ିବନ୍ଧ ପୋଲିସକୁ ଡାକି ପୋଲିସର ଜିମା ଦେଇଥିବା ଜଣାପଡ଼ିଛି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ କର୍ତମଗଡ଼ ଅଂଚଳରେ । ସୂଚନା ପ୍ରକାରେ ଜଣେ ଅପରାଧୀ ବାଲିଗୁଡ଼ା ଥାନା ଅଂଚଳରେ ଲୁଚି ରହିଥିବା ମୋବାଇଲ୍ ନମ୍ବର୍ ଟ୍ରାକିଂ ଦ୍ୱାରା ଜାଣିବାକୁ ପାଇଥିଲା କଳାହାଣ୍ଡି ଜିଲ୍ଲା ପୋଲିସ୍ । ସାଧା ପୋଷାକରେ ଏକ ଘରୋଇ କାର୍ ରେ ମୋବାଇଲ୍ ଫୋନ୍ ନମ୍ବର୍ ଲୋକେସନ୍ ଟ୍ରାକିଂ କରିଥିବା ଠିକଣା ସ୍ଥାନରେ ପହଁଚିବା ପରେ ନିଜ ପରିଚୟ ଲୁଚାଇ ସମ୍ପୃକ୍ତ ଅପରାଧି କୁ ଫୋନ୍ କରି ଡାକିଥିଲା ପୋଲିସ୍ । ଅଭିଯୁକ୍ତ ଜଣକ ପୋଲିସ୍ ନିକଟରେ ପହଁଚିବା ପରେ ମାତ୍ର ଅଳ୍ପ କିଛି ସମୟ ପଚରାଉଚରା ବେଳେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲା ଅଭିଯୁକ୍ତ । ଅଭିଯୁକ୍ତକୁ ଗୋଡ଼ାଇ ଧରିବା ବେଳେ ସମ୍ପୃକ୍ତ ଅଭିଯୁକ୍ତ ଜଣକ ପୋଲିସକୁ ଅପହରଣକାରୀ କହି ପାଟି କରି ଗାଁ ଲୋକଙ୍କୁ ଡାକିବାରୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରୁ ଫେରି ଆସିଥିଲେ ପୋଲିସ୍ । କିନ୍ତୁ ଗାଁ ଲୋକଙ୍କ ସୂଚନା ପ୍ରକାରେ କୁର୍ତମଗଡ଼ ପନ୍ଦର ମାଇଲ୍ ଛକ ନିକଟରେ କିଛି ଲୋକ ଏକତ୍ରିତ ହୋଇ ସାଧା ପୋଷାକଧାରୀ ପୋଲିସ୍ ଯାଉଥିବା କାର୍ କୁ ଅଟକାଇଥିଲେ । ଗାଡ଼ିରୁ ଓହ୍ଲାଇ ପୋଲିସ୍ କର୍ମଚାରୀ ନିଜ ପରିଚୟ ଦେବାବେଳକୁ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ ଉତ୍ୟକ୍ତ ଲୋକେ । ଖବରପାଇ ଘଟଣାସ୍ଥଳରେ ତୁମୁଡ଼ିବନ୍ଧ ଥାନା ପୋଲିସ୍ ପହଁଚି ସମ୍ପୃକ୍ତ ସାଧା ପୋଷାକଧାରୀ ପୋଲିସଙ୍କୁ ଉଦ୍ଧାର କରି ତୁମୁଡ଼ିବନ୍ଧ ଥାନାକୁ ନେଇ ଘଟଣା ସମ୍ପର୍କରେ ବୁଝିଥିବା ଜଣାପଡ଼ିଛି ।

## ଗୋପବନ୍ଧୁ ପ୍ରଭାତ ଶାଖା ତରଫରୁ ଗୁରୁ ପୂର୍ଣ୍ଣିମା ପାଳନ

ଦାନଗଦୀ, (ମହାଭାରତ): ଆଜି ପବିତ୍ର ଆଷାଢ଼ ମାସ ବ୍ୟାସ ପୂର୍ଣ୍ଣିମା ଦିବସ ରେ ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକର ଗୋପବନ୍ଧୁ ସ୍ୱୟଂ ସେବକ ମାନଙ୍କ ପ୍ରଭାତ ଶାଖା ପକ୍ଷ ରୁ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟୁଷ ରୁ ଶାଖା ର ସମସ୍ତ ସ୍ୱୟଂ ସେବକ ଭାଇ ମାନେ ଉପସ୍ଥିତ ହେବା ପରେ ପ୍ରଥମେ ଗୁରୁପୂଜନ ହୋଇଥିଲା, ତାପରେ ଶାଖା ର ପରିଚାଳକ ଗୋପୀନାଥ ରାଉତ ଙ୍କ ଦ୍ୱାରା ଧ୍ୱଜ ସ୍ଥାପନ ସାମୁହିକ ଧ୍ୱଜ ପ୍ରଣାମ, ଦଣ୍ଡ ପୂଜନ କରାଯାଇଥିଲା । ଏହା ପରେ ସଙ୍ଘ ସହ ବିଭାଗ କାର୍ଯ୍ୟବାହ ମାନନୀୟ ବରୁଣ କୁମାର ବନଛୋର ଉପସ୍ଥିତ ସ୍ୱୟଂ ସେବକ ମାନଙ୍କୁ ଆଜିର ଗୁରୁ ପୂର୍ଣ୍ଣିମା ଦିବସ ର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ । ସେବା ସମର୍ପଣ ଭାବ ନ ରହିଲେ ଏକ ଅଖଣ୍ଡ ସୁରକ୍ଷିତ ରାଷ୍ଟ୍ର ନିର୍ମାଣ ହୋଇ ପାରିବ ନାହିଁ, ବ୍ୟକ୍ତି ସ୍ୱୟଂ ନିଜକୁ ଜ୍ଞାନଅର୍ଜନ ଓ ଶକ୍ତିଶାଳୀ କରିବା ପାଇଁ ନିତ୍ୟ ଶାଖା କୁ ଆସିବାର ଆବଶ୍ୟକ ତା ଅଛି ବୋଲି ବୁଝାଇ କହିଥିଲେ । ଏହାପରେ ସମସ୍ତ ଭାଇ ମାନେ ସମର୍ପଣ ଭାବେିଧି ଅନୁସାରେ ଗୁରୁ ଦକ୍ଷିଣା ପ୍ରଦାନ କରିଥିଲେ, ଶେଷରେ ରମାକାନ୍ତ ନନ୍ଦ ଙ୍କ ଦ୍ୱାରା ସଙ୍ଘ ପ୍ରାର୍ଥନା କରାଯାଇଥିଲା । ଗୋପବନ୍ଧୁ ଶାଖା ର କୁମର ମୁଦୁଲି, ଅରୁଣ ମହାରଣା, ସୁବାଷ ଚନ୍ଦ୍ର ବଳ ସାମନ୍ତ, ଶ୍ରୀକାନ୍ତ ମହାପାତ୍ର,ସନ୍ତୋଷ କୁମାର ତ୍ରିପାଠୀ,ସରୋଜ ସାହୁ, ଇନ୍ଦଜିତ ବେହେରା, ଅଜୟ କୁମାର ଦାସ ପ୍ରମୁଖ ଙ୍କ ସହ ଏକାଧିକ ସ୍ୱୟଂ ସେବକ ଉପସ୍ଥିତ ଥିଲେ ।

## ଏଚେଶିଏଲ୍ କମ୍ପାନୀର ନିମ୍ନମାନର ବିଦ୍ୟାଳୟ ଗୃହକାର୍ଯ୍ୟ, ପ୍ରଶାସନ ନୀରବ

ଦାନଗଦୀ, (ମହାଭାରତ): ମୋର ଉପର ମହଲା ପ୍ରଯ୍ୟନ୍ତ ଲମ୍ବା ହାତ ମୋର କେହି କିଛି କରି ପାରିବେ ନାହିଁ.. ଏପରି କଥା ଠିକାଦାର ମାନେ କହି ଦିନ ଦି ପ୍ରହରରେ ଦୁର୍ନୀତି କରୁଥିବା ଚର୍ଚ୍ଚା ହେଉଛି, କୌଣସି ସରକାର ଗୃହ ନିର୍ମାଣ ପୂର୍ବରୁ ସର୍ବସାଧାରଣ ଙ୍କ ଅବଗତ ପାଇଁ ସୂଚନା ଫଳକ ରେ କାର୍ଯ୍ୟ ର ସମ୍ପୂର୍ଣ ବିବରଣୀ ଦେବା ବାଧ୍ୟତାମୂଳକ । କିନ୍ତୁ ବିନା ଫଳକ ରେ କାମ ଆରମ୍ଭ କରି ଗ୍ରାମବାସୀ ବିରୋଧ କରିବାରୁ ଅଲେଖା ଫଳକ ରେ ଜିଲ୍ଲା ଖଣିଜ ପାଣ୍ଠି ରୁ ଚାଲିଛି ବିଦ୍ୟାଳୟ ଗୃହ କାମ, ଏଚେସିଲ୍ଏ କମ୍ପାନୀ ଦାନଗଦି ବ୍ଲକର ଶାଳିଜଙ୍ଗା ପଂଚାୟତ ଅନ୍ତର୍ଗତ ଏହି ଗାଁର ପଂଚାୟତ ଉଚ୍ଚ ବିଦ୍ୟାଳୟ ନୂତନ ଶ୍ରେଣୀ ଗୃହ ନିର୍ମାଣ ରେ ଦେଖିବାକୁ ମିଳିଛି । ଜିଲ୍ଲା ଖଣିଜ ପାଣ୍ଠି ରେ ବର୍ତମାନ ବ୍ଲକର ବହୁତ ଜାଗା ରେ



ବିଦ୍ୟାଳୟ ଗୃହ ନିର୍ମାଣ ହେଉଥିବା ଦେଖିବାକୁ ମିଳୁଛି ପ୍ରାୟ ଅଧିକାଂଶ ଜାଗାରେ ଠିକାଦାର ମନମୁଖୀ କାର୍ଯ୍ୟ କରୁଛନ୍ତି ଏବଂ ଗୃହ ଟି ପ୍ରାୟ ଲକ୍ଷା ଧିକ ଟଙ୍କା ଉର୍ଦ୍ଧ୍ୱ ବ୍ୟୟ ଅଟକଳ ରେ ହେଉଛି ଥିବା ଜଣାପଡିଛି ।ଏଠାରେ ଠିକାଦାର ଅଲେଖା ଫଳକ ରେ ଜୋର ଜବରଦସ୍ତ କାର୍ଯ୍ୟ କରୁଛନ୍ତି । ଏହି ଶ୍ରେଣୀ ଗୃହ ନିର୍ମାଣ କାମ ନିମ୍ନ ମାନର ହେଉଥିବା ଜଳ ଜଳ ଦେଖାଦେଉଛି ।ଉକ୍ତ କାର୍ଯ୍ୟ ପାଇଁ ଠିକାଦାର ଆରମ୍ଭରୁ ନିମ୍ନମାନର ସିମେଂଟ, ରଡ ଓ କାମ ରେ ବ୍ୟବହାର କରୁଥିବା ସର୍ବ ସାଧାରଣରେ ପକ୍ଷରୁ ଅଭିଯୋଗ ହେଉଛି ।ସମସ୍ତ ପିଲର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ଲୁହାଛଡ଼ ୧୬ ଜାଗା ରେ ୧୨ଲାଗୁଛି, ୧୨ଜାଗାରେ ୧୦ ଲାଗୁଛି, ଚିପ୍ସ ମିଶାଇ ତଳ ଢ଼ଳେଇ ହେଉଛି, ବହୁ ଦୁର୍ବଳ କାର୍ଯ୍ୟ ହେଉଛି । ଭଲ ସିମେ[ ରେ କାମ ହେଉନଥିବାରୁ ଗୋଟେ ସାଇଟ ଖସି ଗଲାଣି, ବିଦ୍ୟାଳୟ ମୁଖ୍ୟ ଫାଟକ ରାସ୍ତାରେ ବାଲି ଓ ମେଟାଲ ପକାଇ ବିଦ୍ୟାଳୟ ରାସ୍ତା ଅବରୋଧ କରିଛନ୍ତି, ପିଲାମାନେ ଯାତାୟାତ ପାଇଁ ହଇରାଣ ହେଉଛନ୍ତି,ଏଠାକୁ ବିଭାଗୀୟ ଯନ୍ତ୍ରୀ ଆସୁନଥିବାରୁ ଜଣାପଡୁଛି କାରଣ ଯଦି ଏଠାକୁ ଆସୁଥାନ୍ତେ ତେବେ ଏଭଳି କାର୍ଯ୍ୟ ହେଉ ନଥାନ୍ତା ଓ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁନ ଥାନ୍ତେ । ଜିଲ୍ଲା ଖଣିଜ ପାଣ୍ଠି ର କୋଟି କୋଟି ଟଙ୍କା କୁ ଲୁଟ କରି ଖାଇବା ପାଇଁ ଏକ ମିଳିତ ଯୋଜନା ହୋଇଥିବା ପରି ଜଣା ପଡୁଛି ନଚେତ ଦିନ ଦ୍ୱି ପ୍ରହର ରେ ଠିକାଦାର ମାନେ କାହା ସାହସ ରେ ନିର୍ଭୟ ରେ ଏପରି ନିମ୍ନ ମାନର କାମ କରୁଛନ୍ତି, ସରକାର ଓ ପ୍ରଶାସନର ପକ୍ଷରୁ ଉକ୍ତ ଶ୍ରେଣୀ ଗୃହକାମ ତଦନ୍ତ କରି ଠିକାଦାର ତାଗିଦ କରି କାର୍ଯ୍ୟ ଟି ଭଲଭାବରେ କରିବାକୁ ଗ୍ରାମବାସୀ ଦାବି କରୁଛନ୍ତି ।

## ସାହିତ୍ୟ ଏକାଡେମୀ ପକ୍ଷରୁ ବିଭିନ୍ନ ପ୍ରତିଯୋଗୀତା

ଗଜପତି, (ମହାଭାରତ) : ଓଡ଼ିଶା ସାହିତ୍ୟ ଏକାଡ଼େମୀ ସ୍ୱର୍ଣ୍ଣକ୍ଷତ୍ର ଦିବସ ୨୫ ଜୁଲାଇ ୨୦୨୫ରେ ପାଳନ ଉପଲକ୍ଷେ ଚଳିତବର୍ଷ ଜିଲ୍ଲାସ୍ତରୀୟ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ମହେନ୍ଦ୍ରଗିରି ପୌରପରିଷଦ ସରକାରୀ ଉଚ୍ଚ ବିଦ୍ୟାଳୟ ପାରଳାଖେମୁଣ୍ଡି ଠାରେ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ବିଭିନ୍ନ ପ୍ରତିଯୋଗିତା ତଥା ପ୍ରବନ୍ଧ,ବକ୍ତୃତା, କବିତା ଆବୃତି ଓ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ଇତ୍ୟାଦି ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ଜିଲ୍ଲାର ସମସ୍ତ ବ୍ଲକର ଉକ୍ତ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା କନିଷ୍ଠ ଓ ବରିଷ୍ଠ ବର୍ଗର ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ । ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଆଜିର ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ କନିଷ୍ଠ ବର୍ଗ ଆସନ୍ତା ୧୩ ଜୁଲାଇ ଓ ବରିଷ୍ଠ ବର୍ଗ ଆସନ୍ତା ୨୦ ଜୁଲାଇ ଅଂଶ ଗ୍ରହଣ କରିବେ ।

## ଜିଲ୍ଲା ସ୍ତରୀୟ ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳିତ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ମୃର୍ତିକା ସଂରକ୍ଷଣ ଓ ଜଳ ବିଭାଜିକା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେରେ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଜାତୀୟ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀ ନିରୋଦ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଶ୍ରୀ ସୁଶାନ୍ତ ରଞ୍ଜନ ଦାସ ,ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼.ବିଦ୍ୟୁତ୍ ଶେଖର ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଗଜପତି ସୁରେଶ ପଟ୍ଟନାୟକ , ସେଚୁରୀୟନ୍ ବିଶ୍ୱ ବିଦ୍ୟାଳୟର ସହକାରୀ ଅଧ୍ୟାପକ ଅରବିନ୍ଦ ଉପାଧ୍ୟାୟ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମାଝୀ




ମତ୍ସ୍ୟ ଚାଷୀଙ୍କୁ ଅଳ୍ପ ଅର୍ଥ ବିନିଯୋଗ କରି ଅଧିକ ଲାଭ କରିବା ପାଇଁ ଚାଷୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଗଜପତି ଜିଲ୍ଲାରେ ସବୁଠାରୁ ଅଧିକ ମାଛ ଚାଷ ଉତ୍ପାଦନ ହୋଇପାରିବ । ମତ୍ସ୍ୟ ଚାଷ କରିବା ଦ୍ୱାରା ଚାଷୀ ଭାଇ ଭଉଣୀ ମାନେ ଅଧିକ ଲାଭବାନ ପାଇପାରିବେ । ଏଥିସହିତ ମତ୍ସ୍ୟ ଚାଷୀ ନୂତନ ଜ୍ଞାନ କୌଶଳ ପଦ୍ଧତି ଆପଣାଇବା ସହ ତଳିଆ ଜମିରେ ମାଛ ଚାଷ କରି ମତ୍ସ୍ୟ ପୋଖରୀ ନିର୍ମାଣ ଏବଂ ମହିଳା ସଶକ୍ତିକରଣ ଓ ବିକାଶ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସେହିପରି ଜିଲ୍ଲାର ତିନି ଜଣ ସଫଳ ମତ୍ସ୍ୟ ଚାଷୀ ଯଥା କାଶୀନଗର ବ୍ଲକର ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ, ଗୋସାଣୀ ବ୍ଲକର ଗେଡେଲା କଳ୍ପନା ଓ ଗୁମ୍ମା ବ୍ଲକର ଏଲିଓ ରଇତଙ୍କୁ ସଫଳ ମତ୍ସ୍ୟ ଚାଷୀ ଭାବେ ଅତିରିକ୍ତ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିଥିଲେ ।ଆଜିର ଏହି କାର୍ଯ୍ୟକ୍ରମକୁ ସହକାରୀ ମତ୍ସ୍ୟ ଅଧିକାରୀ କିଶୋର ଚନ୍ଦ୍ର ପତି ପରିଚାଳନା କରିଥିବା ବେଳେ ବିଭାଗୀୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ନାଁରେ ଲୋକଙ୍କୁ ଲଗାଉଥିଲା ଚୂନ

ନୟାଗଡ଼, (ମହାଭାରତ) : ନୟାଗଡ଼ ଟାଉନଥାନା ପୁଲିସ ୪୨୦ ମାନସକୁ ଗିରଫ କରିଛି । ମାନସ ହେଉଛନ୍ତି ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ମେଳାମ୍ବ ଗ୍ରାମର ମାଗିନି ରାଉତରଙ୍କ ପୁଅ । ସେ ଦୀର୍ଘଦିନ ଧରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ନାଁ କହି ଲୋକଙ୍କୁ ଠକେଇ କରୁଥିବା ମାନସକୁ ଧରିବା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା । ପୁଲିସ ତା ନିକଟରୁ ଗୃହ ବିଭାଗ ନକଲି ପରିଚୟ ପତ୍ର, ଅନେକ ନକଲି ସାର୍ଟିଫିକେଟ୍ ଏବଂ ମୋବାଇଲ ଜବତ କରିଛି । ଜବତ ହୋଇଥିବା ମୋବାଇଲରୁ ସେ ଅନେକ ଯୁବତୀଙ୍କ ସହ ଅସଜ୍ଞୀତ ଅବସ୍ଥାରେ ରଖିଥିବା ଫଟୋ ପୁଲିସ ହାବୁଡ଼ରେ ପଡ଼ିଛି । ପୁଲିସ ନିକଟରୁ ମିଳିଥିବା ସୂଚନାନୁସାରେ, ମାନସ ବିଭିନ୍ନ ବାହାନା ଦେଖାଇ ଅନେକ ଲୋକଙ୍କ ଠାରୁ ଠକେଇ କରି ଆସୁଥିଲା । ନିଜକୁ ଗୃହ ବିଭାଗ ସେକ୍ରେଟେରୀ ବୋଲି ପରିଚୟ ମଧ ଦେଉଥିଲା । ଏପରିକି ଅନେକ ପୁଲିସ ଅଧିକାରୀଙ୍କୁ ମଧ ସେ ଫୋନ୍‌ରେ ଧମକ ଦେଉଥିଲା । ସାଧାରଣ ଲୋକଙ୍କୁ ମୁଖ୍ୟମନ୍ତ୍ରୀ ଜନଶୁଣାଣି କାର୍ଯ୍ୟାଳୟରୁ କହୁଛି କହି ସେମାନଙ୍କ କାମ କରିବା ପାଇଁ ଟଙ୍କା ଆଦାୟ କରୁଥିଲା । ନୟାଗଡ଼, ଖୋର୍ଦ୍ଧା, କଟକ, ଭୁବନେଶ୍ୱର ଓ ପୁରୀ ପୁଲିସ ପାଇଁ ସେ ମୁଣ୍ଡ ବିନ୍ଧାର କାରଣ ପାଲଟିଥିଲା । ଗତ ୨ ତାରିଖ ଅପରାହ୍ନରେ ମାନସ ନୟାଗଡ଼ ଟାଉନଥାନା ଅନ୍ତର୍ଗତ ବରପଲ୍ଲୀ ଗ୍ରାମର ମନୋଜ କୁମାର ଜେନାଙ୍କୁ ଠକେଇ କରିବା ଅଭିଯୋଗରେ ପୁଲିସ ତାକୁ ଗିରଫ କରିଛି । ଅଭିଯୋଗ ଅନୁସାରେ ମନୋଜଙ୍କୁ ସଚିବାଳୟରେ ଚାକିରି କରାଇ ଦେବା ପାଇଁ ମାନସ ପ୍ରଲୋଭିତ କରିଥିଲା । ଏଥିପାଇଁ ସେ ୨ ଲକ୍ଷ ଟଙ୍କା ଦାବି କରିଥିଲା । ୨ ତାରିଖ ଅପରାହ୍ନରେ ମନୋଜ ଟଙ୍କା ଧରି ଷ୍ଟେସନ ରୋଡ଼ରେ ଅପେକ୍ଷା କରିଥିଲେ ।




ଏହି ସମୟରେ ମାନସ ୩ ଜଣ ସହଯୋଗୀଙ୍କ ସହ ସେଠାରେ ପହଂଚି ଟଙ୍କା ମାଗିଥିଲେ । କଥୋପକଥନ ସମୟରେ ମନୋଜଙ୍କ ସନ୍ଦେହ ହେବାରୁ ସେ ଟଙ୍କା ଦେବାକୁ ରାଜି ହୋଇନଥିଲା । ଯାହାକୁ ନେଇ ମାନସ ଏବଂ ତାଙ୍କ ସହଯୋଗୀ ମାନେ ଜବରଦସ୍ତ ଟଙ୍କା ବ୍ୟାଗକୁ ଛଡ଼ାଇ ନେଇଥିଲେ । ମାନସ ପରେ ମନୋଜଙ୍କ ଆଉ ଫୋନ୍ ଉଠାଇ ନଥିଲେ । ଯାହାକୁ ନେଇ ମନୋଜ ନୟାଗଡ଼ ଟାଉନଥାନାରେ ଦ୍ୱାରସ୍ଥ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ପୁଲିସ ଗତ ବୁଧବାର ରାତିରେ ମାନସକୁ ମେଳାମ୍ବ ଗ୍ରାମରୁ ଧରିଥିଲା । ଏନେଇ ତଦନ୍ତ ପରେ ମାନସ ଜଣେ ବିଖ୍ୟାତ ଠକ ବୋଲି ଜଣାପଡ଼ିଛି । ସେ ଅନେକ ସରକାରୀ କର୍ମଚାରୀ, ପୁଲିସ ବିଭାଗ ଅଧିକାରୀ, ସାଧାରଣ ଲୋକଙ୍କୁ ଠକେଇ କରିଥିବା ସୂଚନା ମିଳିଛି । ଏପରିକି ଅନେକ ଝିଅଙ୍କୁ ଚାକିରୀ କରାଇ ଦେବା ପାଇଁ ପ୍ରଲୋଭିତ କରି ଶାରିରୀକ ସମ୍ପର୍କ ରଖିବା ସହ ଏହାର ଫଟୋ ନିଜ ମୋବାଇଲରେ ରଖିଥିବା ପୁଲିସ ଜାଣିବାକୁ ପାଇଛି । ମାନସ କେତେ ବେଳେ ନିଜକୁ ମୁଖ୍ୟମନ୍ତ୍ରୀ ଜନଶୁଣାଣି କାର୍ଯ୍ୟାଳୟ କର୍ମଚାରୀ, କେତେ ବେଳେ ଗୃହ ବିଭାଗ ସଚିବ କହି ଅତ୍ୟନ୍ତ ଚତୁରତାର ସହ ଠକି ଚାଲିଥିଲା । ଏଭଳି ୪୨୦ ଠକକୁ ପୁଲିସ ଗିରଫ କରିବା ପରେ ନୟାଗଡ଼ରେ ଠକେଇର ଶୀକାର ହୋଇଥିବା ଅନେକ ବ୍ୟକ୍ତି କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ମାନସ ନିଜ ଗାଁର ମଧ ଅନେକ ଲୋକଙ୍କୁ ଠକେଇ କରିଥିବା ମେଳାମ୍ବ ଗ୍ରାମବାସୀ କହିଛନ୍ତି । ମାନସଙ୍କୁ ଗିରଫ କରାଯାଇଥିବା ନେଇ ନୟାଗଡ଼ ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି । ନୟାଗଡ଼ ଏସଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ ଏହି ମାମଲାକୁ ତଦାରଖ କରୁଥିବା ଜଣାପଡ଼ିଛି ।

## କଙ୍ଗାରୁକୋର୍ଟ: ପ୍ରେମ ଯୁଗଳଙ୍କୁ ପଡିଲା ମାହାଙ୍ଗା

ରାୟଗଡ଼ା -ଏବେବି ବଂ*ରହିଛି ପୁରାତନ ପରମ୍ପରା ତାକୁ ନେଇ କଙ୍ଗାରୁକୋର୍ଟ, ଗୋଟିଏ ବଂଶର ହୋଇଥିବାରୁ ମାହାଙ୍ଗା ପଡିଲା ପ୍ରେମ ଯୁଗଳଙ୍କୁ, ବିଲରେ ହଳ କରିବା ପରେ ତଡା ଖାଇଲେ,ଏବେ ଉଭୟଙ୍କ ଖଜ ଖବର ନାହିଁ । ଏପରି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଶିକରପାଇ ପଂ*ାୟତ କଞ୍ଚାମଯୋଡ଼ି ଗାଁରେ, ସୋସିଆଲ ମିଡିଆରେ ଏକ ଭିଡ଼ିଓ ଭାଇରାଲ୍ ହେବାରେ ଲାଗିଛି, ଗ୍ରାମ ଦେବୀଙ୍କ ପାଖରେ ପୂଜାପାଠ କରାଇବା ପରେ ବଳଦ ସ୍ଥାନରେ ଗୋଟିଏ ପୁଅ ଓ ଝିଅକୁ କନ୍ଧରେ ଯୁଆଳି ପକେଇ କ୍ଷେତରେ ତଶିବାକୁ ବାଧ କରାଯାଉଛି, ଉଭୟଙ୍କ ଅନୀଚ୍ଛା ସତେ ଧମକଚମକ ଦେଇ ହଳ କରାଉଛନ୍ତି ଗାଁ ଲେକେ । ଏହାର



ଅନୁସନ୍ଧାନରୁ ଜଣା ପଡ଼ିଲା ଗାଁ କୁଟୁମ୍ବଙ୍କ ନିଷ୍ପତି ଅନୁସାରେ ଉଭୟଙ୍କୁ ଦଣ୍ଡ ଦିଆଯାଇ ଗାଁରୁ ତଡି ଦିଆଯାଇଛି । ଏମାନଙ୍କ ଭୁଲ ଥିଲା ଉଭୟ ଗୋଟିରେ ବଂଶର ସମ୍ପର୍କରେ ଆଦିବାସୀ ପରମ୍ପରା ଅନୁଯାୟୀ ଗୋଟିଏ ବଂଶର ହୋଇଥିଲେ ବିବାହ ବନ୍ଧନରେ ଆବଦ୍ଧ ହୋଇପାରିବେ ନାହିଁ କାରଣ ଗୋଟିଏ ରକ୍ତର ସମ୍ପର୍କ ତେଣୁ ବିବାହ ହୋଇ ପାରିବ ନାହିଁ । କଞ୍ଚାମାଯୋଡ଼ି ଗାଁର ଲାକ ସାରକା ଓ କୋଡ଼ିଆ ସାରକା ଙ୍କ ପ୍ରେମ ସମ୍ପର୍କ ରହିଥିଲା ଦିନେ ଉଭୟଙ୍କୁ ଏକତ୍ରିତ ଥିବା ଗାଁ ଲେକେ ଦେଖି ଥିଲେ । ଏହାକୁ ନେଇ ଗାଁ କୁଟୁମ୍ବ ବୈଠକ ବସି ଉଭୟଙ୍କୁ ଏହି ଦଣ୍ଡ ଶୁଣାଇଥିଲେ ଯାହା ତାଙ୍କ ପରମ୍ପରା ରହିଛି । କେବଳ ଏତିକିରେ ସୀମିତ ନଥିଲା ଉଭୟଙ୍କୁ ଗାଁ ଛାଡ଼ିବାକୁ ପଡ଼ିଲା ବର୍ତମାନ୍ ପ୍ରେମିଯୁଗଳ କେଉଁଠାରେ ଅଛନ୍ତି କାହାରିକୁ ଜଣା ନାହିଁ । ଏନେଇ କାହାର ପ୍ରତିକ୍ରିୟା ମିଳିପାରିନାହିଁ ।

## ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ତାଲା, କାର୍ଯ୍ୟରେ ଆସୁନି କୋଟିକୋଟି ଟଙ୍କାର ପ୍ରକଳ୍ପ

ହିନ୍ଦୋଳ, (ମହାଭାରତ) : ରାଜ୍ୟରେ ରାଜପଥରେ ଦୂର ଦୁରାନ୍ତକୁ ଯାତାୟତ କରୁଥିବା ପଥଚାରିଙ୍କ ବିଶ୍ରାମ ପାଇଁ ପୂର୍ବ ସରକାର ଅମଳରେ ବହୁ ସ୍ଥାନରେ ପଥଚାରି ବିଶ୍ରାମ ସ୍ଥଳ ନିର୍ମାଣ କରିଥିଲେ ଏବଂ ଏହାର ଦାୟିତ୍ୱ ବହନ କରୁଥିଲେ ରାଜ୍ୟ ପୂର୍ତ ବିଭାଗ(ପିଡବ୍ଲୁଡ଼ି) ।ପଥଚାରୀଙ୍କ ବିଶ୍ରାମ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସୁବିଧା କେନ୍ଦ୍ର କରାଯାଇଥିବାବେଳେ ଏବେ ବନ୍ଦ ହୋଇ ପଡିଥିବାରୁ ତାହା ଆଦୌ ଲୋକଙ୍କ କାମରେ ଆସୁନାହିଁ । ଏହାର ଏକ ଜ୍ୱଳନ୍ତ ଉଦାହରଣ ହିନ୍ଦୋଳ ବ୍ଲକ୍ ଗଣ୍ଡାନାଳୀ ଗ୍ରାମପଂ*ାୟତ ଅନ୍ତର୍ଗତ ପୁରୁଣା କଟକ ସମ୍ବଲପୁର ରାସ୍ତା ପାର୍ଶ୍ୱରେ




ଦେଖିବାକୁ ମିଳିଛି । ପଥଚାରୀ ମାନେ ସେହି ରାସ୍ତାରେ ଯିବାବେଳେ ବିଶ୍ରାମ ନେବାକୁ ବହୁ ସମୟରେ ସେଠାରେ କିଛି ସମୟ ରହି ବିଶ୍ରାମ ନେଇ ଥାଆନ୍ତି ଏବଂ ଯାତ୍ରା ସୁଗମ ହୁଏ ଏବଂ କିଛି ସମୟ ସେଠାରେ ବିଶ୍ରାମ ନେବା ପରେ ଚାଲିଯାଆନ୍ତି ।ମାତ୍ର ଦୀର୍ଘ ୧ବର୍ଷ ଧରି ଏହି ସୁବିଧା କେନ୍ଦ୍ରଟି ତାଲା ପଡ଼ିଥିବା ସହ ରକ୍ଷଣା ବେକ୍ଷଣ ଅଭାବରୁ ଏକପ୍ରକାର ଭୁତ କୋଠି ପାଲଟି ଯାଇଥିବା ଦେଖିବାକୁ ମିଳିଛି । ଯାହାଫଳରେ ପଥଚାରୀ ମାନେ ବିଶ୍ରାମ ନେବାରୁ ବଂ*ିତ ହେଉଛନ୍ତି । ବ୍ଲକ୍ ପ୍ରଶାସନ ସହିତ ପୂର୍ତ ବିଭାର ଅପାରଗତା କାରଣରୁ ଜନହିତକର କାର୍ଯ୍ୟଗୁଡ଼ିକ ସବୁ ଲୋକମାନଙ୍କର ସେବାରେ ଆସି ପାରୁନାହିଁ ।ତେବେ ହୀନକୁତ୍ସିତ, ସୁବିଧାବାଦୀ, ଟଙ୍କା ରୋଜଗାରର ରାଜନୀତି ରେ ନେତା, ନେତାଙ୍କ ଚେଲା ଚାମଣ୍ଡା, କୁଜିନେତା ମାନେ ମାତିଥିବା ବେଳେ ଭୋଟର ତଥା ଜନସାଧାରଣଙ୍କ ସ୍ୱାର୍ଥ, ଅଂ*ଳର ବିକାଶ ଚୁଲୀକୁ ଗଲାଣି ବୋଲି ଜନସାଧାରଣ ରେ ଆଲୋଚନା ହେଉଥିବାବେଳେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ବିଶ୍ରାମ କେନ୍ଦ୍ରିକୁ କିଏ ଓ କାହିଁକି ତାଲା ପକାଇଛି ଏପର୍ଯ୍ୟନ୍ତ ଜଣା ପଡ଼ିନଥିବା ବେଳେ ଏହାକୁ ନେଇ ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ଜନସାଧାରଣରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ଦେଖାଦେଇଛି । ତୁରନ୍ତ ଏହି ସୁବିଧା କେନ୍ଦ୍ରକୁ ଖୋଲିବାକୁ ରାଜ୍ୟ ସରକାରଙ୍କ ନିକଟରେ ଜନସାଧାରଣ ଏବଂ ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବି ହେଉଛି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଡ୍ରାଇଭର ମହାସଂଘ ଆନ୍ଦୋଳନ କୁ ସମର୍ଥନ ଜଣାଇଲେ ପୂର୍ବତନ ପାଟଣା ବିଧାୟକ



ପାଟଣା:-(ମହାଭାରତ): ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଚାରିଦିନ ହେଲା ଅନିର୍ଦ୍ଦିଷ୍ଟ କାଳ ଯାଏ ଷ୍ଟିରିଂ ଛାଡ଼ ଡାକରା ଦେଇ ସଂଘ ଆନ୍ଦୋଳନ ମୁହାଁ ହୋଇଛି ।ଏହି ପରିପ୍ରେକ୍ଷୀରେ ପାଟଣା ବ୍ଲକ ଡ୍ରାଇଭର ସଙ୍ଘ ପକ୍ଷରୁ ୪୯ନଂ ଜାତୀୟ ରାଜପଥ ର ବାଉଁଶୁଳି ଠାରେ ମୁଖ୍ୟ ଜାତୀୟ ରାଜପଥ ସହ ବାଉଁଶୁଳି,ଉଖୁଣ୍ଡା ରାସ୍ତା କୁ ଅବରୋଧ କରାଯିବା ସହ ଧାରଣା ଦିଆଯାଇଛି। ଡ୍ରାଇଭର ମାନଙ୍କ ମୁଖ୍ୟ ଦାବି ମଧ୍ୟରେ ଅଟୋ ଚାଳକ ମାନଙ୍କୁ କଲ୍ୟାଣ ବୋର୍ଡ ରେ ସାମିଲ କରିବା, ୬୦ବର୍ଷ ପରେ ଡ୍ରାଇଭର ଙ୍କ ଲାଇସେନ୍ସ ରିନ୍ୟୁ ଗତ ଅସୁବିଧା ଦୂର କରିବା, ପ୍ରତେକ ୧ ଶହ କିଲୋମିଟର ଅନ୍ତରରେ ରାସ୍ତାରେ ପାର୍କିଂ ୟାର୍ଡ ସହ ସ୍ନାନ ଶୌଚାଳୟ ଓ ହୋଟେଲ ସୁବିଧା , ଜନସାଧାରଣ ଙ୍କ ଠାରୁ ଆକ୍ରୋଶ ର ଶିକାର ଡ୍ରାଇଭର ଙ୍କ ପାଇଁ ସୁରକ୍ଷା ଆଇନ,ଖଣି ଖାଦାନ ରେ ୭୦ ପ୍ରତିଶତ ଓଡ଼ିଆ ଡ୍ରାଇଭର ନିଯୁକ୍ତି ଓ ସେପ୍ଟେମ୍ବର ୧ କୁ ଡ୍ରାଇଭର ଭାବେ ଦିବସ ଭାବେ ଘୋଷଣା ଆଦି ଦାବି ରହିଛି ।ଏହି ଧର୍ମ ଘଟ ଫଳରେ ୨୨୦ ନଂ ୪୯ ନଂ ୨୦ ନଂ ଜାତୀୟ ରାଜପଥ ରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଛି । ପାଟଣା ସଙ୍ଘର ସଭାପତି ସଞ୍ଜୟ ଭୂମିଜ ଓ ସମ୍ପାଦକ ଗୌରାଙ୍ଗ ବେହେରା ଆନ୍ଦୋଳନ ର ନେତୃତ୍ୱ ନେଇଥିବାବେଳେ ଆଜି ପୂର୍ବତନ ପାଟଣା ବିଧାୟକ ତଥା ବିଜେଡି ନେତା ଜଗନ୍ନାଥ ନାଏକ ବାଉଁସୁଳି ଛକ କୁ ଆସି ଡ୍ରାଇଭର ଙ୍କ ଆନ୍ଦୋଳନ କୁ ସମର୍ଥନ ଜଣାଇଛନ୍ତି। ରାଜ୍ୟ ସରକାର ଡ୍ରାଇଭର ମାନଙ୍କ ଦାବି କୁ ପୁରଣ କରିବାକୁ ସେ ମତ ରଖିଛନ୍ତି।

## ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଶାଣୀ ବ୍ଲକ ଅନ୍ତର୍ଗତ ଜଙ୍ଗଲ ପାଡୁ ସମବାୟ ସମିତି ପକ୍ଷରୁ ଆନ୍ତର୍ଜାତୀକ ସମବାୟ ବର୍ଷ ୨୦୨୫ ଉପଲକ୍ଷେ ଜଙ୍ଗଲ ପାଡୁ ପ୍ରାଥମିକ ସମବାୟ ସମିତି ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ପାଡୁ ପ୍ରାଥମିକ ସମବାୟ ସମିତିର ସମ୍ପାଦକ ବାବୁଲି ସାମଲଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ବୃକ୍ଷ ରୋପଣ କରାଯାଇଥିଲା।

## ମଦ୍ୟପ ପ୍ରଧାନଶିକ୍ଷକଙ୍କ ଦବଂଗିରୀ

ଦଶପଲ୍ଲା,(ମହାଭାରତ): ମଦ୍ୟପାନ କରି ପ୍ରଳାପ କଲେ ପ୍ରଧାନଶିକ୍ଷକ । ମଦ୍ୟପ ପ୍ରଧାନଶିକ୍ଷକଙ୍କ ବିଦ୍ୟାଳୟ ପରିସରରେ ମଦପିଇ ନିଶାରେ ଚୁର୍ ହୋଇ ରହିଥିବା ବେଳେ , ଅଭିଭାବକଙ୍କୁ ନାନା ଅସଭ୍ୟ ଭାଷାରେ କରୁଛନ୍ତି ଗାଳିଗୁଲଜ୍ । ଫଟୋ ଓ ଭିଡିଓ ଉତ୍ତୋଳନ କରୁଥିବା ବ୍ୟକ୍ତି ବି ବାଦ୍ ପଡୁନାହାନ୍ତି । ମୁଁ ଲୋକାଲ୍ ଟୋକା , ହଁ ମଦ ପିଉଛି, ମୋର କ'ଣ କରିବ କର । ସସ୍ପେନ୍ସ□ ହେବି, ଅନ୍ୟ ସ୍କୁଲକୁ ପଳାଇବି ହେଲେ ଦରମା ତ ବନ୍ଦ ହେବନି। ବାପା ତ ହଳ ଧରୁଛି, ଧରିବି । ଅଭିଭାବକଙ୍କ ଆଗରେ ଏଭଳି ନାନା ଅସଭ୍ୟ ଭାଷା ପ୍ରୟୋଗ କରି କରୁଛନ୍ତି ବୋବାଲ୍ ।ଯାହାକୁ ନେଇ ବିଦ୍ୟାଳୟ ପରିସରରେ ଥିବା କୁନିକୁନି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୟ ଦେଖିବାକୁ ମିଳିଛି । ପ୍ରାପ୍ତ ସୁଚନା ମୁତାବକ ,ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ କୁଜାମେଣ୍ଡି ପଞ୍ଚାୟତ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ବନ୍ଧଖମଣରେ କାର୍ଯ୍ୟରତ ପ୍ରଧାନଶିକ୍ଷକ ସଂଜୟ ମଲିକଙ୍କ ଏଭଳି ହାଇଡ୍ରାମା ଆଜି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଯାହାକୁ ନେଇ ଅଭିଭାବକମାନେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ଏବେ ପ୍ରଶ୍ନ ଉଠାଇଛନ୍ତି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କହିବା ଅନୁଯାୟୀ, ଆଜି ଶିକ୍ଷକ ଆସିଲେ, ହେଲେ ବିଦ୍ୟାଳୟ ଖୋଲିଦେଇ ଗଲେ ଯେ ଗଲେ ଏହିକଥା ପ୍ରଘଟ ହେବା ପରେ କିଛି ଅଭିଭାବକ ବିଦ୍ୟାଳୟରେ ପହଞ୍ଚିଥିଲେ। ବିଦ୍ୟାଳୟରେ ୩ ଜଣ ଶିକ୍ଷକ ଥିବାବେଳେ ଆଜି କୌଣସି ଶିକ୍ଷକ ନଥିଲେ ଯାହାକୁ ନେଇ ଅଭିଭାବକମାନେ ଜଗି ବସିଥିଲେ। ଅପରାହ୍ଣ ପ୍ରାୟ ୩ଟା ସମୟରେ ଶିକ୍ଷକ ଶ୍ରୀ ମଲିକ ନିଶାରେ ଚୁର୍ ହୋଇ ବାଇକ୍ରେ ଆସି ପହଞ୍ଚିଥିଲେ ଅଭିଭାବକଙ୍କୁ ଦେଖି ଦୌରାତ୍ମ୍ୟ ଆରମ୍ଭ କରି ଦେଇଥିଲେ। ନାନା ଅ ଅସଭ୍ୟ ଭାଷା ପ୍ରୟୋଗ କରିବା ସହ ଦେଖିଦେବା ପା ମଧ୍ୟ ଧମକ ଦେଇଥିବା ଭିଡିଓରୁ ଦେଖିବାକୁ ମିଳିଛି। ସମ୍ପୃକ୍ତ ଶିକ୍ଷକଙ୍କ ଏହା ନିତିଦିନିଆ ଅଭ୍ୟାସ ହୋଇଥିବା ବେଳେ ବିଭାଗୀୟ ଅଧିକାରୀମାନେ ଏହା ଜାଣିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଭାବକମାନେ ଅଭିଯୋଗ ଉଠାଇଛନ୍ତି। ବିଦ୍ୟାଳୟରେ ଆଜି ଅନ୍ୟ କୌଣସି ଶିକ୍ଷକ ନଥିବା ବେଳେ ସମ୍ପୃକ୍ତ ଶିକ୍ଷକଙ୍କ ଏଭଳି ହାଇଡ୍ରାମାକୁ ନେଇ ଛାତ୍ରଛାତ୍ରୀ କେତେ ଯେ ସୁରକ୍ଷିତ ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବୁଥ୍ସ୍ତରୀୟ ଅଧିକାରୀଙ୍କ ୨ ଦିନିଆ ପ୍ରଶିକ୍ଷଣ

ଅସ୍ତରଙ୍ଗଅ(ମହାଭାରତ): ଅସ୍ତରଙ୍ଗ ବ୍ଲକ ସଭା ଗୃହ ରେ ବୁଥ୍ ସ୍ତରୀୟ ଅଧିକାରୀ ଙ୍କ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି, ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଛି, ଏହାକୁ ଦୃଷ୍ଟି ରେ ରଖି ସରକାର ଙ୍କ ତରଫରୁ ବ୍ଲକ ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ରେ ଅସ୍ତରଙ୍ଗ ବ୍ଲକ ର ବୁଥ୍ ସ୍ତରୀୟ ୮୯ ଜଣ ଅଧିକାରୀ, ୯ ଜଣ ସୁପରଭାଇଜର ଯୋଗ ଦେଇଥିଲେ। ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ସସ୍ମିତା ବେହେରା ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଥିବା ଶିବିର ରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟ ଦର୍ଶନୀ ପତି, ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ଜିପିଡିଓ ସତ୍ୟ ସ୍ୱରୂପ ବିଶ୍ୱାଳ, ବ୍ଲକ ପ୍ରଧାନ କିରାଣୀ ଭୁବନେଶ୍ୱର ରଥ ଉପସ୍ଥିତ ରହିଥିଲେ, ପ୍ରଶିକ୍ଷଣ ର ମୁଖ୍ୟ ଉଦ୍ଦେଶ୍ୟ ନୂତନ ଭୋଟର ତାଲିକା ପ୍ରସ୍ତୁତ, ନୂତନ ତାଲିକା ଧାରୀ ଙ୍କ ପାଇଁ ନୂତନ ଭୋଟର କାର୍ଡ, ଅନ୍ୟାନ୍ୟ ଭୋଟର ତାଲିକା ସଂଶୋଧନ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା,୨ ଦିନିଆ ପ୍ରଶିକ୍ଷଣ ଶିବିର ୧୦ ତାରିଖ ରେ ଆରମ୍ଭ ହୋଇ ୧୧ ତାରିଖ ରେ ଶେଷ ହୋଇଛି।

## ଚର୍ଚ୍ଚାରେ ପୌର ପରିଷଦର ଠିକା କାମ ଟେଣ୍ଡର

# ଆବେଦନ ପଛପଟେ ରହିଛନ୍ତି କାଉନସିଲର୍ : ୩୭ ନିର୍ମାଣ କାମକୁ ୩୮୩ ଆବେଦନକାରୀ

ନୟାଗଡ଼, ( ମହାଭାରତ ) : ବଦଳିବ ନୟାଗଡ଼ ପୌର ପରିଷଦର ରୂପରେଖା ସେଥିପାଇଁ ସମସ୍ତ ୧୬ଟି ଯାକ ୱାର୍ଡ ରେ ବିଭିନ୍ନ ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଦୁଇଟି ପର୍ଯ୍ୟାୟରେ ଟେଣ୍ଡର ଆବେଦନ କରାଯାଇଥିଲା। ଫଳରେ ଏହି ଠିକା କାମ ହାତେଇବା ପାଇଁ କାଉନସିଲର ମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଲାଗିଛି। ଛକ ବଜାର ସବୁଠି ଏହି ଠିକା କାମ ଗୁଡ଼ିକ ପାଇଁ ଚର୍ଚ୍ଚା ଓ ଆଲୋଚନା ହେଉଛି। ୱାର୍ଡ଼ ରେ ଠିକାଦାର ମାନଙ୍କୁ ହାତ କରି ଜଣେ ଜଣେ କାଉନସିଲର ୧୦ ରୁ ଅଧିକ ଠିକା କାମ ପାଇଁ ଆବେଦନ କରିଛନ୍ତି। ପୂର୍ବରୁ ଏହି ଠିକା କାମ ପାଇଁ କୌଣସି ଟେଣ୍ଡର କରାଯାଉନଥିବା ବେଳେ ଚଳିତ




ବର୍ଷ ପ୍ରଥମ ଥର ଅନଲାଇନରେ କରାଯାଉଛି। ଫଳରେ ସମସ୍ତଙ୍କ ନଜର ଟେଣ୍ଡର ଖୋଲିବା ଉପରେ ରହିଛି। ମିଳିଥିବା ସୂଚନା ମୁତାବକ, ପ୍ରଥମ ପର୍ଯ୍ୟାୟରେ ୩୭ ଟି ଠିକା କାମ ପାଇଁ ହୋଇଥିବା ଟେଣ୍ଡର ଖୋଲା ସରିଛି। ଏଥିରେ ଡ୍ରେନ୍, ମିସନ ଶକ୍ତି ଗୃହ, ପାଚେରି, ରାସ୍ତା ଓ ଅନ୍ୟାନ୍ୟ ଉନ୍ନୟନ ମୂଳକ ପ୍ରକଳ୍ପ ନିର୍ମାଣ କରାଯିବ। ଏଥିରେ ୩୮୨ ଜଣ ଆବେଦନକାରୀ ଥିବା ଜଣାପଡ଼ିଛି। ଏତେ ସଂଖ୍ୟାରେ ଆବେଦନକୁ ଯାଞ୍ଚ କରି ଠିକା କାମ ବାଣ୍ଟିବା କଷ୍ଟକର ହୋଇଥିବାରୁ କେଉଁ କାମ କେଉଁ ଠିକାଦାର କରିବେ, ତାହା ଜଣାପଡ଼ିନାହିଁ। ଆଉ ଏକ ପର୍ଯ୍ୟାୟରେ ସମାନ ଭାବେ ୫୩ଟି ଠିକା କାମ ପାଇଁ ଟେଣ୍ଡର ଆବେଦନ କରାଯାଇଛି। ଆସନ୍ତା ସପ୍ତାହ ମଧ୍ୟରେ ଟେଣ୍ଡର ଆହ୍ୱାନ କରିବା ପାଇଁ ପୌର ପରିଷଦ ପକ୍ଷରୁ ନିବେଦନ କରାଯାଇଛି। ଫଳରେ ଏହି ଦୁଇ ପର୍ଯ୍ୟାୟରେ ହେବାକୁ ଥିବା ୯୦ଟି ଠିକା କାମ ହାତେଇବା ପାଇଁ ପୌର ପରିଷଦର କାଉନସିଲର ମାନେ ଯୋଜନା କରିଛନ୍ତି। ପୌର ପରିଷଦରେ କାର୍ଯ୍ୟରତ ଠିକାଦାର ମାନଙ୍କ ପଛପଟରେ ରହି ସେମାନେ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇଛନ୍ତି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏକାଧିକ ଟେଣ୍ଡର ସେମାନେ ଆହ୍ୱାନ କରୁଛନ୍ତି। କେବଳ ସେତିକି ନୁହେଁ, ପୌର ପରିଷଦର ସମସ୍ତ କାଉନସିଲ ଅଧକ୍ଷ ଓ ଉପାଧକ୍ଷ ବିଜେଡି। ଏପଟେ ରାଜ୍ୟରେ ସରକାର ବଦଳିଥିବାରୁ ବିଜେପି ନେତା ମାନେ ମଧ୍ୟ ଏହି ଠିକା କାମରେ ଧସେଇ ପଶିବା ପାଇଁ ଜୋରଦାର୍ ପ୍ରୟାସ ଚଳାଇଛନ୍ତି। ସବୁକିଛି ଅନଲାଇନରେ ହେଉଥିଲେ ମଧ୍ୟ ବର୍ତ୍ତମାନ ପୌର ପରିଷଦ କାର୍ଯ୍ୟାଳୟରେ ସର୍ବଦା ଭିଡ଼ ଲାଗି ରହୁଛି। କିଏ କେଉଁ କାମ ହାତେଇଲା, ଏହା ଜାଣିବା ପାଇଁ ସମସ୍ତଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି ।ଯେହେତୁ ଏ ସମସ୍ତ କାର୍ଯ୍ୟ ଅନଲାଇନରେ କରାଯାଉଛି, ସେଥିପାଇଁ କାମ ପ୍ରଦାନରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯିବ ବୋଲି ପୌର ପରିଷଦ ପକ୍ଷରୁ କୁହାଯାଇଛି।

## କଳା ପଲ୍ସରରେ ଆସି ନାବାଳିକା ଛାତ୍ରୀଙ୍କୁ କଲେ ଆକ୍ରମଣ

## ଘଟଣାର ୩୦ ଘଣ୍ଟା ପରେ ଅପରାଧୀଙ୍କ ମିଳୁନି ପତ୍ତା

ଅସ୍ତରଙ୍ଗ (ମହାଭାରତ):ଅସ୍ତରଙ୍ଗ ଅଞ୍ଚଳ ରେ ଘଟିଛି ଏକ ଘଟଣା ଯାହା ଅଞ୍ଚଳ ବାସୀଙ୍କୁ ସ୍ତମ୍ଭିଭୁତ କରିଛି । ଘଟଣା ଅନୁସାରେ ଅସ୍ତରଙ୍ଗ ଥାନା ନିକଟରେ ଥିବା ଝାରିଆ ଗ୍ରାମ ର ଜଣେ ନାବାଳିକା ଟ୍ୟୁସନ ସାରି ନିଜ ବିଦ୍ୟାଳୟ କୁ ଯାଉଥିବା ସମୟ ରେ କଳା ପଲ୍ସର ବାଇକ ରେ ୨ ଜଣ ଦୁର୍ବୃତ୍ତ ମୁଖା ଲଗାଇ ଆସି ନାବାଳିକା ଙ୍କୁ ଏକ ବାଡ଼ିରେ ଆକ୍ରମଣ କରିଥିଲେ ପରେ ଛାତ୍ରୀ ଙ୍କୁ ଟାଣି ଟାଣି ଆଣି ଅସ୍ତରଙ୍ଗ ପାର୍କ ନିକଟରେ ମାଡ଼ ମାରିଥିଲେ ଏବଂ ବାଳିକା ଜଣଙ୍କ ଜୋରେ ଚିତ୍କାର କରିବାରୁ ସେମାନେ ସେଠୁ ପଳେଇ ଯାଇଥିଲେ ।ଆକ୍ରମଣ ର ଶିକାର ହୋଇଥିବା ନାବାଳିକା ତାଙ୍କ ପରିବାର ଲୋକ ଙ୍କୁ ଖବର ଦେଇଥିଲେ ପରିବାର ଲୋକ ଆସି ନାବାଳିକା କୁ ଉଦ୍ଧାର କରିଥିଲେ ଏବଂ କହିଥିଲେ ପୂର୍ବ ଶତ୍ରୁତା ପାଇଁ ଏପରି ଘଟଣା ହୋଇ ଥାଇ ପାରେ ବୋଲି ଅନୁମାନ କରାଯାଉଛି ।କିନ୍ତୁ ଏଠି ପ୍ରଶ୍ନ ଉଠୁଛି ଯେ କଳା ପଲ୍ସର ରେ ଆସିଥିବା ଦୁର୍ବୃତ୍ତ କିଏ ? ଘଟଣା ର ୩୦ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ର ନିଷ୍କ୍ରିୟତା ପଦାରେ ପଡିଛି,ଉକ୍ତ ଦୁର୍ବୃତ୍ତ ଙ୍କୁ ଶୀଘ୍ର ଧରି ନାବାଳିକା ଙ୍କୁ ନ୍ୟାୟ ଦେବାକୁ ପରିବାର ଲୋକ ଦାବୀ କରିଥିବା ବେଳେ ଅନ୍ୟ ପଟେ ଆକ୍ରମଣ ର ଶିକାର ହୋଇଥିବା ନାବାଳିକା ଓ ତାଙ୍କ ପରିବାର ଭୟଭୀତ ଅବସ୍ଥା ରେ ରହିଛନ୍ତି। ପରିବାର ଠାରୁ ଅଭିଯୋଗ ପାଇବା ପରେ ଅସ୍ତରଙ୍ଗ ପୋଲିସ ଘଟଣା ର ତଦନ୍ତ ଜାରି ରଖିଥିବା ବେଳେ ଉକ୍ତ ଦୁର୍ବୃତ୍ତଙ୍କୁ କେବେ ଧରିବାରେ ସଫଳ ହେଉଛି ଦେଖିବାକୁ ବାକି ରହିଲା।

## ସଂଗ୍ରାମ ପରିଷଦର ଗୁରୁ ସମ୍ବର୍ଦ୍ଧନା ସମାରୋହ

ବାଣପୁର : ( ମହାଭାରତ ) ପ୍ରାଚୀନଗୁରୁ ପରମ୍ପରାକୁ ସମ୍ମାନ ଜଣାଇ ଆଷାଢ଼ପୂର୍ଣ୍ଣିମାକୁ ଗୁରୁପୂର୍ଣ୍ଣିମା ଭାବରେ ଭାରତ ବର୍ଷର ସର୍ବତ୍ର ପାଳନକରାଯାଉଥିବାବେଳେ ବାଣପୁରର ବିଧାରପୁର ଶୁଭ ମଂଗଳକଲ୍ୟାଣ ମଣ୍ଡପଠାରେ ବାଣପୁର ସଂଗ୍ରାମ ପରିଷଦ ତରଫରୁ ପବିତ୍ର ଗୁରୁ ସମ୍ବର୍ଦ୍ଧନା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଇଁ.ଶେଷଦେବ ବରାଳଙ୍କ ପରିଚାଳନା ଏବଂଶିକ୍ଷାବିତ୍ ଗୋଲକ ବିହାରୀ ପରୀଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ କବି ଡକ୍ଟର ପ୍ରସନ୍ନ କୁମାର ପାଟ୍ଟଶାଣୀ ,ସମ୍ମାନୀତ ଅତିଥି ଭାବରେ ପ୍ରଫେସର୍ ନଳିନୀ କାନ୍ତ ପଟ୍ଟନାୟକଓ ମାନବେନ୍ଦ୍ର ମହାରଥା ଦଳବେହେରା ଏବଂ ମୁଖ୍ୟ ବକ୍ତା, ଭାବରେ ଓଡ଼ିଶାର ସୁନାମଧନ୍ୟ ଗାଳ୍ପିକ ବୈଷ୍ଣବ ଚରଣ ମହାନ୍ତି ଯୋଗ ଦେଇ ପରିଷଦର ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିବା ସହିତ ବାଣପୁର ରାଜସ୍ ଉପଖଣ୍ଡ ମାନ୍ୟତା ପାଇଁ ପରିଷଦ ଚଳାଇଥିବା



ଅହରହସଂଗ୍ରାମକୁ ଭୂୟସୀ ପ୍ରଶଂସା କରିବା ସହିତ ଆଗାମୀ ଦିନ ରେ ଏଥି ନିମନ୍ତେ ସମସ୍ତ ପ୍ରକାର ସହଯୋଗ କରିବାକୁ ଘୋଷଣା କରିବା ସହିତ ସରକାର ବାଣପୁର ବାସୀଙ୍କ ନାର୍ଯ୍ୟ ଦାବୀ ତୁରନ୍ତ ପୂରଣ କରିବାକୁ ମଞ୍ଚ ଉପରୁ ଅନୁରୋଧ କରିଥିଲେ ।ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ଶିକ୍ଷକ, ଅଧ୍ୟାପକ, ଏବଂ ଶିକ୍ଷାଦାନ ଓ ଶିକ୍ଷାନୁଷ୍ଠାନ ଗଠନରେ ବିଶେଷ ଭୂମିକା ଥିବା ୨୦ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ତନ ମଧ୍ୟରୁ ବରିଷ୍ଠ ଶିକ୍ଷକ ବ୍ରଜକିଶୋରହୋତା, ତ୍ରିଲୋଚନ ଭୋଳ, ରାଜେନ୍ଦ୍ରପ୍ରସାଦ ରଥ, ବାଳମୁକୁନ୍ଦ ଦାସ , ଭିକାରୀଚରଣ ପ୍ରଧାନ, ଶକ୍ତି ପ୍ରସାଦ ମହାନ୍ତି, ସଂଜୟ କୁମାର ଦାସ, ବୈକୁଣ୍ଠନାଥ ନରେନ୍ଦ୍ର,ସତ୍ୟନାରାୟଣ ପ୍ରଧାନ, ଅଧ୍ୟାପକ ରମାକାନ୍ତ ନନ୍ଦ,ସଂଗ୍ରାମ କେଶରୀ ସାହୁ, ଦିଗାମ୍ବର ମହାପାତ୍ର, ବାସୁଦେବ ପ୍ରଧାନ, ସତ୍ୟନାରାୟଣ ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର ନାହାକ, ଡ଼. ଚିନ୍ତାମଣି ମିଶ୍ର, ଓ ବିଷ୍ଣୁପ୍ରିୟା ବାରିକଙ୍କୁ ସେମାନଙ୍କ ସାମଗ୍ରିକ ସାଧନା ପାଇଁ ସେମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ମା ଭଗବତୀ କଳା ବିକାଶ କେନ୍ଦ୍ରର ଛାତ୍ରୀମାନେ ଗୁରୁ ବନ୍ଦନା ଗାନ କରିଥିବା ବେଳେ ସୁଶ୍ରୀସ୍ମୃତି ପଟ୍ଟନାୟକ , ସସ୍ମିତା ପାଣି ଗ୍ରାହୀ ଏହାକୁ ସଂଯୋଜନା କରିଥିବା ବେଳେ, ପରିଷଦର ସଭ୍ୟବ୍ରଜକିଶୋର ଜେନା, ନିର୍ମଳ ସ ବରାଳ, ସୁନୀଲବରାଳ,ରାକେଶ ଜେନା,ଅଶୋକ ପାତ୍ର,ସୁଶାନ୍ତ ଦାସ, ଅମ୍ବିକାପ୍ରସାଦ ନାୟକ ବର୍ମା, ଶ୍ରୀକରଣ ଜାନକୀ ସହଯୋଗ କରିଥିବାବେଳେ ନିରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟସ୍ତରୀୟ ବୁଥ ଅଧିକାରୀଙ୍କ ଷଷ୍ଠ ଦିନ ତାଲିମ କାର୍ଯ୍ୟକ୍ରମ

ରଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜାତୀୟ ବୁଥ ସ୍ତରୀୟ ଅଧିକାରୀଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର କାଶ୍ୟପି ବେହେରା ଓ ମିତାଳି ମଧୁସ୍ମିତା ପାଢ଼ୀ ଅତିଥି ଭାବରେ ଯୋଗ ଦେଇ ପଞ୍ଚମ ଦିବସ ତାଲିମ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ । ଭାରତ ନିର୍ବାଚନ କମିଶନର ନିର୍ଦ୍ଦେଶ କ୍ରମେ ଗଜପତି ଜିଲ୍ଲାର ୧୩୬-ମୋହନା ବିଧାନସଭା ନିର୍ବାଚନମଣ୍ଡଳୀର ଓ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ତାଲିମ ପ୍ରଦାନ କରାଯାଉଛି । ଆଜିର ଏହି ଷଷ୍ଠ ଦିବସ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୋହନା ଓ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ୧୦୦ ଜଣ ବୁଥ ସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଯେଉଁ ନାଗରିକଙ୍କ ବୟସ ୧୮ ବର୍ଷ ହେଉଥିବ ସେମାନେ ନୂତନ



ଭୋଟର ନିଜର ନାମକୁ ନୂତନ ଭାବେ ଫର୍ମ -୬ ଯୋଗ କରିବା, ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରବାସୀ ଭୋଟରଙ୍କ ଫର୍ମ -୬ (କ) ଯୋଗ କରିବା ,ଫର୍ମ-୬ (ଖ)ରେ ନିଜର ଭୋଟର ପରିଚୟ ପତ୍ରକୁ ଆଧାର କାର୍ଡ ସହିତ ସଂଯୋଗ କରିବା ,ଫର୍ମ -୭ ରେ ନାମକୁ ବାଦ କରିବା, ଫର୍ମ -୮ ରେ ଭୋଟର ତାଲିକାରେ ନିଜର ତଥ୍ୟରୁ ସଂଶୋଧନ ଏବଂ ନିଜର ସ୍ଥାନକୁ ପରିବର୍ତ୍ତନ କରିବା ଇତ୍ୟାଦି ବିଷୟରେ ତାଲିମ ପ୍ରଦାନ କରାଯାଉଛି । ସେହିପରି ଯୋଗ୍ୟ ବିବେଚିତ ଭୋଟର ମାନେ ଅନଲାଇନ୍ ମାଧ୍ୟମରେ ଭୋଟର ହେଲ୍ପ ଲାଇନ ଅପ୍ ବ୍ୟବହାର କରିବା ସହିତ ବୁଥ ସ୍ତରୀୟ ଅଧିକାରୀଙ୍କ ଠାରେ ମଧ୍ୟ ଆବେଦନ କରିପାରିବେ। ଆଜିର ତାଲିମ ପ୍ରଦାନ ପରେ ପରେ ସମସ୍ତ ବୁଥ ସ୍ତରୀୟ ଅଧିକାରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମ ଛଅ ଦିନ ଧରି ଅନୁଷ୍ଠିତ ହୋଇ ଆଜି ତାଲିମ କାର୍ଯ୍ୟକ୍ରମ ଶେଷ ହୋଇଛି। ଷଷ୍ଠ ଦିନ ତାଲିମ କାର୍ଯ୍ୟକ୍ରମରେ ମୋହନା ବିଧାନସଭା ନିର୍ବାଚନମଣ୍ଡଳୀର ଶ୍ରୀ ରାଜୁ ମଲିକ, ଶିକ୍ଷକ,ଶ୍ରୀ ନରେଶ ପ୍ରଧାନ, ସିଆରସିସି,ଶ୍ରୀ ନରସିଂହ ଚନ୍ଦ୍ର ମିଶ୍ର, ଜିପିଓ , ଶ୍ରୀ ରଜନୀକାନ୍ତ ସାହୁକାର,ସିଆରସିସି ରହିଥିବା ବେଳେ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୟା.ଶିବ କୁମାର, ଶିକ୍ଷକ,ଏମ.ଉମାପତି, ସିଆରସିସି,ରଶ୍ମିତା ସାମଲ ସିଆରସିସି ଓ ପି.ଭେଙ୍କଟେଶ୍ୱରଲୁ ପ୍ରମୁକ ମାଷ୍ଟୋର ଟ୍ରେନର ବାଭରେ ଉପସ୍ଥିତ ରହି ବୁଥ ସ୍ତରୀୟ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ରେ ଜିଲ୍ଲା ନିର୍ବାଚନ ବିଭାଗର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଖାମଖିଆଲି ଚିକିତ୍ସାରୁ ଅଳ୍ପକେ ବର୍ତ୍ତିଲେ ମହିଳା

# ଛୁଆ ବଦଳରେ ମାଙ୍କୁ ଦେଇଦେଲେ ଇଞ୍ଜେକସନ

ଖଡ଼ିଆଲ(ମହାଭାରତ) ଦିନକୁ ଦିନ ନୂଆପଡ଼ା ଜିଲ୍ଲାରେ ଭୁଶୁଡ଼ି ପଡୁଛି ଚିକିତ୍ସା ସେବା । ରୋଗୀ ସେବା ନାଁ ରେ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରି ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବାର ପ୍ରୟାସ କରୁଥିବା ବେଳେ ଡାକ୍ତର ଏବଂ ନର୍ସ ସହ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଉତ୍ତମ ଚିକିତ୍ସା ରୁ ବଞ୍ଚିତ ହେଉଛନ୍ତି ରୋଗୀ । ଜିଲ୍ଲା ର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ରେ କେବେ ସିକୁରିଟି ଗାର୍ଡ ଚିକିତ୍ସା କରୁଛି ତ କେବେ ପିଅନ ରୋଗୀ ଙ୍କୁ ଇଞ୍ଜେକସନ ଦେଉଥିବା ଖବର ଜିଲ୍ଲା ରେ ଚର୍ଚ୍ଚାର ବିଷୟ ପାଲଟିଛି । ଏଭଳି ଏକ ଖାମଖିଆଲି ଭାବରେ ଚିକିତ୍ସା କରୁଥିବା ଘଟଣା ସାମ୍ନା କୁ ଆସିଛି ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ରେ । ଶିଶୁ କୁ ଇଞ୍ଜେକସନ ଦେବା ବଦଳ ରେ ମାଁ କୁ ଇଞ୍ଜେକସନ ଦେଇଦେଲେ ନର୍ସ । ନିରୀହ ମାଁ କିଛି ଜାଣିବା ପୂର୍ବରୁ ଇଞ୍ଜେକସନ ଦିଆ ସାରିଥିଲା । ଭାଗ୍ୟ ବଶତଃ ବର୍ତ୍ତମାନ ମହିଳା ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିଲେ ହେଁ । ଏପରି ଭୂଲ୍ ରେ ମାଁ ର ଜୀବନ ଯେ ଜାଇନଥାନ୍ତା କାହାକୁ ଜଣା । ସୂଚନା ଅନୁସାରେ ବରଗାଁ ର ଅଞ୍ଜୁ ତାଣ୍ଡି ନିଜ ଦୁଇ ବର୍ଷ ର ଶିଶୁକୁ ଜ୍ୱର ହେବାରୁ ଖଡ଼ିଆଳ ଡାକ୍ତର ଖାନା କୁ ଚିକିତ୍ସା ପାଇଁ ଆଣିଥିଲେ । ଡାକ୍ତର ଦେଖିବା ପରେ




ଇଞ୍ଜେକସନ ଦେବା ପାଇଁ ପରାମର୍ଶ ଦେଇଥିଲେ । ହେଲେ ଦାୟିତ୍ୱ ରେ ଥିବା ନର୍ସ ରଶ୍ମିତା ପଣ୍ଡା ଶିଶୁ କୁ ଇଞ୍ଜେକସନ ଦେବା ବଦଳ ରେ ମାଁର ପେଟରେ ଇଞ୍ଜେକସନ କୁ ଦେଇ ଦେଇଥିବା ଅଭିଯୋଗ କରିଛନ୍ତି ମାଁ ଅଂଜୁ ତାଣ୍ଡି । ନର୍ସ କୁ ମନାକରୁଥିବା ସତ୍ତ୍ୱେ କିଛି ନଶୁଣି ମା ପେଟରେ ଇଞ୍ଜେକସନ ମାରିଦେଇ ଥିଲେ । ମାଁ ଜଣକ କିଛି ଜାଣିବା ପୂର୍ବରୁ ଇଞ୍ଜେକସନ ଦିଆ ସରି ଯାଇଥିବା ବେଳେ ଏହାକୁ ନେଇ ଡାକ୍ତରଖାନା ରେ ହୋ ହାଲ୍ଲା ଆରମ୍ଭ ହୋଇଯାଇଥିଲା। ଘଟଣା ଘଟିବା ର ତତକ୍ଷଣା ଅଞ୍ଜୁ ଡାକ୍ତର ଙ୍କୁ ଦେଖା କରିଥିବା ରୁ ଅଳ୍ପକେ ମୃତ୍ୟୁ ମୁଖ ରୁ ବଞ୍ଚି ଯାଇଛନ୍ତି ଅଞ୍ଜୁ। ଏହି ଘଟଣା କୁ ନେଇ ଡାକ୍ତରଖାନା ରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିବା ବେଳେ କିଛି ସମୟପାଇଁ ଡାକ୍ତରଖାନା ରେ ଅଶାନ୍ତ ର ବାତା ବରଣ ଦେଖା ଯାଇଥିଲା ।ଅପରପକ୍ଷ ରେ ସମ୍ପୃକ୍ତ ନର୍ସ ଘଟଣା କୁ ଅସ୍ୱୀକାର କରିଥିବା ବେଳେ ମାଁ ଙ୍କ ପେଟ ରେ ଇଞ୍ଜେକସନ ଚିହ୍ନ ସମସ୍ତ ଙ୍କୁ ଚକିତ କରିଛି । ଅପରପକ୍ଷରେ ଆମେ ଦାୟୀତ୍ୱରେ ଥିବା ଇନ ଚର୍ଜ ଡାକ୍ତରଙ୍କୁ ପଚାରିବାରୁ ଘଟଣାକୁ ହାଲୁକା ର ସହ ନେଇ ତଦନ୍ତ କରି ପଦକ୍ଷେପ ନିଆ ଯିବ ବୋଲି କହିଛନ୍ତି ।ଜିଲ୍ଲା ରେ ଏପରି ଘଟଣା ବାରମ୍ବାର୍ ଘଟୁଥିବା ବେଳେ ଡାକ୍ତର ଖାନା କର୍ମଚାରୀଙ୍କ ବିରୁଦ୍ଧ ରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ରୁ ଏପରି ଖାମଖିଆଲି ସ୍ୱାସ୍ଥ୍ୟସେବା ବଢ଼ିବା ରେ ଲାଗିଛି । ଏଥିପ୍ରତି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି ।

## ଖଲିସ୍ତାନୀଙ୍କ ଟାର୍ଗେଟରେ କପିଲ ଶର୍ମା

ନୂଆଦିଲ୍ଲୀ : କଳାକାର କପିଲ ଶର୍ମାଙ୍କ କାଫେ ଉପରେ କିଏ ଓ କାହିଁକି ଗୁଳିମାଡ଼ କଲେ ଏନେଇ ଗତକାଲିଠୁ ଅନେକ ପ୍ରଶ୍ନ ଉଠିବା ପରେ ଆଜି କିଛି ନୂଆ ତଥ୍ୟ ସାମ୍ନାକୁ ଆସିଛି। ମୋଷ୍ଟୱାଣ୍ଟେଡ ଖଲିସ୍ତାନୀ ନେତା ହରଜିତ ସିଂ ଲାଡି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି । କାନାଡ଼ାରେ ଥିବା ଏହି କାଫେ ଉପରେ ଗୁଳିବର୍ଷା କରି କପିଲ ଶର୍ମାଙ୍କ ସମେତ ଭାରତୀୟଙ୍କୁ ପୁଣି ବଡ ଝଟ୍‌କା ଦେଇଛି ଖଲିସ୍ତାନୀ ସମର୍ଥକ । ଗୁରୁବାର କାଫେକୁ ଟାର୍ଗେଟ କରି ଆଖିବୁଜା ଗୁଳିମାଡ କରିବା ସହ ବ୍ୟାପକ କ୍ଷୟକ୍ଷତି କରିଛନ୍ତି ଆତଙ୍କୀ । ରାତି ସମୟରେ ଗୁଳିମାଡ଼ ଯୋଗୁଁ କ୍ଷତି ହୋଇଥିଲେ ବି କୌଣସି ମୃତାହତର ସୂଚନା ନାହିଁ । ତେବେ ଏହି ଘଟଣା କେବଳ କପିଲଙ୍କ ନୁହେଁ ତାଙ୍କ ପ୍ରଶଂସକ, ପରିବାର, କାନାଡ଼ାରେ ରହୁଥିବା ଭାରତୀୟଙ୍କ ମନରେ ଭୟ ବଢ଼ାଇଛି । ତେବେ ଏହି ଆକ୍ରମଣ ପଛରେ ରହିଛି କାନାଡ଼ାରେ ଉତ୍ପାତ ଖେଳାଇଥିବା ଖଲିସ୍ତାନୀ ନେତା ହରଜିତ ସିଂ ଓରଫ୍ ଲାଡି । କାନାଡା ପୁଲିସ ଆକ୍ରମଣ ଘଟଣାର ତଦନ୍ତ ଜାରି ରଖିଛି । ସେପଟେ ଘଟଣାକୁ ନେଇ ଭାରତରେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଛି । ପୂରା ଘଟଣା ପାଇଁ କାନାଡ଼ା ସରକାରଙ୍କୁ ଦାୟୀ କରିଛନ୍ତି ବିଜେପି ନେତା ଆରପି ସିଂ । ଜୁଲାଇ ୭ରେ କାନାଡ଼ାରେ ଉଭୟ କପିଲ ଓ ତାଙ୍କ ପତ୍ନୀ ଗିନି ମିଶି କାପସ କାଫେ ଖୋଲିଥିଲେ । ସେଲିବ୍ରିଟିଙ୍କ କାଫେ ହୋଇଥିବାରୁ ପ୍ରବଳ ଗହଳି ମଧ୍ୟ ଜମୁଥିଲା । ହଠାତ ଗୁଳିମାଡ଼ ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି । ତେବେ ଖଲିସ୍ତାନୀଙ୍କ ଭାରତ ବିରୋଧୀ ଗତିବିଧି ପାଇଁ ମୋଦୀ ସରକାର ବାରମ୍ବାର କାନାଡ଼ା ସରକାରଙ୍କୁ ତାଗିଦ୍ କରିବା ସତ୍ତ୍ୱେ ହିଂସା କମ୍ ହେଉନି । ସେପଟେ ଖଲିସ୍ତାନୀଙ୍କ ପାଇଁ ଉଭୟ ଦେଶର ସମ୍ପର୍କରେ ମଧ୍ୟ ତିକ୍ତତା ବଢୁଛି । ଏବେ କପିଲ ଶର୍ମାଙ୍କ କାଫେ ଉପରେ ଆକ୍ରମଣ ଭାରତ-କାନାଡା ସମ୍ପର୍କକୁ ଅଧିକ ତିକ୍ତତାପୂର୍ଣ୍ଣ କରିବା ନେଇ ସମ୍ଭାବନା ବଢ଼ିଛି ।

# କିଟ୍ଟୀ ପାର୍ଟି କରି କୋଟି କୋଟି ଟଙ୍କାର ଠକେଇ, ମହିଳାଙ୍କୁ ବାନ୍ଧିଲା ପୁଲିସ



ନୂଆଦିଲ୍ଲୀ : ୪୯ ବର୍ଷୀୟା ସବିତା ବେଙ୍ଗାଲୁରୁରେ ରହନ୍ତି। ପ୍ରତିଦିନ ସକାଳେ ମର୍ଣ୍ଣିଂ ୱାକ୍‌ରେ ଯାଆନ୍ତି। ମର୍ଣ୍ଣିଂ ୱାକ୍ ବେଳେ ଧନୀ ମହିଳାମାନଙ୍କୁ ଚିହ୍ନଟ କରନ୍ତି। ସେମାନଙ୍କ ସହିତ ବନ୍ଧୁତା କରନ୍ତି। କିଛି ଦିନର ମିଳାମିଶା ପରେ ସେମାନଙ୍କୁ କିଟ୍ଟୀ ପାର୍ଟିକୁ ନିମନ୍ତ୍ରଣ କରନ୍ତି। ସେଠାରେ ସେମାନଙ୍କୁ ବିଭିନ୍ନ ସ୍ଥାନରେ ନିବେଶର ପ୍ରସ୍ତାବ ଦେଇ ଟଙ୍କା ଦୁଇ ଗୁଣା, ତିନି ଗୁଣା କରିବାକୁ ଲୋଭ ଦେଖାନ୍ତି। ସେମାନଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ତାଙ୍କର ବସାଉଠା କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀ ଓ ନେତାଙ୍କ ସହିତ ବୋଲି କହନ୍ତି। ଯେଉଁମାନେ ତାଙ୍କ ଦ୍ୱାରା ବିଛା ଯାଇଥିବା ଜାଲରେ ପଡ଼ିଯାଇଛନ୍ତି, ସେମାନଙ୍କର ଲକ୍ଷ ଲକ୍ଷ ଟଙ୍କା ଉଡ଼ିଯାଇଛି। ଏମିତି ଭାବେ ୨୦ରୁ ଅଧିକ ମହିଳାଙ୍କୁ ଫସାଇ କୋଟି କୋଟି ଟଙ୍କା ଲୁଟିଛନ୍ତି ସବିତା। କୁସୁମ ନାମ୍ନୀ ଜଣେ ମହିଳାଙ୍କ ଏତଲା ଆଧାରରେ ସବିତା ଓ ତାଙ୍କର ୬ ସହଯୋଗୀଙ୍କୁ ଗିରଫ କରିଛି ପୁଲିସ। ଅବଶ୍ୟ ସମାନ ଢଙ୍ଗର ଏକ ମାମଲାରେ ସେ ପୂର୍ବରୁ ଗିରଫ ହୋଇଥିଲେ ଓ ପରେ ଜାମିନ୍‌ରେ ଆସିଥିଲେ। କୁସୁମ ଜଣେ ବିଧବା ମହିଳା। ସେ ଶିକ୍ଷୟିତ୍ରୀ ଭାବେ ଅବସର ନେଇଛନ୍ତି। ସେ ବେଙ୍ଗାଲୁରୁରେ ତାଙ୍କ ବାପାମା’ ଓ ପୁଅ ସହିତ ରହନ୍ତି। ସେ ସବିତାଙ୍କୁ ଗତ ୩୦ ବର୍ଷ ହେଲା ଜାଣିଛନ୍ତି। ୨୦୨୦ରୁ ସେମାନଙ୍କ ମଧ୍ୟରେ ଟଙ୍କା ନେଣଦେଣ ଚାଲିଥିଲା। ୨୦୨୩ରେ ଦିନେ କୁସୁମଙ୍କୁ ଫୋନ୍ କରିଥିଲେ ସବିତା ଓ ଦୁବାଇରେ କମ୍ ଦାମ୍‌ରେ ସୁନା ମିଳୁଥିବା କହିଥିଲେ। ଦୁବାଇରେ ତାଙ୍କ ସ୍ୱାମୀ ଚାକିରି କରନ୍ତି ବୋଲି ସେ ପୂର୍ବରୁ କୁସୁମଙ୍କୁ କହିଥିଲେ। ସୁନାରେ ୨ ବର୍ଷ ପାଇଁ ନିବେଶ କଲେ ତାଙ୍କ ଟଙ୍କା ୪ ଗୁଣା ହୋଇଯିବ ବୋଲି କୁସୁମଙ୍କୁ ଲୋଭ ଦେଖାଇଥିଲେ ସବିତା। ତାଙ୍କ କଥାରେ ଫସି କୁସୁମ ୨୪ ଲକ୍ଷ ଟଙ୍କା ତାଙ୍କୁ ଦେଇଥିଲେ। ସେହି ଟଙ୍କା ସେ ଓ ତାଙ୍କ ଦିବଂଗତ ସ୍ୱାମୀ ସଞ୍ଚୟ କରିଥିଲେ। ସେ ସବିତାଙ୍କୁ ଭାଗ ଭାଗ କରି ଏହି ଟଙ୍କା ଦେଇଥିଲେ। ୨.୨୫ ଲକ୍ଷ ଟଙ୍କା ସେ ସବିତାଙ୍କ ଭାଇଙ୍କ ଏକାଉଣ୍ଟକୁ ପଠାଇଥିଲେ। ସେହିଭଳି ସବିତାଙ୍କ ମା’ଙ୍କୁ ନଗଦ ୧୯.୮୫ ଲକ୍ଷ ଟଙ୍କା ଦେଇଥିଲେ। ବାକି ୧.୯ ଲକ୍ଷ ଟଙ୍କା ସେ ଫୋନ୍ ପେ’ରେ ସବିତାଙ୍କ ଝିଅ ବାଲ୍ମିକାଙ୍କ ପାଖକୁ ପଠାଇଥିଲେ। ଏହା ଆରମ୍ଭ ମାତ୍ର ଥିଲା। ତା’ପରେ ଏକାଧିକ ବାର ନିବେଶ ଓ ଋଣ ନାଁରେ କୁସୁମଙ୍କ ଠାରୁ ଟଙ୍କା ନେଇଥିଲେ ସବିତା। କିନ୍ତୁ ଆଉ ଫେରାଇବାର ନାଁ ଧରି ନଥିଲେ। କୁସୁମ କହିଛନ୍ତି, ଗତ ବର୍ଷ ଜାନୁଆରୀ ୬ ତାରିଖରେ ସବିତା ମୋତେ ଫୋନ୍ କରିଥିଲେ। ସେ ଉଦୟ ଟିଭିରେ ନିବେଶ କରିଥିଲେ ଓ ଏବେ ତାଙ୍କୁ ଡବଲ ପଇସା ମିଳିଥିବା କହିଥିଲେ। ଏହା ସହିତ ଉଦୟ ଟିଭିରେ ୧୦ ଲକ୍ଷ ଟଙ୍କା ନିବେଶ କରିବାକୁ ମୋତେ କହିଥିଲେ। ସେଥିରୁ ଭଲ ଲାଭ ମିଳିବ ବୋଲି ପୂର୍ବବତ୍ ସେ ମୋତେ ଆଶ୍ୱାସନା ଦେଇଥିଲେ। ମୁଁ ତାଙ୍କ ଉପରେ ବିଶ୍ୱାସ କରି ୧୦ ଲକ୍ଷ ଟଙ୍କା ଦେଇଥିଲି। ତା’ପରବର୍ତ୍ତୀ କିଛି ମାସରେ କେତେବେଳେ ନିବେଶ ତ କେତେବେଳେ ତାଙ୍କ ଝିଅ ବାହାଘର ଓ କାର ଲୋନ୍ ସୁଝିବା ବାହାନା କରି ମୋ’ଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇଥିଲେ ସବିତା। ଗତ ଜୁନ ମାସରେ ସବିତାଙ୍କ ନିକଟକୁ ଯାଇଥିଲେ କୁସୁମ ଓ ତାଙ୍କର ମୋଟ ୯୫ ଲକ୍ଷ ଟଙ୍କା ମାଗିଥିଲେ। କିନ୍ତୁ ସବିତା ତାଙ୍କୁ ସଫା ସଫା କହିଥିଲେ ଯେ କିଛି ଟଙ୍କା ମିଳିବନି। ତା’ସହିତ ଘରକୁ ଫେରିଯିବାକୁ ସେ କୁସୁମଙ୍କୁ କହିଥିଲେ। କୁସୁମ ଅଭିଯୋଗ କରିଛନ୍ତି ଯେ ସବିତା ତାଙ୍କୁ କହିଥିଲେ ଯେ ସେ ଏମିତି ବହୁ ଲୋକଙ୍କଠାରୁ ଟଙ୍କା ନେଇଛନ୍ତି ଓ କେବେ ଫେରାଇ ନାହାନ୍ତି। ବହୁ ପ୍ରୟାସ ସତ୍ତ୍ୱେ ଟଙ୍କା ନ ମିଳିବାରୁ ଜୁଲାଇ ୮ ତାରିଖରେ କୁସୁମ ୭ ଜଣଙ୍କ ନାଁରେ ଏଫଆଇଆର ଦେଇଥିଲେ। ସବିତାଙ୍କ ସହିତ ପୁନିତ, ସତୀଶ, ବାଲ୍ମିକା, ଦର୍ଶନ, ଲୋକେଶ ଓ ଶ୍ରୀଧରଙ୍କ ନାଁରେ ଏତଲା ଦେଇଥିଲେ କୁସୁମ। ତାଙ୍କ ଏତଲା ଆଧାରରେ ବାସବେଶ୍ୱରନଗର ଥାନା ପୁଲିସ ତଦନ୍ତ କରିଥିଲା। ଏହା ପରେ ୨୦ରୁ ଅଧିକ ମହିଳାଙ୍କୁ କୋଟି କୋଟି ଟଙ୍କାର ଚୂନ ଲଗାଇଥିବା ଅଭିଯୋଗରେ ସବିତା ଓ ଅନ୍ୟ ୬ ଜଣଙ୍କୁ ଗିରଫ କରିଥିଲା। ଏହା ପୂର୍ବରୁ ଏଭଳି ଏକ ମାମଲାରେ ଗୋବିନ୍ଦରାଜନଗର ପୁଲିସ ସବିତାଙ୍କୁ ଗିରଫ କରିଥିଲା। ତେବେ ସେ ଜାମିନ୍ ପାଇ ଜେଲରୁ ମୁକୁଳି ଥିଲେ। ତଥାପି ସେ ସୁଧୁରି ନଥିଲେ ଓ ସମାନ ଢଙ୍ଗରେ ମହିଳାଙ୍କୁ ଲୁଟିବା ଜାରି ରଖିଥିଲେ।

## ଲାହୋର ଯାଉଥିବା ବସକୁ ଅଟକାଇଲେ ଅପହରଣକାରୀ, ୯ ଜଣ ଯାତ୍ରୀଙ୍କୁ କଲେ ହତ୍ୟା

ପାକିସ୍ତାନ : ଆକ୍ରମଣକାରୀମାନେ ପାକିସ୍ତାନରେ ଏକ ଚଳନ୍ତା ବସ୍ ଅଟକାଇ ୯ ଜଣ ଯାତ୍ରୀଙ୍କୁ ଅପହରଣ କରିଥିଲେ ଏବଂ ପରେ ସେମାନଙ୍କୁ ହତ୍ୟା କରିଥିଲେ । ଏହି ଦୁଃଖଦ ଘଟଣା ବେଲୁଚିସ୍ତାନର ଝୋବ ଅଞ୍ଚଳରେ ଘଟିଛି । ପାକିସ୍ତାନରଏକ ରିପୋର୍ଟ ଅନୁଯାୟୀ, ଏହା ବେଲୁଚିସ୍ତାନର ଏକ ଭୟଙ୍କର ଆତଙ୍କବାଦୀ ଘଟଣା,



ଯେଉଁଠାରେ କଲେଟାରୁ ଲାହୋର ଯାଉଥିବା ଏକ ଯାତ୍ରୀବାହୀ ବସ୍ କୁ ଘ-୪୦ ରୁଟରେ ସଶସ୍ତ୍ର ଆକ୍ରମଣକାରୀମାନେ ଅଟକାଇଥିଲେ । ଏହା ପରେ, ବନ୍ଧୁକଧାରୀମାନେ ବସ୍ରେ ଥିବା ଯାତ୍ରୀମାନଙ୍କ ପରିଚୟପତ୍ର ଯାଞ୍ଚ କରିଥିଲେ ଏବଂ ପଞ୍ଜାବ ପ୍ରଦେଶର ୯ ଜଣ ପୁରୁଷ ଯାତ୍ରୀଙ୍କୁ ବାଛି ଅପହରଣ କରିଥିଲେ । ପରେ ସେମାନଙ୍କୁ ହତ୍ୟା କରାଯାଇଥିଲା । ଅପହରଣ ହୋଇଥିବା ଅଧିକାଂଶ ଯାତ୍ରୀ ମଣ୍ଡି ବାହାଉଦ୍ଦିନ, ଗୁଜରାନୱାଲା ଏବଂ ୱଜିରାବାଦର ବାସିନ୍ଦା ବୋଲି ଚିହ୍ନଟ କରାଯାଇଛି । ଅପହରଣର ଗୋଟିଏରୁ ଦେଢ଼ ଘଣ୍ଟା ମଧ୍ୟରେ ସେମାନଙ୍କ ମୃତଦେହ ନିକଟସ୍ଥ ଏକ ପାହାଡ଼ି ଅଞ୍ଚଳରେ ଏକ ବ୍ରିଜ୍ ତଳେ ମିଳିଥିଲା । ସମସ୍ତଙ୍କୁ ନିକଟରୁ ଗୁଳି କରି ହତ୍ୟା କରାଯାଇଥିଲା । ସ୍ଥାନୀୟ ଡେପୁଟି କମିଶନର ହବିବୁଲ୍ଲା ମୁସାଖେଲଙ୍କ ଅନୁଯାୟୀ, ଆକ୍ରମଣକାରୀଙ୍କ ସଂଖ୍ୟା ପ୍ରାୟ ୧୦ ରୁ ୧୨ ଥିଲା । ସେମାନେ ରକେଟ୍-ପ୍ରେପେଲ୍ଡ ଗ୍ରେନେଡ୍ (ଜଟଏ) ଏବଂ ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ରରେ ସୁରକ୍ଷା ବାହିନୀ ଉପରେ ଆକ୍ରମଣ କରିଥିଲେ ଏବଂ ପରେ ପଳାଇ ଯାଇଥିଲେ । ସୁରକ୍ଷା ବାହିନୀ ପିଛା ଆରମ୍ଭ କରିଥିଲେ କିନ୍ତୁ ଆକ୍ରମଣକାରୀମାନେ ଏପର୍ଯ୍ୟନ୍ତ ଫେରାର୍ ଅଛନ୍ତି । ପାକିସ୍ତାନ ସରକାର ଏବଂ ବେଲୁଚିସ୍ତାନ ପ୍ରଶାସନ ଏହାକୁ ଏକ ସୁଚିନ୍ତିତ ଆତଙ୍କବାଦୀ ଆକ୍ରମଣ ବୋଲି କହିଛନ୍ତି ଏବଂ ଏହାକୁ ଦୃଢ଼ ନିନ୍ଦା କରିଛନ୍ତି । ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରିଛନ୍ତି ଏବଂ ଖୁବ୍ ଶୀଘ୍ର ଦୋଷୀମାନଙ୍କୁ ଧରି କଠୋର ଦଣ୍ଡ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଉଲ୍ଲେଖନୀୟ ଯେ ସରକାର ପୂର୍ବରୁ ଘ-୭୦ ରୁଟରେ ରାତିରେ ଯାତ୍ରୀଙ୍କ ଯାତାୟାତକୁ ନିଷିଦ୍ଧ କରିଥିଲେ ଏବଂ ସୁରକ୍ଷା ପାଇଁ ମାନକ କାର୍ଯ୍ୟ ପ୍ରଣାଳୀ (ଝଙଚ) କାର୍ଯ୍ୟକାରୀ କରିଥିଲେ ।

# ଖାଲକୁ ଖସିଲା ଯାତ୍ରୀବାହୀ ବସ୍, ୭ ମୃତ



ପେଶାୱର: ଉତ୍ତର-ପଶ୍ଚିମ ପାକିସ୍ତାନରେ ଘଟିଲା ଅଘଟଣ । ଦୁର୍ଘଟଣାଗ୍ରସ୍ତ ହୋଇଛି ବସ୍ । ଏଥିରେ ଅନେକ ଲୋକଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । କୁହାଯାଉଛି ଯେ ଏହି ଦୁର୍ଘଟଣା ଆଜି ପାକିସ୍ତାନର ଖେବର ପଖତୁନଖ୍ୱା ପ୍ରଦେଶରେ ଘଟିଛି । କୌଣସି କାରଣରୁ ବସ୍ ଟି ରାସ୍ତାରେ ଦୌଡୁଥିବା ସମୟରେ ହଠାତ୍ ଭାରସାମ୍ୟ ହରାଇଥିଲା । ଯାହା ଫଳରେ ଖାଲରେ ପଡ଼ିଗଲା । ଏହି ଦୁର୍ଘଟଣାରେ ଯୋଗୁଁ ୭ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୨ ଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପାକିସ୍ତାନୀ ଅଧିକାରୀମାନେ କହିଛନ୍ତି ଯେ ଏହି ଘଟଣା ଖାଇବର ପଖତୁନଖ୍ୱା ପ୍ରଦେଶର କୁରମ ଜିଲ୍ଲାର ଗନ୍ଧଲ ଅଞ୍ଚଳରେ ହୋଇଛି । ସୂଚନା ମିଳିବା ମାତ୍ରେ ରିଲିଫ୍ ଏବଂ ଉଦ୍ଧାର ଦଳ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ । ଉଦ୍ଧାର ଦଳ କ୍ଷତିଗ୍ରସ୍ତ ବସ୍ ରୁ ମୃତ ଏବଂ ଆହତମାନଙ୍କୁ ବାହାର କରିଥିଲେ । ସେ କହିଛନ୍ତି ଯେ ୭ ଜଣ ଯାତ୍ରୀଙ୍କୁ ଘଟଣାସ୍ଥଳେ ମୃତ ଘୋଷଣା କରାଯାଇଥିଲା, ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା । ଖେବର ପଖତୁନଖ୍ୱା ମୁଖ୍ୟମନ୍ତ୍ରୀ ଅଲି ଆମିନ ଗଣ୍ଡାପୁର ଦୁର୍ଘଟଣା ପାଇଁ ଦୁଃଖ ପ୍ରକାଶ କରିଛନ୍ତି ଏବଂ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି ।

## ୧୯୯୬ କୋଏମ୍ବାଟୁର ବୋମା ବିସ୍ଫୋରଣ ମାମଲା, ୨୯ ବର୍ଷ ପରେ ଗିରଫ ହେଲା ଅଭିଯୁକ୍ତ ସାଦିକ

କୋଏମ୍ବାଟୁର :୧୯୯୬ କୋଏମ୍ବାଟୁର ବୋମା ବିସ୍ଫୋରଣ ମାମଲା । ୨୯ ବର୍ଷ ପରେ ମୁଖ୍ୟ ଅଭିଯୁକ୍ତ ସାଦିକ ଗିରଫ । ଏକ ବଡ଼ ସଫଳତା ହାସଲ କରି, କୋଏମ୍ବାଟୁର ପୋଲିସ ୧୯୯୬ କୋଏମ୍ବାଟୁର ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ଅଭିଯୁକ୍ତ ସାଦିକ ରାଜାଙ୍କୁ ଗିରଫ କରିଛି । ପ୍ରାୟ ତିନି ଦଶନ୍ଧି ଧରି ପଳାତକ ରହିବା ପରେ ତାଙ୍କୁ ବିଜୟପୁରା ସହରରୁ ଗିରଫ କରାଯାଇଥିଲା । ସାଦିକ୍, ଯିଏ ମୂଳତଃ ଚାମରାଜନଗର ଜିଲ୍ଲାର ଗୁଣ୍ଡଲୁପେଟ୍ର ବାସିନ୍ଦା । ବିସ୍ଫୋରଣ ପରଠାରୁ ଫେରାର୍ ଥିଲା ଏବଂ ବାରମ୍ବାର ତାଙ୍କ ସ୍ଥାନ ପରିବର୍ତ୍ତନ କରୁଥିଲା । ସେ ତାମିଲନାଡୁରୁ ବେଙ୍ଗାଲୁରୁ, ତା’ପରେ ହୁବଲି ଏବଂ ଶେଷରେ ବିଜୟପୁରାରେ ବାସ କରୁଥିଲା । ଗତ ୧୨ ବର୍ଷ ଧରି, ସେ ଏକ ନକଲି ପରିଚୟପତ୍ର ସହିତ ରହୁଥିଲା ଏବଂ ପନିପରିବା ବିକ୍ରେତା ଭାବରେ କାମ କରୁଥିଲା । ସେ ହୁବଲିର ଜଣେ ମହିଳାଙ୍କୁ ମଧ୍ୟ ବିବାହ କରିଛନ୍ତି । ପୋଲିସ ସୂତ୍ର ଅନୁଯାୟୀ ସାଦିକ ମାଦୁରାଇ ଏବଂ ନାଗୋର ଘଟଣା ସମେତ ଅନ୍ୟାନ୍ୟ ବିସ୍ଫୋରଣ ମାମଲାରେ ମଧ୍ୟ ଜଡିତ ଥିଲା । କୋଏମ୍ବାଟୁର ପୋଲିସ ନିର୍ଦ୍ଦିଷ୍ଟ ସୂଚନା ଉପରେ କାର୍ଯ୍ୟ କରିଥିଲା ଏବଂ ବିଜୟପୁରା ଜିଲ୍ଲା ପୋଲିସକୁ ମଧ୍ୟ ସୂଚନା ନ ଦେଇ ଅପରେସନକୁ ଅତ୍ୟନ୍ତ ଗୁପ୍ତ ରଖିଥିଲା । ଏଥି ସହ ଜାଣିରଖନ୍ତୁ ଯେ, ବର୍ତ୍ତମାନ ତାଙ୍କୁ ଏବେ ହେପାଜତକୁ ନିଆଯାଇଛି ଏବଂ ଅଧିକ ତଦନ୍ତ ପାଇଁ ତାମିଲନାଡୁକୁ ନିଆଯାଇଛି ।

# ଦମ୍ ଅଛି ତ ପ୍ରମାଣ ଦିଅ: ପାକିସ୍ତାନକୁ ଡୋଭାଲଙ୍କ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ : ପାକିସ୍ତାନକୁ ଚ୍ୟାଲେଞ୍ଜ ଦେଲେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ଆଉ ସେହି ଚ୍ୟାଲେଞ୍ଜଟି ମାତ୍ର ଗୋଟିଏ ଫଟୋକୁ ନେଇ । ଡୋଭାଲ ପାକିସ୍ତାନକୁ କହିଛନ୍ତି, ଭାରତରେ ଯଦି ପାକ୍ ବିମାନ ଆସି କ୍ଷୟକ୍ଷତି କରିଛି ତେବେ ଗୋଟିଏ ଫଟୋ ପ୍ରଦାନ କର। ନଜର ପକାଇବା ଆମର ଏ ରିପୋର୍ଟ ଉପରେ ..‘ ଫଟୋ ଖୋଜୁଛି ଇସଲାମାବାଦ୍ ’ । ଆତଙ୍କୀଦେଶକୁ କଡ଼ା ଜବାବ ଦେଇଛନ୍ତି ଅଜିତ ଡୋଭାଲ୍ କହିଛନ୍ତି, ଦମ୍ ଅଛି ଯଦି ପ୍ରମାଣ ଦିଅ । ଭାରତର ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲ ଅପରେସନ୍ ସିନ୍ଦୂର ସମୟରେ ପାକିସ୍ତାନର ବାୟୁସେନା ଆକ୍ରମଣରେ ଭାରତକୁ ହୋଇଥିବା କ୍ଷତିର ଏକ ଫଟୋ ପ୍ରକାଶ କରିବାକୁ ଅନୁରୋଧ କରିଛନ୍ତି । ଏହି ଅପରେସନ୍, ୨୨ ଏପ୍ରିଲ ୨୦୨୫ରେ ପହଲଗାମ ଆତଙ୍କୀ ଆକ୍ରମଣର ଜବାବରେ ମେ ୭ରୁ ୧୦ ତାରିଖ ମଧ୍ୟରେ ଚାଲିଥିଲା, ଯେଉଁଥିରେ ଭାରତୀୟ ବାୟୁସେନା ପାକିସ୍ତାନର ନୂର ଖାନ୍ ଓ ସୋର୍କୋଟ ବାୟୁସେନା ଘାଟି ସମେତ ୧୩ଟି ଏୟାରବେସ୍ ଓ ୯ଟି ଆତଙ୍କୀ ଶିବିରକୁ ଧ୍ୱଂସ କରିଥିଲା । ଆଇଆଇଟି ମାଡ୍ରାସରେ ଆୟୋଜିତ ୬୨ତମ ସମ୍ମିଳନୀରେ ଯୋଗଦେଇ ଡୋଭାଲ କହିଛନ୍ତି, ଭାରତ ୨୩ ମିନିଟ୍‌ରେ ପାକିସ୍ତାନର ନଅଟି ଆତଙ୍କବାଦୀ ଟାର୍ଗେଟ୍‌କୁ ସଠିକ୍ ଭାବେ ଟାର୍ଗେଟ୍ କରିଥିଲା । ପାକିସ୍ତାନ ମିଥ୍ୟା ଗୁଜବ ଖବର ଦେଖାଇ ପ୍ରକାଶ କରିଥିଲା ଯେ, ଭାରତରେ ପାକ୍ ଫାଇଟର ଜେଟ୍ ? ସହ ଅନେକ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି । ହେଲେ ମୁହଁ ଖୋଲିଛନ୍ତି ଡୋଭାଲ କହିଛନ୍ତି, ପାକିସ୍ତାନର ଆକ୍ରମଣରେ ଭାରତୀୟ ବାୟୁସେନାର କିଛି ବିମାନ କ୍ଷତିଗ୍ରସ୍ତ ହୋଇଥିଲା, ଯାହାର ପ୍ରମାଣ ପାକିସ୍ତାନକୁ ସାମନାକୁ ଆଣିବା ଆବଶ୍ୟକ। ତେବେ ସାଟେଲାଇଟ୍ ଚିତ୍ର ଅନୁଯାୟୀ, ପାକିସ୍ତାନ ଭାରତୀୟ ଘାଟିଗୁଡ଼ିକୁ କୌଣସି ବଡ଼ କ୍ଷତି ପହଞ୍ଚାଇ ପାରିନଥିଲା । ଡୋଭାଲ କହିଛନ୍ତି, ପ୍ରଯୁକ୍ତିବିଦ୍ୟା ଏବଂ ଯୁଦ୍ଧ ମଧ୍ୟରେ ସମ୍ପର୍କ ସର୍ବଦା ଗୁରୁତ୍ୱପୂର୍ଣ୍ଣ ଏବଂ ଆମେ ଅପରେସନ୍ ସିନ୍ଦୂର ପାଇଁ ଗର୍ବିତ । ଏଥିପାଇଁ ଗର୍ବିତ ଯେ ଆମେ ଯୁଦ୍ଧ ସମୟରେ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିଛୁ । ଅପରେସନ ସିନ୍ଦୂର ଉପରେ ରିପୋର୍ଟ ପାଇଁ ବିଦେଶୀ ଗଣମାଧ୍ୟମକୁ ସମାଲୋଚନା କରିଛନ୍ତି ଡୋଭାଲ ଏବଂ ଭାରତରେ ଯେକୌଣସି ଧ୍ୱଂସର ଦୃଶ୍ୟ ଦେଖାଇବାକୁ ସେମାନଙ୍କୁ ଚ୍ୟାଲେଞ୍ଜ କରିଛନ୍ତି ଜାତୀୟ ସୁରକ୍ଷା ପରାମର୍ଶଦାତା ।

## ପୋଲ ଭୁଶୁଡିବା ଘଟଣା : ମୃତକଙ୍କ ସଂଖ୍ୟା ୧୮କୁ ବୃଦ୍ଧି

ଗୁଜରାଟ : ଗୁଜରାଟର ଭଦୋଦରା ଜିଲ୍ଲାରେ ମହିସାଗର ନଦୀ ଉପରେ ଥିବା ଗମ୍ଭୀରା ପୋଲ ଭୁଶୁଡ଼ିବା ଘଟଣାରେ ମୃତକଙ୍କ ସଂଖ୍ୟା ୧୮କୁ ବୃଦ୍ଧି ପାଇଛି । ବୁଧବାର ରାତିରେ ଆଉ ଦୁଇଟି ମୃତଦେହ ଉଦ୍ଧାର ହୋଇଛି । ଏହି ଦୁର୍ଘଟଣାରେ ଦୁଇଟି ଟ୍ରକ, ଦୁଇଟି ପିକଅପ ଭ୍ୟାନ ଓ ଏକ ଅଟୋରିକ୍ସା ନଦୀକୁ ଖସି ପଡ଼ିଥିଲା। ଏନଡିଆରଏଫ୍ ଓ ଏସଡିଆରଏଫ୍ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଭଦୋଦରା



ଓ ଆନନ୍ଦକୁ ଯୋଡୁଥିବା ମହିସାଗର ନଦୀରେ ତିଆରି ହୋଇଥିବା ପୋଲ ହଠାତ୍ ଦୁଇଖଣ୍ଡ ହୋଇଯାଇଥିଲା । ପୋଲ ଦୁଇ ଫାଳ ହେବା ସମୟରେ ଅନେକ ଗାଡି ସେହି ସମୟରେ ଯାତାୟତ କରୁଥିଲା । ପୋଲ ଦୁଇଫାଳ ହେବା ପରେ ୫ରୁ ଅଧିକ ଗାଡ଼ି ନଦୀକୁ ଖସି ପଡିଥିଲା । ସେ ସବୁକୁ ଉଦ୍ଧାର କରାଯାଇଥିବା ବେଳେ ଏବେ ବି ୨ଟି ଟ୍ରକ୍ ଏବଂ ପିକ୍ ଅପ୍ ଭ୍ୟାନ୍ ନଦୀରେ ପଡିଛି । ପାଞ୍ଚ ଜଣ ଆହତଙ୍କୁ ଭଦୋଦରାର ଏସଏସଜି ହସ୍ପିଟାଲରେ ଚିକିତ୍ସା କରାଯାଉଛି, ତେବେ କେହି ଗୁରୁତର ନାହାନ୍ତି । ଭଦୋଦରା ଜିଲ୍ଲା ମାଜିଷ୍ଟ୍ରେଟ ଅନିଲ ଧାମେଲିୟା କହିଛନ୍ତି ,ଉଦ୍ଧାର କାର୍ଯ୍ୟ ନଦୀରେ ୪ କିଲୋମିଟର ପର୍ଯ୍ୟନ୍ତ ଚାଲିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଓ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିଛନ୍ତି । ପୋଲ ଭୁଶୁଡ଼ିବାର କାରଣ ଅନୁସନ୍ଧାନ ପାଇଁ ଏକ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି । ୧୯୮୧ରେ ଏହି ସେତୁର ନିର୍ମାଣ କାମ ଆରମ୍ଭ ହୋଇଥିଲା । ୧୯୮୫ରେ ସେତୁଟିକୁ ଯାନବାହନ ଚଳାଚଳ ନିମନ୍ତେ ଖୋଲା ଯାଇଥିଲା । ୨୦୧୭ରେ କଂଗ୍ରେସ ଦଳ ଏହି ସେତୁଟିକୁ ଯାନବାହନ ଚଳାଚଳ ନିମନ୍ତେ ବନ୍ଦ କରିବା ଲାଗି ଦାବି କରିଥିଲା । କାରଣ ସେତୁଟି ଅନେକାଂଶରେ ନଷ୍ଟ ହୋଇଯାଇଥିଲା ।

# ୪୦ ଟଙ୍କାର ତେଲ ୧୦୧ରେ ବିକ୍ରି : କମ୍ପାନୀ ମାଲେମାଲ୍




ନୂଆଦିଲ୍ଲୀ : ଆନ୍ତର୍ଜାତୀୟ ବଜାରରେ କଞ୍ଚା ତେଲ ଅର୍ଥାତ୍ କ୍ରୁଡ଼ ଅଏଲ ମୂଲ୍ୟ ତଳମୁହାଁ। କ୍ରୁଡ଼ ଅଏଲର ମୂଲ୍ୟ ବ୍ୟାରେଲ ପିଛା ୬୬ ଡ଼ଲାରରେ ପହଞ୍ଚିଛି। ଆଗକୁ କ୍ରୁଡ଼ ଅଏଲ୍ ମୂଲ୍ୟ ୬୦ ଡ଼ଲାର ତଳକୁ ଖସିପାରେ ବୋଲି ବଜାର ବିଶେଷଜ୍ଞମାନେ ମତ ଦେଉଛନ୍ତି। ମାତ୍ର ଆନ୍ତର୍ଜାତୀୟ ସ୍ତରରେ ତୈଳ ମୂଲ୍ୟ କମିଥିଲେ ମଧ୍ୟ ଭାରତୀୟ ଉପଭୋକ୍ତା ଏଥିରୁ କୌଣସି ଲାଭ ପାଉ ନାହାନ୍ତି। ବର୍ତ୍ତମାନର ମହଙ୍ଗା ବଜାର ଦରରେ ଖାଉଟିଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଦରଠାରୁ ବଳିଯାଉଛି ଖାଉଟିଙ୍କ ତେଲ କଷ୍ଟ। ବିଡ଼ମ୍ବନା ହେଉଛି ପେଟ୍ରୋଲିୟମ ଉତ୍ପାଦ ଡ଼ିଜେଲ ଓ ପେଟ୍ରୋଲ ମୂଲ୍ୟର ଅଧାରୁ ଅଧିକ କେବଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ ଏବଂ ପେଟ୍ରୋଲିୟମ କମ୍ପାନୀର ଲାଭ ନେଇଯାଉଛି। ପ୍ରକ୍ରିୟାକରଣ ପରେ ଅଶୋଧିତ ତୈଳର ମୂଲ୍ୟ ପାଖାପାଖି ୫୦ ଟଙ୍କା ଥିବାବେଳେ ଖାଉଟି ଏହାକୁ ୧୦୧ ଟଙ୍କା ଦରରେ କ୍ରୟ କରୁଛି। ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଓ ଡ଼ିଜେଲରେ ହାରାହାରି ଲିଟର ପିଛା ୧୫ ଟଙ୍କା ଲାଭ କରୁଛନ୍ତି। ଓଡ଼ିଶାରେ ଟିକସ ବାବଦରେ ୨୮% ଆଦାୟ କରାଯାଉଛି ଓ ଅନ୍ୟ ରାଜ୍ୟଗୁଡ଼ିକରେ ଭିନ୍ନଭିନ୍ନ ଟିକସ ହାର ଲାଗୁ ହୋଇଛି, ସେହିପରି କେନ୍ଦ୍ର ସରକାର ମଧ୍ୟ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ବାବଦରେ ଟିକସ ଆଦାୟ କରୁଛନ୍ତି। ବିଡ଼ମ୍ବନା ହେଉଛି ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଖାଉଟି ପେଟ୍ରୋଲିୟମ ଟିକସ ଦେଉଥିଲେ ମଧ୍ୟ ତୈଳ ମୂଲ୍ୟ ହ୍ରାସ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଲୋକସଭା ନିର୍ବାଚନ ପୂର୍ବରୁ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ କେବଳ ଥରେ ଲିଟର ପିଛା ୨ ଟଙ୍କା ହ୍ରାସ ପାଇଥିଲା। ସେବେଠାରୁ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ଦେଖାଯାଇନାହିଁ। ଆଶ୍ଚର୍ଯ୍ୟର କଥା ହେଉଛି ଯେ ଏହି ସମୟ ମଧ୍ୟରେ, କଞ୍ଚା ତେଲ ମୂଲ୍ୟ ପ୍ରତି ବ୍ୟାରେଲ ୨୦ ଡଲାରରୁ ଅଧିକ ହ୍ରାସ ପାଇଛି। ମାତ୍ର ଏହାର ଫାଇଦା ଖାଉଟିଙ୍କ ପାଖରେ ପହଞ୍ଚି ପାରିନାହିଁ। ବିଶେଷଜ୍ଞଙ୍କ ମତରେ ୨୦ ଡ଼ଲାର କଞ୍ଚାତେଲ ମୂଲ୍ୟ ହ୍ରାସ ଭାରତୀୟ ବଜାରରେ ପେଟ୍ରୋଲ ଡ଼ିଜେଲ ମୂଲ୍ୟକୁ ୨୫% ପର୍ଯ୍ୟନ୍ତ କମ୍ କରିପାରିବ। ମାତ୍ର ଏହାର ଏହାର ସବୁ ଲାଭ କମ୍ପାନୀ ଓ ସରକାର ପାଇଛନ୍ତି। ସମ୍ପ୍ରତି ଅଶୋଧିତ ତେଲ ଉତ୍ପାଦକଙ୍କ ସଂଗଠନ ଓପେକ୍? ରାଷ୍ଟ୍ର ସମୂହ ଅଶୋଧିତ କଞ୍ଚା ତେଲ ଉତ୍ପାଦନ ବୃଦ୍ଧି ଘୋଷଣା ଯୋଗୁଁ ପୁଣି ଅଶୋଧିତ ତୈଳ ଦର ହ୍ରାସ ପାଇବାର ସମ୍ଭାବନା ରହିଛି। ଚଳିତ ଜୁଲାଇ ଶେଷ କିମ୍ବା ଅଗଷ୍ଟ ମାସରେ ଉପସାଗରୀୟ ଦେଶଗୁଡ଼ିକର ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପ୍ରତି ବ୍ୟାରେଲ ପାଖାପାଖି ୧୦ ଡଲାର ପର୍ଯ୍ୟନ୍ତ ହ୍ରାସ କରିବାକୁ ଯୋଜନା କରିଛନ୍ତି। ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ ଯୋଗାଣରେ ବୃଦ୍ଧି ଯୋଗୁଁ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇଛି। ଗୋଟିଏ ପଟେ ଆମେରିକା ଯୋଗାଣ ବୃଦ୍ଧି କରିଛି। ଅନ୍ୟପଟେ ଓପେକ୍ ପ୍ଲସ୍ ସଦସ୍ୟ ରାଷ୍ଟ୍ରମାନଙ୍କ ପକ୍ଷରୁ ଯୋଗାଣ ଜାରି ରହିଛି। ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ପରେ, ହର୍ମୁଜ୍ ସଙ୍କଟ ମଧ୍ୟ ଟଳିଯାଇଛି। ଏହାସହିତ ଯୋଗାଣରେ କୌଣସି ବାଧା ସୃଷ୍ଟି ହେବାର ସମ୍ଭାବନା ନାହିଁ। ଯାହା ଫଳରେ ତୈଳ ମୂଲ୍ୟ ପ୍ରାୟ ୧୫% କମିବ ବୋଲି ଆଶା କରାଯାଉଛି। ମାତ୍ର ଭାରତର ଖାଉଟିମାନଙ୍କ ପାଇଁ ଏହି ଲାଭ ମିଳିବ କି ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି।

## ପୁଣି ଥରିଲା ଦିଲ୍ଲୀ

ନୂଆଦିଲ୍ଲୀ : ଦିଲ୍ଲୀରେ ଭୂମିକମ୍ପ ଝଟ୍‌କା ଅନୁଭୂତ ହୋଇଛି। ୨୪ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଥର ପାଇଁ ରାଜଧାନୀରେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ଏହାର ତୀବ୍ରତା ୩.୭ ଥିଲା ଏବଂ ଏହାର କେନ୍ଦ୍ରସ୍ଥଳ ହରିୟାଣାର ଝାଜ୍ଜର ଥିଲା। ଗୁରୁବାର ଦିଲ୍ଲୀ-ଏନ୍‌ସିଆରରେ ଶକ୍ତିଶାଳୀ ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା। ଏହି ଭୂକମ୍ପ ସକାଳ ୯:୦୪ ସମୟରେ ଅନୁଭୂତ ହୋଇଥିଲା। ଏହାର ତୀବ୍ରତା ୪.୧ ଥିଲା ଏବଂ ଏହାର କେନ୍ଦ୍ରସ୍ଥଳ ହରିୟାଣାର ଝାଜ୍ଜର ହିଁ ଥିଲା। ନିକଟରେ ଜମ୍ମୁ ଏବଂ କଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ଅନେକ ଥର ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଏହି ଅଞ୍ଚଳଗୁଡ଼ିକରେ ଭୂକମ୍ପ ଅନ୍ୟ ଅଞ୍ଚଳ ତୁଳନାରେ ଟିକେ ଅଧିକ ତୀବ୍ର ରହିଥାଏ। ଜୁନ ଏବଂ ଜୁଲାଇରେ ଜମ୍ମୁ ଏବଂ କଶ୍ମୀରରେ ୪.୫ ତୀବ୍ରତାର ଭୂକମ୍ପ ରେକର୍ଡ଼ କରାଯାଇଥିଲା, ଯାହା କିଛି ସ୍ଥାନରେ କାନ୍ଥରେ ଫାଟ ସୃଷ୍ଟି କରିଥିଲା। ତଥାପି, କୌଣସି ବଡ଼ କ୍ଷତି ରିପୋର୍ଟ ହୋଇ ନ ଥିଲା। ଉତ୍ତରପୂର୍ବ ଭାରତରେ ମଧ୍ୟ ଅନେକ ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା, ବିଶେଷକରି ଆସାମ ଏବଂ ମେଘାଳୟ ଭଳି ରାଜ୍ୟଗୁଡ଼ିକରେ।

# ଅଗଷ୍ଟ ୧୦ରେ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ପ୍ରତିଯୋଗିତା




## ଯୋଗଦେବେ ୧୦ ଦେଶର ୧୫୦ଜଣରୁ ଅଧିକ ଖେଳାଳି

## ଓଡ଼ିଶାରେ ଖେଳାଳିଙ୍କ ପାଇଁ ପ୍ରଚୁର ସମ୍ଭାବନା ରହିଛି : ସୂର୍ଯ୍ୟବଂଶୀ

ଭୁବନେଶ୍ୱର,୧୧।୭(ମହାଭାରତ): ଭାରତର ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ବ୍ରୋଞ୍ଜ-ଓଡ଼ିଶା ୨୦୨୫ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମରେ ଆସନ୍ତା ଅଗଷ୍ଟ ମାସ ୧୦ ତାରିଖରେ ଅନୁଷ୍ଠିତ ହେବ। ଏସୀୟ ଆଥଲେଟିକ୍ସ ଚାମ୍ପିଅନସିପ୍, ୨୦୧୭ ପରେ ଆୟୋଜିତ ହେବାକୁ ଥିବା ଏହି ଏକ ଦିବସୀୟ ଅନ୍ତର୍ଜାତୀୟ ଆଥଲେଟିକ୍ସ ଇଭେଣ୍ଟରେ ପ୍ରାୟ ୧୦ଟି ଦେଶର ୧୫୦ଜଣରୁ ଅଧିକ ଖେଳାଳୀ ଅଂଶଗ୍ରହଣ କରିବେ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାରେ ଉଦୀୟମାନ ଖେଳାଳୀଙ୍କ ପାଇଁ ପ୍ରଚୁର ସମ୍ଭାବନା ରହିଛି ଏହି ପ୍ରତିଯାଗିତା ସେମାନଙ୍କ ଦକ୍ଷତା ବିକାଶରେ ସହାୟକ ହୋଇପାରିବ ବୋଲି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି

ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ବ୍ରୋଞ୍ଜ-ଓଡ଼ିଶା ୨୦୨୫ ପ୍ରତିଯାଗିତା ପାଇଁ ଆମେ ବିଶ୍ୱ ଆଥଲେଟିକ୍ସ ଏବଂ ଭାରତୀୟ ଆଥଲେଟିକ୍ସ ଫେଡେରେସନ (ଏଏଫଆଇ) ସହିତ ମିଳିତ ଭାବରେ କାର୍ଯ୍ୟ କରୁଛୁ ଭିତ୍ତିଭୂମି ଉନ୍ନତିଠାରୁ ଆରମ୍ଭ କରି ସୁରକ୍ଷା, ଲଜିଷ୍ଟିକ୍ସ ଏବଂ ଆତିଥେୟତା ସମସ୍ତ ଦିଗ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଉଛି ସେହିପରି ଖେଳାଳି, ଅଧିକାରୀ ଏବଂ ଦର୍ଶକଙ୍କ ପାଇଁ ଏକ ଅବିସ୍ମରଣୀୟ ଅଭିଜ୍ଞତା ସୁନିଶ୍ଚିତ କରିବା ପାଇଁ ବିଶେଷ ଯତ୍ନ ନିଆଯାଉଛି ବୋଲି କଳିଙ୍ଗ ଷ୍ଟାଡ଼ିୟମରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକାଶ କରିଛନ୍ତି।

କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ କଣ୍ଟିନେଣ୍ଟାଲ ଟୁର୍ ହେଉଛି ବିଶ୍ ଆଥଲେଟିକ୍ସ ଦ୍ୱାରା ଆୟୋଜିତ ଏକ ଦିବସୀୟ ଟ୍ରାକ୍ ଏବଂ ଫିଲ୍ଡ ପ୍ରତିଯୋଗିତାର ଏକ ଶୃଙ୍ଖଳା ବ୍ରୋଞ୍ଜ ସ୍ତରୀୟ ଟୁର୍ଣ୍ଣାମେଣ୍ଟ, ପ୍ରମୁଖ ବିଶ୍ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ଲକ୍ଷ୍ୟ ରଖିଥିବା ଖେଳାଳିମାନଙ୍କ ପାଇଁ ମୋଟ ୨୦ଟି ଇଭେଣ୍ଟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ, ଯାହା ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ରାଙ୍କିଂ ପ୍ରଦାନ କରିବାରେ ସହାୟକ ହେବ ଏହି ଅବସରରେ ୧୦୦, ୨୦୦, ୪୦୦ ଲଙ୍ଗ୍ ଜମ୍ପ, ଜାଭେଲିନ୍ ଥ୍ରୋ, ୪୪୦୦ ମିଟର ରିଲେ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ, ଯେଉଁଥିରେ ଉଭୟ ପୁରୁଷ ଓ ମହିଳା ଖେଳାଳି ଭାଗ ନେଇ ପାରିବେ। ଆଥଲେଟିକ୍ସ କ୍ଷେତ୍ରରେ ଓଡ଼ିଶାର ଅନିମେଶ କୁଜୁର ଓ ଶ୍ରାବଣୀ ନନ୍ଦଙ୍କ ଭଳି ଅନେକ ଖେଳାଳୀ ବିଶ୍ୱସ୍ତରରେ ସଫଳତା ପାଇଛନ୍ତି ସେହିପରି ଆମ ଆଥଲେଟ୍ ଅଶୋକ ଦଣ୍ଡସେନା, ସବିତା ଟପ୍ପୋ ଏବଂ ସୁସ୍ମିତା ଟିଗ୍ଗା ବିଶ୍ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ୧୬ଟି ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି ଏହି ପ୍ରତିଯୋଗିତାର ଆୟୋଜନ ଓଡ଼ିଶାର କ୍ରୀଡ଼ା କ୍ଷେତ୍ରକୁ ବିଶ୍ ସ୍ତରରେ ପରିଚିତ କରାଇବ ଓ ଅନ୍ତର୍ଜାତୀୟ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦେବାରେ ସହାୟକ ହୋଇପାରିବ ବୋଲି କ୍ରୀଡ଼ା ମନ୍ତ୍ରୀ ପ୍ରକାଶ କରିଛନ୍ତି

ଭାରତୀୟ ଆଥଲେଟିକ୍ସ ଫେଡେରେସନ(ଏଏଫଆଇ)ର ସଚିବ ସନ୍ଦୀପ ମେହେଟ୍ଟା ଏହି ପ୍ରତିଯୋଗିତାର ଗୁରୁତ୍ୱ ଏବଂ ଅଂଶଗ୍ରହଣକାରୀଙ୍କ ବିଷୟରେ ସୂଚନା ଦେଇ କହିଥିଲେ ଯେ ବିଦେଶୀ ଆଥଲେଟ୍ ସମେତ ୧୫୦ରୁ ଅଧିକ ଆଥଲେଟ୍ ଏହି ଚାମ୍ପିଅନସିପରେ ଅଂଶଗ୍ରହଣ କରିବେ, ଯାହା ସେପ୍ଟେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ ଆଥଲେଟିକ୍ସ ଚାମ୍ପିଅନସିପ୍, ଟୋକିଓ ପାଇଁ ଯୋଗ୍ୟତା ଅର୍ଜନ କରିପାରିବେ ଏହି ଚାମ୍ପିଅନସିପରେ ଭାରତୀୟ ଆଥଲେଟିକ୍ସ ପ୍ରତିଭାର ଶ୍ରେଷ୍ଠ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ। ଅନ୍ୟମାନଙ୍କ ମଧ୍ୟରେ ଏଏଫଆଇ କୋଷାଧ୍ୟକ୍ଷ ବି.ଇ. ଷ୍ଟାନଲି ଜୋନ୍ସ, ଏବଂ କ୍ରୀଡ଼ା ଏବଂ ଯୁବ ସେବା ବିଭାଗର ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

# ଇଂଲଣ୍ଡ ୩୮୭, ଭାରତ ୩/୧୪୫

ନୂଆଦିଲ୍ଲୀ,୧୧।୭(ମହାଭାରତ): ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ତୃତୀୟ ମୁକାବିଲା ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଉଛି। ଆଜି ମୁକାବିଲାର ଦ୍ୱିତୀୟ ଦିନ। ଇଂଲଣ୍ଡ ଟିମ୍ ପ୍ରଥମ ଇନିଂସରେ ୩୮୭ ରନ୍‌ରେ ଅଲଆଉଟ୍ ହୋଇଛି। ଜୋ ରୁଟ୍‌ଙ୍କ ଶତକୀୟ ଇନିଂସ ଓ ଜେମି ସ୍ମିଥ୍ ଓ ବ୍ରାୟଡନ କାର୍ସେ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଭାରତ ପାଇଁ ଜଶପ୍ରିତ ବୁମରା ପାଞ୍ଚଟି ୱିକେଟ୍ ନେଇଥିଲେ। ଜବାବରେ ଭାରତ ୩ ୱିକେଟ ହରାଇ ୧୪୫ ରନ୍ କରିଛି। ଓପନର ରାହୁଲ ୫୩ ଓ ପନ୍ତ ୧୯ ରନ୍ କରି ବ୍ୟାଟିଂ କରୁଛନ୍ତି। ଜୟସ୍ୱାଲ୍ ୧୩, କରୁଣ ୪୦ ଓ ଗିଲ୍ ୧୬ ରନ୍ କରି ଆଉଟ୍ ହୋଇଛନ୍ତି।



ଚାରି ୱିକେଟ୍ ହରାଇ ୨୫୧ ରନ୍‌ରେ ପ୍ରଥମ ଦିନର ଖେଳ ଶେଷ କରିଥିଲା ଇଂଲଣ୍ଡ ଜୋ ରୁଟ୍ ୯୯ ରନ୍ ଓ ବେନ୍ ଷ୍ଟୋକ୍ସ ୩୯ ରନରୁ ଦ୍ୱିତୀୟ ଦିନର ଖେଳ ଆରମ୍ଭ କରିଥିଲେ। ଦ୍ୱିତୀୟ ଦିନରେ ଭାରତ ଦମଦାର ଆରମ୍ଭ କରିଥିଲା। ବୁମରା ପ୍ରଥମ ସେସନରେ ହିଁ ତିନି ୱିକେଟ୍ ନେଇଥିଲେ। ସେ ବେନ୍ ଷ୍ଟୋକ୍ସ (୪୪), ଜୋ ରୁଟ୍ (୧୦୪) ଓ କ୍ରିସ୍ ୱକ୍ସଙ୍କୁ (୦) ଆଉଟ୍ କରିଥିଲେ। ଏହା ପରେ ଜେମି ସ୍ମିଥ୍ ଏବଂ ବ୍ରାଇଡନ୍ କାର୍ସେ ଦାୟିତ୍ୱ ନେଇଥିଲେ ଓ୍ୱଅଷ୍ଟମ ୱିକେଟ୍ ପାଇଁ ଉଭୟଙ୍କ ମଧ୍ୟରେ ୮୦ରୁ ଅଧିକ ରନ୍‌ର ପାର୍ଟନରଶିପ୍ ହୋଇଥିଲା, ଯାହାକୁ ସିରାଜ ଭାଙ୍ଗି ଦେଇଥିଲେ। ସେ ଜେମି ସ୍ମିଥ୍ (୫୬)ଙ୍କୁ ନିଜର ଶିକାର କରିଥିଲେ।

ଏହା ପରେ ବୁମରା ଜୋଫ୍ରା ଆର୍ଚରଙ୍କ ରୂପରେ ଇଂଲଣ୍ଡକୁ ନବମ ଝଟକା ଦେଇଥିଲେ। ସେ କେବଳ ଚାରି ରନ୍ ଆଉଟ୍ ହୋଇଥିଲେ। ଭାରତ ବିପକ୍ଷରେ ପ୍ରଥମ ଇନିଂସରେ ବ୍ରାଇଡନ୍ କାର୍ସେ ତାଙ୍କର ପ୍ରଥମ ଅର୍ଦ୍ଧଶତକ ପୂରଣ କରିବାରେ ସଫଳ ହୋଇଥିଲେ। ସେ ୮୩ ବଲରେ ୬ ଚୌକା ଏବଂ ୧ ଛକା ସହାୟତାରେ ୫୬ ରନ୍ କରିଥିଲେ। ଶେଷରେ ସିରାଜଙ୍କ ବଲରେ ସେ ବୋଲ୍ଡ ହୋଇଥିଲେ। ସୋଏବ୍ ବଶିର ଏକ ରନ୍ କରି ଅପରାଜିତ ରହିଥିଲେ। ପ୍ରଥମ ଦିନରେ ଜ୍ୟାକ୍ କ୍ରାଉଲି ୧୮, ବେନ୍ ଡକେଟ ୨୩, ଓଲି ପୋପ୍ ୪୪ ରନ୍ କରିଥିଲେ। ଭାରତ ପାଇଁ ଜଶପ୍ରିତ ବୁମରା ପାଞ୍ଚଟି ୱିକେଟ୍ ନେଇଥିବା ବେଳେ ମହମ୍ମଦ ସିରାଜ ଏବଂ ନୀତୀଶ କୁମାର ରେଡ୍ଡୀ ଦୁଇଟି ଲେଖାଏଁ କେଟ୍ ନେଇଥିଲେ ରବିନ୍ଦ୍ର ଜାଡେଜା ଗୋଟିଏ ୱିକେଟ୍ ନେଇଥିଲେ।

## ଲେଡିବାର୍ଡସ ଆକ୍ରମଣରେ ବନ୍ଦ ହୋଇଗଲା ମ୍ୟାଚ୍

ଲର୍ଡସ,୧୧।୭: ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ସିରିଜର ତୃତୀୟ ମ୍ୟାଚ ଜୁଲାଇ ୧୦ ତାରିଖରେ ଲର୍ଡସରେ ଆରମ୍ଭ ହୋଇଛି।ଗତ ଦୁଇଟି ଟେଷ୍ଟ ମ୍ୟାଚ ପରି, ଏହି ମ୍ୟାଚର ପ୍ରଥମ ଦିନ ସେତେ ଆକର୍ଷଣୀୟ ନ ଥିଲା। କାରଣ ଅଧିକ ରନ ହୋଇ ନ ଥିଲା କିମ୍ବା ଅଧିକ ଉଇକେଟ ପଡ଼ି ନ ଥିଲା।କିନ୍ତୁ ଦିନର ଖେଳ ଶେଷ ହେବା ପୂର୍ବରୁ, ଟିମ ଇଣ୍ଡିଆର ଷ୍ଟାର ପେସର ଜସପ୍ରିତ ବୁମରା ହଠାତ୍ ପଡ଼ିଆରେ ଆକ୍ରମଣର ଶିକାର ହୋଇଥିଲେ, ଯାହା ଫଳରେ ମ୍ୟାଚ ବନ୍ଦ କରିବାକୁ ପଡିଥିଲା।।

ହେଡିଂଲିରେ ପ୍ରଥମ ଟେଷ୍ଟ ମ୍ୟାଚ ଏବଂ ଏଜବାଷ୍ଟନରେ ଦ୍ୱିତୀୟ ଟେଷ୍ଟ ମ୍ୟାଚର ହାଇ ସ୍କୋରିଂ ମ୍ୟାଚ ପରେ, ଲର୍ଡସରେ ତୃତୀୟ ଟେଷ୍ଟ ଆରମ୍ଭ ହୋଇଥିଲା। ମ୍ୟାଚର ପ୍ରଥମ ଦିନ କମ ସ୍କୋରିଂ ଥିଲା। ପ୍ରଥମେ ବ୍ୟାଟିଂ କରୁଥିବା ଇଂଲଣ୍ଡ ଦଳ ୩୦୦ ରନ ମଧ୍ୟ କରିପାରି ନ ଥିଲା। ଟିମ ଇଣ୍ଡିଆ। ଅଧିକ ଉଇକେଟ ପାଇ ନ ଥିଲା ଏବଂ ଭାରତୀୟ ବୋଲରମାନଙ୍କୁ କଠିନ ପରିଶ୍ରମ କରିବାକୁ ପଡିଥିଲା। ଏହି ସମୟ ମଧ୍ୟରେ ଦର୍ଶକଙ୍କ ପାଇଁ ଦିନର ଖେଳରେ ମଧ୍ୟ ବହୁତ ଉତ୍ସାହ ନ ଥିଲା।ପ୍ରଥମ ଦିନର ଖେଳ ଶେଷ ହେବାର ୧୫ ମିନିଟ ପୂର୍ବରୁ, ମ୍ୟାଚ ହଠାତ୍ ବାଧାପ୍ରାପ୍ତ ହୋଇଥିଲା। ଫିଲ୍ଡିଂ କରୁଥିବା ଭାରତୀୟ ପେସର ବୁମରା ଅସ୍ଥିର ଦେଖାଯିବା ଆରମ୍ଭ କଲେ ଏବଂ ପବନରେ ହାତ ହଲାଇବା ଆରମ୍ଭ କଲେ। ପରିସ୍ଥିତି ସ୍ପଷ୍ଟ ହେବା ପରେ ଜଣାପଡିଲା, ପଡ଼ିଆରେ ଲେଡିବାର୍ଡସ ତାଙ୍କୁ ଆକ୍ରମଣ କରିଛନ୍ତି। ଏହା ଯୋଗୁ ସେ ବହୁତ ବିରକ୍ତ ଦେଖାଯାଉଥିଲେ। ଖୁବ ଶୀଘ୍ର, ଏହି କୀଟପତଙ୍ଗ ବ୍ୟାଟସମ୍ୟାନ ଏବଂ ଅନ୍ୟ ଫିଲ୍ଡରଙ୍କ ପାଖରେ ମଧ୍ୟ ପହଞ୍ଚିଗଲା। ଏହି କାରଣରୁ, ଅମ୍ପାୟାରମାନେ କିଛି ସମୟ ପାଇଁ ଖେଳ ବନ୍ଦ କରିଦେଲେ ଶେଷରେ ୫ ମିନିଟ ପାଇଁ ବନ୍ଦ କରାଯିବା ପରେ, ମ୍ୟାଚ ପୁଣି ଥରେ ଆରମ୍ଭ ହୋଇଥିଲା।



# ଆଇପିଏଲ ୨୦୨୬: ଗ୍ରୁପ ବିଭାଜନ ଓ ସୂଚୀରେ ବଡ଼ ପରିବର୍ତ୍ତନ



ମୁମ୍ବାଇ ୧୧।୭(ମହାଭାରତ): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୬ ସଂସ୍କରଣ ପାଇଁ ବଡ଼ ଖବର ସାମ୍ନାକୁ ଆସିଛି ଗ୍ରୁପ ବିଭାଜନ ଓ ଟୁର୍ଣ୍ଣାମେଣ୍ଟର ସୂଚୀରେ ପରିବର୍ତ୍ତନ ଆସିବାକୁ ଯାଉଛି। ଆଇପିଏଲ ପରିଚାଳନା ପରିଷଦ ପୁରୁଣା ଢାଞ୍ଚାକୁ ଫେରିବାକୁ ଚିନ୍ତାକରୁଛି, ଯେଉଁଥିରେ ୧୦ଟି ଦଳ ଏକ ଗ୍ରୁପରେ ରହି ପରସ୍ପର ବିପକ୍ଷରେ ଦୁଇଥର ମୁହାଁମୁହିଁ ହେବେ। ୨୦୨୫ ସଂସ୍କରଣରେ ୫ଟି ଦଳ ବିଶିଷ୍ଟ ଦୁଇଟି ଗ୍ରୁପରେ ବିଭାଜିତ ହୋଇ ୭୦ଟି ଲିଗ୍ ମ୍ୟାଚ ଖେଳାଯାଇଥିଲା।

କିନ୍ତୁ ଆଇପିଏଲ ୨୦୨୬ରେ ଗ୍ରୁପ ବିଭାଜନ ଉଠାଇ ସମସ୍ତ ୧୦ଟି ଦଳକୁ ଏକ ଗ୍ରୁପରେ ରଖିବା ପାଇଁ ଆଲୋଚନା ଚାଲିଛି ଏହା ହେଲେ ପ୍ରତ୍ୟେକ ଦଳ ୧୮ଟି ଲିଗ୍ ମ୍ୟାଚ ଖେଳିବ, ଯାହା ଟୁର୍ଣ୍ଣାମେଣ୍ଟର ଅବଧିକୁ ଆହୁରି ତିନି ସପ୍ତାହ ବଢ଼ାଇବ। ଏହା ଦୁନିଆର ଆଇପିଏଲ ପ୍ରେମୀଙ୍କ ପାଇଁ ଉତ୍ସାହ ବଢ଼ାଇବ, କାରଣ ସେମାନେ ନିଜର ପସନ୍ଦର ଖେଳାଳି ଓ ତାରକାଙ୍କୁ ଅଧିକ ସମୟ ପର୍ଦାରେ ଦେଖିପାରିବେ। କିନ୍ତୁ, ଏହି ବର୍ଦ୍ଧିତ ସୂଚୀ ଭାରତୀୟ କ୍ରିକେଟ ଦଳର ଇଂଲଣ୍ଡ ଗସ୍ତ ପାଇଁ ଚାପ ସୃଷ୍ଟି କରିପାରେ ଜାତୀୟ ଦଳର ଖେଳାଳିମାନଙ୍କୁ ଟେଷ୍ଟ ସିରିଜ ପାଇଁ ପ୍ରସ୍ତୁତି ନେବାକୁ ସମୟ କମ ମିଳିପାରେ।

ହୁଲିହାନ ଲୋକୀ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ଆଇପିଏଲର ବ୍ୟବସାୟିକ ମୂଲ୍ୟ ୧୮.୫ ବିଲିୟନ ଡଲାରକୁ ବୃଦ୍ଧି ପାଇଛି, ଯାହା ଗତ ବର୍ଷଠାରୁ ୧୨.୯% ଅଧିକ ବର୍ତ୍ତମାନର ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ୨୬୯ ମିଲିୟନ ଡଲାର ବ୍ରାଣ୍ଡ ମୂଲ୍ୟ ସହ ଶୀର୍ଷ ସ୍ଥାନରେ ରହିଛି, ଯାହା ଗତ ବର୍ଷ ୨୨୭ ମିଲିୟନ ଡଲାର ଥିଲା। ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ) ୨୪୨ ମିଲିୟନ ଡଲାର ସହ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ପାଞ୍ଚଥର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ୨୩୫ ମିଲିୟନ ଡଲାର ସହ ତୃତୀୟ ସ୍ଥାନକୁ ଖସିଛି। ସିଏସକେର ଏହି ଅବନତିର କାରଣ ଗତ ସିଜନରେ ପଏଣ୍ଟ ତାଲିକାରେ ତଳେ ରହିବା ହୋଇପାରେ। ଆରସିବି ଗତ ସିଜନରେ ପାୱରପ୍ଲେ ଓ ଡେଥ ଓଭରରେ ଚମତ୍କାର ବୋଲିଂ ପ୍ରଦର୍ଶନ କରି ପ୍ରଥମ ଥର ପାଇଁ ଆଇପିଏଲ ଟାଇଟଲ ଜିତିଥିଲା। ଏହି ସଫଳତା ସେମାନଙ୍କ ବ୍ରାଣ୍ଡ ମୂଲ୍ୟ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

# ଫାଇନାଲ୍‌ରେ ଆମାଣ୍ଡା-ସ୍ୱିଟେକ

ନ୍ୟୁୟର୍କ,୧୧।୭(ମହାଭାରତ): ଚଳିତ ୱିମ୍ବଲଡନ୍ ମହିଳା ଏକକ ଫାଇନାଲ୍‌ରେ ଆମେରିକାର ଆମାଣ୍ଡା ଆନିସିମୋଭା ଏବଂ ପୋଲାଣ୍ଡର ଇଗା ସ୍ୱିଟେକ୍ ମୁହାଁମୁହିଁ ହେବେ। ଗୁରୁବାର ପ୍ରଥମ ସେମିଫାଇନାଲ୍‌ରେ ତ୍ରୟୋଦଶ ମାନ୍ୟତାପ୍ରାପ୍ତ ଆମାଣ୍ଡା ୬-୪, ୪-୬, ୬-୪ରେ ଶୀର୍ଷ ମାନ୍ୟତାପ୍ରାପ୍ତ ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରି ଆଗକୁ ବଢ଼ିଛନ୍ତି। ୨୩ ବର୍ଷୀୟା ଫ୍ଲୋରିଡ଼ା ଝିଅ ଆମାଣ୍ଡା ପ୍ରଥମ ଥର ପାଇଁ ଏକ ଗ୍ରାଣ୍ଡ ସ୍ଲାମ ଫାଇନାଲ୍ ଖେଳିବେ। ସେରେନା ୱିଲିୟମ୍ସ (୨୦୦୪)ଙ୍କ ପରେ ସର୍ବକନିଷ୍ଠ ଆମେରିକୀୟ ମହିଳା ଭାବେ ଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି। ସେ ଅନ୍ୟପକ୍ଷରେ ଦ୍ୱିତୀୟ ସେମିଫାଇନାଲ୍‌ରେ ୫ ଥର ଗ୍ରାଣ୍ଡ ସ୍ଲାମ ବିଜେତା ପୋଲାଣ୍ଡର ଇଗା ସ୍ୱିତକେ ୬-୨, ୬-୦ରେ ସ୍ୱିଜରଲାଣ୍ଡର ବେଲିଣ୍ଡା ବେନ୍‌ସିକ୍‌ଙ୍କୁ ଏକତରଫା ଭାବେ ପରାସ୍ତ କରିଥିଲେ।

# ଇଂଲଣ୍ଡ ମାଟିରେ ସିରିଜ ଜିତିଲା ମହିଳା ଦଳ

ନୂଆଦିଲ୍ଲୀ,୧୧।୭(ମହାଭାରତ): ଭାରତ ଏବଂ ଇଂଲଣ୍ଡ ମହିଳା ଦଳ ମଧ୍ୟରେ ଚାଲିଛି ଟି-୨୦ ସିରିଜ୍। ଦୁଇ ଦଳ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଖେଳାଯାଉଛି। ଏହି ମ୍ୟାଚରେ ପ୍ରଥମ ଥର ପାଇଁ, ଏହା ଇଂଲଣ୍ଡ ବିପକ୍ଷରେ ନିଜ ମାଟିରେ ଟି-୨୦ ସିରିଜ୍ ଜିତିଛି ଭାରତୀୟ ମହିଳା କ୍ରିକେଟ ଟିମ।

ସବୁଠାରୁ ବଡ଼ କଥା ହେଲା ଏହି ମ୍ୟାଚରେ ଟିମ ଇଣ୍ଡିଆର ଅଭିଜ୍ଞ ସ୍ପିନର ଦୀପ୍ତି ଶର୍ମା ଇତିହାସ ରଚିଛନ୍ତି। ସେ ଏବେ ମହିଳା ଟି-୨୦ ଇଣ୍ଟରନ୍ୟାସନାଲରେ ସର୍ବାଧିକ ୱିକେଟ ନେଇଥିବା ସ୍ପିନର ହୋଇଛନ୍ତି। ଏପରିକି ସେ ପାକିସ୍ତାନୀ ସ୍ପିନର ନିଦା ଡାରଙ୍କୁ ପଛରେ ପକାଇ ନମ୍ବର ୧ ନ ପୋଜିସନକୁ ଆସିଛନ୍ତି।

ପୂର୍ବରୁ, ମହିଳା ଟି-୨୦ ଆନ୍ତର୍ଜାତୀୟରେ ସ୍ପିନରମାନଙ୍କ ମଧ୍ୟରେ ସର୍ବାଧିକ ୱିକେଟ୍ ନେବାର ରେକର୍ଡ ନିଦା ଡାରଙ୍କ ନାମରେ ଥିଲା। ସେ ଏହି ଫର୍ମାଟରେ ୧୪୪ ୱିକେଟ୍ ନେଇଥିଲେ। କିନ୍ତୁ ଏବେ ଦୀପ୍ତି ଶର୍ମା ତାଙ୍କୁ ପଛରେ ପକାଇ ସର୍ବାଧିକ ୱିକେଟ୍ ନେଇଥିବା ସ୍ପିନର ହୋଇଛନ୍ତି। ତାଙ୍କ ନାମରେ ବର୍ତ୍ତମାନ ୧୪୫ଟି ୱିକେଟ ଅଛି।ଦୀପ୍ତି ଶର୍ମାଙ୍କ ବିଷୟରେ କହିବାକୁ ଗଲେ, ସେ ଏପର୍ଯ୍ୟନ୍ତ ୫ଟି ଟେଷ୍ଟ, ୧୦୬ଟି ଦିନିକିଆ ଏବଂ ୧୨୭ଟି ଟି-୨୦ରେ ଭାରତକୁ ପ୍ରତିନିଧି କରିଛନ୍ତି। ସେ ଟେଷ୍ଟରେ ୨୦ଟି, ଦିନିକିଆରେ ୧୩୫ଟି ଏବଂ ଟି୨୦ରେ ୧୪୪ଟିୱିକେଟ ନେଇଛନ୍ତି। ସେ ଲିମିଟେଡ ଓଭର ଫର୍ମାଟରେ ଭାରତର ସବୁଠାରୁ ସଫଳ ଅଲରାଉଣ୍ଡରଙ୍କ ମଧ୍ୟରୁ ଜଣେ ମହିଳା ଟି-୨୦ରେ ତାଙ୍କ ନାମରେ ଏକ ଶତକ ମଧ୍ୟ ଅଛି। ମାଞ୍ଚେଷ୍ଟରରେ ଖେଳାଯାଇଥିବା ଚତୁର୍ଥ ଟି-୨୦ ବିଷୟରେ କହିବାକୁ ଗଲେ, ଟିମ୍ ଇଣ୍ଡିଆ। ୬ଟି ୱିକେଟରେ ବିଜୟୀ ହୋଇଛି ଏବଂ ୫ଟି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ୩-୧ରେ ଅପ୍ରତିଦ୍ୱନ୍ଦ୍ୱୀ ଅଗ୍ରଣୀ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୭ ୱିକେଟ୍ ହରାଇ ୧୨୬ ରନ୍ କରିଥିଲା। ଜବାବରେ ଟିମ୍ ଇଣ୍ଡିଆ ୧୭ ଓଭରରେ ୪ ୱିକେଟ୍ ହରାଇ ୧୨୭ ରନ୍ ଲକ୍ଷ୍ୟ ହାସଲ କରିଥିଲା ରାଧା ଯାଦବଙ୍କୁ ତାଙ୍କ ଚମତ୍କାର ପ୍ରଦର୍ଶନ ପାଇଁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଆୱାର୍ଡ ଦିଆଯାଇଛି।




# ଲର୍ଡସ୍ ପାଭିଲିଅନ୍‌ରେ ସଚିନଙ୍କ ପେଣ୍ଟିଂ

## ମୋର ଯାତ୍ରା ପୂରା ହୋଇଛି : ସଚିନ

ନୂଆଦିଲ୍ଲୀ,୧୧।୭(ମହାଭାରତ): ଭାରତର କ୍ରିକେଟ୍ ଯାଦୁଗର ସଚିନ ତେନ୍ଦୁଲକରଙ୍କ ପାଇଁ ଏକ ସ୍ମରଣୀୟ ଦିନ ଲଣ୍ଡନରେ ୩ୟ ଟେଷ୍ଟ୍ କ୍ରିକେଟ ମ୍ୟାଚ୍ ପୂର୍ବରୁ ପାଭିଲିଅନ୍‌ରେ ଉନ୍ମୋଚିତ ହୋଇଛି ସଚିନଙ୍କ ଚିତ୍ରକଳା। ଏ ଅବସରରେ ସଚିନ ଉପସ୍ଥିତ ଥିଲେ। ଏହି ସ୍ମରଣୀୟ ମୁହୂର୍ତ୍ତର ଅନୁଭବକୁ ବର୍ଣ୍ଣନା କରି ସେ କହିଲେ ୧୯୮୩ରେ ଯେତେବେଳେ ଭାରତ ବିଶ୍ୱକପ୍ ଜିତିଲା, ସେତେବେଳେ ମୁଁ ପ୍ରଥମ ଥର ଲର୍ଡସ୍‌କୁ ଦେଖିଥିଲି ଆମ କ୍ୟାପ୍ଟେନ୍ କପିଲ ଦେବଙ୍କୁ ଟ୍ରଫି ଉଠାଇବାର ଦେଖିଥିଲି ଏବଂ ସେଠାରୁ ମୋର କ୍ରିକେଟ୍ ଯାତ୍ରା ଆରମ୍ଭ ହୋଇଥିଲା। ଆଜି ଲର୍ଡସ୍‌ର ପାଭିଲିଅନ୍‌ରେ ମୋର ପେଣ୍ଟିଂକୁ ଦେଖି ମନେହେଉଛି ଯେମିତି ମୋର ଯାତ୍ରା ପୂରା ହୋଇଛି।

ସଚିନଙ୍କ ପେଣ୍ଟିଂ ଲର୍ଡସ୍‌ର ମ୍ୟାରିଲବୋନ୍ କ୍ରିକେଟ୍ କ୍ଲବ୍ (ଏମ୍‌ସିସି) ରେ ସ୍ଥାନ ପାଇଛି। ପରେ ଏହା ଲର୍ଡସ୍‌ର ବିଶାଳ ପାଭିଲିଅନ୍‌କୁ ସ୍ଥାନାନ୍ତର କରାଯିବ। ଚିତ୍ରଟି ସଚିନଙ୍କ ୨୦୦୦ ମସିହା ପ୍ରାରମ୍ଭ ସମୟର ଫଟୋ ଉପରେ ପର୍ଯ୍ୟବସିତ, ଯେଉଁଥିରେ ସଚିନ ଭାରତର ଧଳା ଟେଷ୍ଟ୍ ମ୍ୟାଚ୍ ପୋଷାକ ପିନ୍ଧିଛନ୍ତି ଏବଂ ଛୋଟ ଓ କୁଞ୍ଚୁକୁଞ୍ଚିଆ କେଶରେ ପୋଜ୍ ଦେଇଛନ୍ତି।

ଷ୍ଟୁଆର୍ଟ ପିଅରସନ୍ ରାଇଟ୍ ସଚିନଙ୍କର ଏହି ପେଣ୍ଟିଂକୁ ପ୍ରସ୍ତୁତ କରିଛନ୍ତି। ୧୮ ବର୍ଷ ତଳେ ସଚିନଙ୍କର ଏହି ଫଟୋକୁ ସେ ଘରକୁ ଆଣିଥିଲେ।



ପିଅରସନ୍ ପୂର୍ବରୁ ଭାରତୀୟ କ୍ରିକେଟ୍ ଜଗତର କିମ୍ବଦନ୍ତୀ ତାରକା କପିଳ ଦେବ, ଦିଲିପ ଭେଙ୍ଗସରକର ଓ ବିଶନ ସିଂହ ବେଦୀଙ୍କ ଚିତ୍ରକଳା ପ୍ରସ୍ତୁତ କରିଛନ୍ତି। ଚିତ୍ରକଳା ଉନ୍ମୋଚନ ଅବସରରେ ସଚିନ ନିଜର ପୁରୁଣା ସ୍ମୃତିକୁ ଫେରିଯାଇଛନ୍ତି। ସୋସିଆଲ ମିଡିଆ। ପୋଷ୍ଟରେ ପ୍ରସିଦ୍ଧ ଲର୍ଡସ୍ ଗ୍ରାଉଣ୍ଡ ସହ ନିଜର ସ୍ମୃତିକୁ ସେ ବର୍ଣ୍ଣନା କରିଛନ୍ତି। ୧୯୮୮ ମସିହାରେ ସେ ଇଂଲଣ୍ଡ ଯାଇଥିଲେ।୧୯୮୯ ମସିହାରେ ମୁମ୍ବାଇର ପୂର୍ବତନ କ୍ରିକେଟର୍ କୈଳାଶ ଗଟ୍ଟାନିଙ୍କ ଦ୍ୱାରା ପରିଚାଳିତ ଷ୍ଟାର୍ କ୍ରିକେଟ୍ କ୍ଲବ୍ ଜରିଆରେ ସେ ଲର୍ଡସ୍ ଗସ୍ତ କରିଥିଲେ। କୈଳାଶ ପ୍ରତିଭାସମ୍ପନ୍ନ ଯୁବ ଖେଳାଳିଙ୍କ ପାଇଁ ବିଦେଶ ଗସ୍ତର ଆୟୋଜନ କରିଥିଲେ। ଏହି ଗସ୍ତରେ ସଚିନ ଲର୍ଡସ୍ ପାଭିଲିଅନ୍‌ରେ ଠିଆ ହୋଇଥିଲେ।ଏବେ ସେହି ପାଭିଲିଅନ୍‌ରେ ତାଙ୍କ ଚିତ୍ରକଳା ଉନ୍ମୋଚିତ ହୋଇଛି, ଯାହାର ଖୁସିକୁ ବର୍ଣ୍ଣନା କରିବା ପାଇଁ ତାଙ୍କ ପାଖରେ ଶବ୍ଦ ନାହିଁ ବୋଲି ସଚିନ କହିଛନ୍ତି। ଏହି ସମ୍ମାନ ପାଇଁ ସେ କୃତଜ୍ଞତା ଜଣାଇଛନ୍ତି। ଲର୍ଡସ୍‌ରେ ସ୍ଥାନ ପାଇଥିବା ଅନ୍ୟ ଚିତ୍ରକଳା ପୂର୍ଣ୍ଣ-ଲମ୍ବର, କିନ୍ତୁ ତେନ୍ଦୁଲକରଙ୍କୁ ଚିତ୍ରରେ ମୁଣ୍ଡରୁ କାନ୍ଧ ପର୍ଯ୍ୟନ୍ତ ବର୍ଣ୍ଣନା କରାଯାଇଛି। ମ୍ୟାରିଲବୋନ୍ କ୍ରିକେଟ୍ କ୍ଲବ୍ ଭିକ୍ଟୋରିଆ ସମୟରୁ କଳା ଓ କଳାକୃତିଗୁଡ଼ିକର ସଂଗ୍ରହ କରିଆସୁଥିଲେ ମଧ୍ୟ, ଲର୍ଡସ୍‌ର ଏହି ଚିତ୍ରକଳା କାର୍ଯ୍ୟକ୍ରମ ଦୀର୍ଘ ୩ ଦଶନ୍ଧି ଧରି ଜାରି ରହିଛି। ୧୯୫୦ରେ ଖୋଲିଥିବା ଏହି ମ୍ୟୁଜିୟମ୍ ୟୁରୋପର ସର୍ବପ୍ରାଚୀନ କ୍ରୀଡ଼ା ମ୍ୟୁଜିୟମ୍ ଭାବେ ପରିଚିତ।

# ଗାଭାସ୍କରଙ୍କ ୭୬ତମ ଜନ୍ମଦିନ

ନୂଆଦିଲ୍ଲୀ,୧୧।୭(ମହାଭାରତ): ଭାରତୀୟ କ୍ରିକେଟ ଇତିହାସର ସର୍ବଶ୍ରେଷ୍ଠ ବ୍ୟାଟରଙ୍କ ମଧ୍ୟରୁ ଜଣେ ଏବଂ ଲିଟିଲ୍ ମାଷ୍ଟର ନାମରେ ପ୍ରସିଦ୍ଧି ଲାଭ କରିଥିବା ସୁନୀଲ ଗାଭାସ୍କର ଆଜି ନିଜର ୭୬ତମ ଜନ୍ମଦିନ ପାଳନ କରୁଛନ୍ତି। ୧୦ ଜୁଲାଇ ୧୯୪୯ରେ ମୁମ୍ବାଇରେ ଜନ୍ମଗ୍ରହଣ କରିଥିବା ଗାଭାସ୍କର ଭାରତୀୟ କ୍ରିକେଟକୁ ଏକ ନୂତନ ପରିଚୟ ଦେଇଥିଲେ ଏବଂ ତାଙ୍କର ଉତ୍କୃଷ୍ଟ କୌଶଳ ଏବଂ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ଦ୍ୱାରା ସାରା ବିଶ୍ୱରେ ସେ ପ୍ରସିଦ୍ଧି ଅର୍ଜନ କରିଥିଲେ। ଗାଭାସ୍କର ଏପରି ଏକ ଯୁଗରେ କ୍ରିକେଟ ଖେଳିଥିଲେ ଯେତେବେଳେ ଦ୍ରୁତ ବୋଲରମାନଙ୍କର ରାଜ ଚାଲିଥିଲା ସେ ୱେଷ୍ଟଇଣ୍ଡିଜ୍, ଅଷ୍ଟ୍ରେଲିଆ। ଏବଂ ଇଂଲଣ୍ଡ ଭଳି ଟିମର ଘାତକ ବୋଲରଙ୍କ ସାମ୍ନା କରିଥିଲେ ଏବଂ ଅନେକ ଥର ଏକାକୀ ମ୍ୟାଚ୍‌ରେ ଭାରତୀୟ ଦଳକୁ ମଜବୁତ କରିଥିଲେ।



ଟେଷ୍ଟରେ ଗାଭାସ୍କରଙ୍କ ଅନେକ ବଡ଼ ସଫଳତା: ସୁନୀଲ ଗାଭାସ୍କର ପ୍ରଥମ ବ୍ୟାଟର ଥିଲେ ଯିଏ ଟେଷ୍ଟ କ୍ରିକେଟରେ ୧୦୦୦୦ ରନ ପୂରଣ କରିଥିଲେ। ସେ ତାଙ୍କ କ୍ୟାରିୟରରେ ୧୨୫ ଟେଷ୍ଟ ମ୍ୟାଚରେ ୧୦,୧୨୨ ରନ କରିଥିଲେ, ଯେଉଁଥିରେ ୩୪ ଶତକ ଏବଂ ୪୫ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ ସେ ଟେଷ୍ଟରେ ୧୦ ହଜାର ରନ କରିଥିବା ବିଶ୍ୱର ପ୍ରଥମ ବ୍ୟାଟସମ୍ୟାନ ହୋଇଥିଲେ।

ସେ ତାଙ୍କର ଦୃଢ଼ ପ୍ରତିରକ୍ଷା ପାଇଁ ଜଣାଶୁଣା ଥିଲେ ଏଥିସହ ସେ ଆକ୍ରମଣାତ୍ମକ ଶୈଳୀରେ ଖେଳିପାରୁଥିଲେ। ସେ ସାରା ବିଶ୍ୱରେ ନିଜର ବ୍ୟାଟିଂ ଦକ୍ଷତା ପ୍ରମାଣିତ କରିଥିଲେ। ସେ ବିଶ୍ୱର ଏକମାତ୍ର ବ୍ୟାଟସମ୍ୟାନ ଯିଏ ଏକ ଟେଷ୍ଟ ମ୍ୟାଚର ସମସ୍ତ ୪ ଇନିଂସରେ ଦ୍ୱିଶତକ ହାସଲ କରିଥିଲେ।

୧୯୭୧ ମସିହାରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ସେ ପ୍ରଥମ ଟେଷ୍ଟ ସିରିଜରେ ୧୫୪.୮୦ ହାରରେ ୭୭୪ ରନ କରିଥିଲେ ଭାରତ ପକ୍ଷରୁ ଏକ ଟେଷ୍ଟ ସିରିଜରେ ସର୍ବାଧିକ ରନ କରିବାର ଏହି ରେକର୍ଡ ଆଜି ମଧ୍ୟ ରହିଛି।

କେବଳ ଏତିକି ନୁହେଁ, ଏହା ଏକ ଡେବ୍ୟୁ ଟେଷ୍ଟ ସିରିଜରେ ସର୍ବାଧିକ ରନ କରିବାର ରେକର୍ଡ ମଧ୍ୟ ସେ ଦିନିକିଆ। କ୍ରିକେଟରେ ୧୦୮ ମ୍ୟାଚ ଖେଳିଥିଲେ ଏବଂ ୩ ଅର୍ଦ୍ଧଶତକ ହାସଲ କରିଥିଲେ। ୧୯୮୩ ମସିହାରେ ବିଶ୍ୱକପ୍ ଜିତିଥିବା ଭାରତୀୟ ଦଳର ମଧ୍ୟ ଗାଭାସ୍କର ଜଣେ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲେ।ସୁନୀଲ ଗାଭାସ୍କରଙ୍କ ଜନ୍ମଦିନର ବିଶେଷ ଅବସରରେ, କ୍ରିକେଟ ଜଗତର ଅନେକ ଦିଗ୍ଗଜ ଏବଂ ପ୍ରଶଂସକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ହାପି ବାର୍ଥଡେ ଲିଟିଲ୍ ମାଷ୍ଟର ବର୍ତ୍ତମାନ ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି ଏବଂ ଲୋକମାନେ ତାଙ୍କ ଐତିହାସିକ ରେକର୍ଡଗୁଡ଼ିକୁ ମନେ ପକାଇ ଶୁଭେଚ୍ଛା ବାର୍ତ୍ତା ପଠାଉଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ